

ରେକର୍ଡ କଲେ ଯଶସ୍ୱୀ ଜୈସୱାଲ | ୧୪୭ ବର୍ଷରେ ପ୍ରଥମ | ପୃଷ୍ଠା ୬

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 181 | ଭାଗ ୩୨ | ସଂଖ୍ୟା ୧୮୧ | Bhubaneswar | Friday 20 September 2024 | Page 8 ₹ 4.00 | ଭୁବନେଶ୍ୱର | ଶୁକ୍ରବାର ୨୦ ସେପ୍ଟେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ସବୁ ଜିଲ୍ଲାରେ ହେବ ମେଡିକାଲ କଲେଜ



**ଭୁବନେଶ୍ୱର, ୧୯।୯ (ସଂଚାର ବ୍ୟୁରୋ):** ରାଜ୍ୟର ସମସ୍ତ ଜିଲ୍ଲାରେ ହେବ ମେଡିକାଲ କଲେଜ। ଖୁବ୍ ଶୀଘ୍ର ଏଥିନିମନ୍ତେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ହୋଇ କାମ ଆରମ୍ଭ ହେବ। ରାଜ୍ୟରେ ମୋହନ ସରକାରକୁ ୧୦୦ ଦିନ ପୂରିଥିବା ବେଳେ ଏପରି ଘୋଷଣା କରିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ। ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି, ଏବେ ରାଜ୍ୟରେ ୧୧ଟି ମେଡିକାଲ କଲେଜ କାର୍ଯ୍ୟକ୍ଷମ ଅଛି। ତାଳଚେର ଓ କନ୍ଧମାଳରେ ଆଉ ଦୁଇଟି ମେଡିକାଲ କଲେଜ ନିର୍ମାଣ ପାଇପ ଲାଇନରେ ରହିଛି। ତାହା ମଧ୍ୟ ଖୁବଶୀଘ୍ର ଆରମ୍ଭ ହେବ। ଏହା ବ୍ୟତିତ ଅନ୍ୟସବୁ ଜିଲ୍ଲାରେ ବି ନିର୍ମାଣ ହେବ ମେଡିକାଲ କଲେଜ। ସ୍ୱାସ୍ଥ୍ୟ ବିଭାଗ ଏ ସମ୍ପର୍କୀତ ସମସ୍ତ ବ୍ୟବସ୍ଥାର ତଦାରଖ କରୁଛି। ମେଡିକାଲ କଲେଜ ନିର୍ମାଣ ସହ ଅଧ୍ୟାପକ ନିଯୁକ୍ତି ଉପରେ ବି ଗୁରୁତ୍ୱାରୋପ କରାଯାଉଛି। ଆମ ରାଜ୍ୟବାସୀ ଯେପରି ଉନ୍ନତମାନର ସ୍ୱାସ୍ଥ୍ୟସେବା ପାଇପାରିବେ ସେଥିପ୍ରତି ସରକାର ଯତ୍ନବାନ ଓ ସଚେତନ ଅଛନ୍ତି। ଏଦିଗରେ କାମ ➪ ପୃଷ୍ଠା-୬

## ମୋହନ ସରକାରଙ୍କ ୧୦୦ ଦିନ

# କହିଥିଲୁ..କଲୁ...କରିବୁ

- ସଂକଳ୍ପପତ୍ର ଆମର ଧର୍ମଗ୍ରନ୍ଥ
- ଆସନ୍ତା ୧୨ ବର୍ଷରେ ସମୃଦ୍ଧ ଓଡ଼ିଶା ଗଠନ
- ପ୍ରଥମ ୧୦୦ ଦିନରେ ପ୍ରକ୍ରିୟା ଆରମ୍ଭ ହୋଇଛି
- ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହାର ୫୦% ଓ ବେଆଇନ ସଂପତ୍ତି ମାମଲାରେ ଦୋଷୀ ସାବ୍ୟସ୍ତ ହାର ୮୦%



**ପୁରୀ, ୧୯।୯ (ସଂଚାର ବ୍ୟୁରୋ):** 'ପ୍ରଜା ଲାଗି ରାଜା, ପ୍ରଜା ହିତେ ରାଜନୀତି, ପ୍ରଜା ଇଚ୍ଛା ଅଭିମତ ରାଜ୍ୟ ମୂଳ ଭିତ୍ତି' ବୋଲି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଏକ ପ୍ରସିଦ୍ଧ ପଂକ୍ତିକୁ ମନେ ପକାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି। ସରକାରର ଶହେ ଦିନ ପୂର୍ତ୍ତି ଅବସରରେ ପୁରୀରେ ଆୟୋଜିତ କାର୍ଯ୍ୟକ୍ରମରେ ବକ୍ତବ୍ୟ ପ୍ରଦାନ କରି ସେ କହିଛନ୍ତି, ଗଣତନ୍ତ୍ରରେ ସରକାର ପ୍ରଜାଙ୍କର ଓ ପ୍ରଜାଙ୍କ ପାଇଁ। ଲୋକ ମତ, ଲୋକ ହିତ ଓ ଲୋକ ସ୍ୱାର୍ଥ ହିଁ ସର୍ବୋପରି। ଆମ ସରକାର ଲୋକଙ୍କ ସମର୍ଥନରେ ଗଢା ହୋଇଥିବା ଲୋକଙ୍କ ସରକାର। ଦୀର୍ଘ ୨୪ ବର୍ଷର ଅହଙ୍କାରୀ ଓ ଲୋକ ବିରୋଧୀ ସରକାରର ପତନ ଘଟିଛି। ସେମାନେ ସ୍ୱାର୍ଥ ପୂରଣ ପାଇଁ ମହାପ୍ରଭୁ ଜଗନ୍ନାଥଙ୍କୁ ମଧ୍ୟ ଭୋଟ ରାଜନୀତି ପାଇଁ ବ୍ୟବହାର କରିଥିଲେ। ଏହାଠାରୁ ନୀଚ କାର୍ଯ୍ୟ ଆଉ କଣ ହୋଇପାରେ! ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ନୂଆ ସରକାର ୧୦୦ ଦିନ ମଧ୍ୟରେ ସମସ୍ତ ପ୍ରମୁଖ ପ୍ରତିଶ୍ରୁତି ପାଳନ କରିଛି। ନିର୍ବାଚନ ସମୟରେ ଆମେ ଲୋକଙ୍କୁ କିଛି ପ୍ରତିଶ୍ରୁତି ଦେଇଥିଲୁ ଓ ଆମର ସଂକଳ୍ପକୁ ଘୋଷଣା କରିଥିଲୁ। ଆମ ଦଳର ନେତୃବୃନ୍ଦ ଲୋକଙ୍କ ମତକୁ ଗୁରୁତ୍ୱ ଦେଇ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସଂକଳ୍ପପତ୍ର ତିଆରି କରିଥିଲେ। ଆମ ପାଇଁ ଆମ ସଂକଳ୍ପପତ୍ର ଆମ ଧର୍ମଗ୍ରନ୍ଥ ବୋଲି ସେ କହିଥିଲେ।

ଅଭିଭାଷଣର ଆରମ୍ଭରେ ମୁଖ୍ୟମନ୍ତ୍ରୀ ମହାପ୍ରଭୁ ଜଗନ୍ନାଥଙ୍କୁ ସ୍ମରଣ କରି କହିଥିଲେ, ମହାପ୍ରଭୁ ଆମ ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ ଓ ଓଡ଼ିଶାର ଲୋକଙ୍କ ପାଇଁ କାମ କରିଯିବା ପାଇଁ ଉତ୍ସାହ ତଥା ପ୍ରେରଣା ଯୋଗାଇ ଦେଉଥାନ୍ତୁ। ସେ ହିଁ କର୍ତ୍ତା, ଆମେ କେବଳ ଦାୟିତ୍ୱ ନିର୍ବାହ କରୁଛୁ। ଆଜି ଶ୍ରୀକ୍ଷେତ୍ରରେ ଉପସ୍ଥିତ ହୋଇ ମୁଁ ନିଜକୁ କୃତାର୍ଥ ମନେ କରୁଛି। ଜନତାଙ୍କ ଆଶୀର୍ବାଦରେ ୨୦୩୬ରେ ସମୃଦ୍ଧ ଓଡିଶା ଗଠନର ସଂକଳ୍ପ ପୂରଣ ହେବ । ଏହାର ମୂଳଦୁଆ ପ୍ରଥମ ୫ ବର୍ଷରେ ପଡିବ। ଏହାର ପ୍ରକ୍ରିୟା ପ୍ରଥମ ୧୦୦ ଦିନ ମଧ୍ୟରେ ଆରମ୍ଭ ହୋଇ ସାରିଛି। ବିକଶିତ ଭାରତରେ ଓଡିଶା ନିଶ୍ଚିତ ଭାବରେ ବିକାଶର ରେଳ ଗାଡିରେ ପ୍ରଥମ ବଗି ହେବ।

ସେ ପୁଣି କହିଥିଲେ, ଆଜି ଆମ ସରକାର କ୍ଷମତାକୁ ଆସିବା ପରେ ୧୦୦ ଦିନ ପୂରଣ କରୁଛି। ଖୁସିର କଥା ଯେ ଆମେ ଲୋକଙ୍କ ସରକାର ହିସାବରେ ନିଜକୁ ପ୍ରତିପାଦିତ କରିଛୁ। ବର୍ଷ ବର୍ଷ ଧରି ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣା ଯାଉ ନ ଥିଲା। ସରକାରୀ ଅଧିକାରୀଙ୍କ ଦୟାରେ ଲୋକେ ରହିଥିଲେ। ଆମେ ଏଥିରେ ପରିବର୍ତ୍ତନ ଆଣିଛୁ। ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ ସିଧାସଳଖ ଭାବରେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଓ ପ୍ରତିବିଧାନର ପ୍ରୟାସ କରୁଛନ୍ତି। ଅଭିଯୋଗ ଶୁଣାଣି ଦ୍ୱାରା ଅନେକ ➪ ପୃଷ୍ଠା-୬

## ଚାକିରି ପାଇଁ ୫୦ କୋଟି ଠକେଇ ଘଟଣା

# କାହା ଚାପରେ ଚେପା ପୋଲିସ ?

### ଠକେଇ ଟଙ୍କାରେ ନୟାପଲ୍ଲୀରେ କିଣିଛି ଫ୍ଲାଟ୍
### ଲୁଟ ଟଙ୍କାରେ ଗାଁରେ କରିଛି ଜଗନ୍ନାଥ ମନ୍ଦିର

**ଭୁବନେଶ୍ୱର, ୧୯।୯ (ସଂଚାର ବ୍ୟୁରୋ):** ବିଜେପି ସରକାର ଆସିଛି, ହେଲେ କିଛି ଅଫିସର ଙ୍କର ବିଜେଡି ହାଙ୍ଗଓଭର ଏବେ ଯାଏଁ ଯାଇନି । ପୋଲିସ ବିଭାଗରେ ଏଭଳି ଅନେକ ଗାତୁଆ ମୂଷା ରହି ଗୃହ ବିଭାଗର ଛବି କୁ ମଳିନ କରୁଥିବା ଏହି ଘଟଣାରୁ ସ୍ପଷ୍ଟ ହୋଇଛି। ଠକକୁ ଗିରଫ ନ କରି ହାଜର ହେବା ପାଇଁ ନୋଟିସ । ଶୁଣିବା କୁ ଟିକେ ଅଜବ ଲାଗୁଥିଲେ ମଧ୍ୟ କଥାଟି ସତ। ବିଜେଡି ସରକାର ଥିବାବେଳେ ଜଣେ ଯୁବନେତାଙ୍କ ଛତ୍ରଛାୟାରେ ରହି କୋଟିକୋଟି ଟଙ୍କାର ଠକେଇ କରିଥିବା ଜଣେ ଠକ ବିରୋଧରେ ବିଳମ୍ବରେ ହେଲେ ମଧ୍ୟ କେସ ରୁଜୁ କରିଥିଲା କମିଶନରେଟ ପୋଲିସ । କିନ୍ତୁ ଏବେ କେବଳ କେସ ରୁଜୁ କରି ପୁଣି ଥରେ ଚୁପ ବସିପଡିଛି କମିଶନରେଟ ପୋଲିସ। ଡିସିପିଙ୍କ ପାଖରେ ତୁରନ୍ତ ହାଜର ପାଇଁ ଅଭିଯୁକ୍ତକୁ ନୋଟିସ କରାଯାଇଛି।

ସୂଚନା ମୁତାବକ ପାଖାପାଖି ୫୦ କୋଟି ଟଙ୍କା ଠକେଇ ନେଇ ଅଭିଯୋଗ ଆସିଥିବା ବେଳେ ଏହାର




ସୂତ୍ରଧର ସାଜିଥିଲେ ପୂର୍ବ ସରକାରରରେ ପାୱାର୍ କରିଡର ସହ ଜଡିତ ଥିବା ଜଣେ ଯୁବକ। କିଛିଦିନ ତଳେ ପ୍ରକାଶ ପାଇଥିଲା ଆସିଷ୍ଟାଣ୍ଟ ସେକ୍ସନ ବା ଏଏସ୍ଓ ରେଜଲ୍ଟ । କିଛି ଛାତ୍ରଛାତ୍ରୀ ଏଥିରେ କୃତକାର୍ଯ୍ୟ ହୋଇଥିବା ବେଳେ ଆଉ କିଛି ପରୀକ୍ଷାରେ ଫେଲ ହୋଇଥିଲେ। ସେହି ସମୟରେ ଫେଲ ହୋଇଥିବା ଅଧିକାଂଶ ପିଲା କୋର୍ଟର ଦ୍ୱାରସ୍ଥ ହୋଇ ତମ୍ବିତୋଫାନ କରିଥିଲେ।

କିନ୍ତୁ ଠିକ ସେହି ସମୟରେ ଆଉ କିଛି ସଙ୍ଗୀନ ଅଭିଯୋଗ ମଧ୍ୟ ପୋଲିସର ନିଦ ହଜାଇ ଦେଇଥିଲା। ସିଧାସଳଖ ଭାବେ ଭୁବନେଶ୍ୱର ଡିସିପିଙ୍କ କାର୍ଯ୍ୟାଳୟ ଦ୍ୱାରସ୍ଥ ହୋଇଥିଲେ କିଛି ଆଶାୟୀ ଯୁବକ ଯୁବତୀ । ଜଣେ ପ୍ରଭାବଶାଳୀ ନେତାଙ୍କ ପାଖରେ ବୋଲକରା କାମ କରୁଥିବା ଜଣେ ଯୁବକ କୁଆଡେ ଚାକିରି କରାଇଦେବାକୁ କହି ମୁଣ୍ଡପିଛା ନେଇଯାଇଥିଲା ୬୦ ରୁ ୭୦ ଲକ୍ଷ ଟଙ୍କା । ଶତାଧିକ ପିଲାଙ୍କ ଠାରୁ ପାଖାପାଖି ୫୦ କୋଟି ଟଙ୍କା ନେଇ ପରବର୍ତ୍ତୀ ସମୟରେ ଧରାଛୁଆଁ ଦେଇନଥିଲା ଏହି କରିତକର୍ମା ଜଣଙ୍କ । ଆଉ ଏହି ଟଙ୍କାରେ କୁଆଡେ ନୟାପଲ୍ଲୀ ରେ ଫ୍ଲାଟ, ଫ୍ରଚୁନର ଗାଡି ଓ ଗାଁରେ ଜଗନ୍ନାଥ ମନ୍ଦିର ➪ ପୃଷ୍ଠା-୬

## ଇସ୍ପାତ ଓ ଖଣି ବିଭାଗର ଦକ୍ଷିଣୀ ପ୍ରୀତି

# ଭୂ-ତତ୍ତ୍ୱ ନିର୍ଦ୍ଦେଶାଳୟକୁ ପଙ୍ଗୁକରି ଏସ୍‌ଟିସି ଗଠନ

**ଭୁବନେଶ୍ୱର, ୧୯।୯ (ସଂଚାର ବ୍ୟୁରୋ):** ରାଜ୍ୟର କେଉଁ ଅଞ୍ଚଳରେ କି କି ପ୍ରକାରର ଖଣି ରହିଛି ଓ ଏଥିରେ କେତେ ପରିମାଣର ଖଣିଜ ସମ୍ପଦ ମହଜୁଦ ରହିଛି ତାହାର ଆକଳନ କରିବା ପାଇଁ ଭୂ-ତତ୍ତ୍ୱ ନିର୍ଦ୍ଦେଶାଳୟ ରହିଛି। ରାଜ୍ୟରେ କାମ କରୁଥିବା ପାଣ୍ଡିଆନ ଇକୋ ସିଷ୍ଟମର ଅଧିକାରୀମାନେ ବିଗତ ୧୫ ବର୍ଷ ହେଲା ଭୂ-ତତ୍ତ୍ୱ ନିର୍ଦ୍ଦେଶାଳୟକୁ ପଙ୍ଗୁ କରି ଦକ୍ଷିଣ ଭାରତୀୟ ସଂସ୍ଥାକୁ ଲାଭବାନ କରାଇ ରାଜ୍ୟର ପ୍ରଭୁତ କ୍ଷତି କରିଥିବା ଆଲୋଚନା ହେଉଛି।

ଭୂ-ତତ୍ତ୍ୱ ନିର୍ଦ୍ଦେଶାଳୟରେ ୨୦୧୮ରେ ୨୦୭ଜଣ ଭୂ-ବୈଜ୍ଞାନିକ ଥିଲେ। ୨୦୨୨ ସେପ୍ଟେମ୍ବର ମାସରେ ନିର୍ଦ୍ଦେଶାଳୟର ପୁନର୍ଗଠନ କରାଯାଇ ଭୂ-ବୈଜ୍ଞାନିକ ପଦବୀକୁ ୯୭କୁ ହ୍ରାସ କରାଯାଇଛି। ୨୦୨୨ରେ ରାଜ୍ୟରେ ୫-ଟି ଗଠନ କରାଗଲାପରେ ଖଣି ବିଭାଗକୁ ଏହାର ଅଧିନକୁ ଅଣାଗଲା। ଏହାପରେ ଖଣି ବିଭାଗରେ ଦକ୍ଷିଣୀରାଜ ଚଳାଇବାକୁ ଭୂ-ତତ୍ତ୍ୱ ନିର୍ଦ୍ଦେଶାଳୟକୁ ପଙ୍ଗୁ କରିବା ଯୋଜନା ଆରମ୍ଭ ହେଲା। ଏହି ଯୋଜନାନୁସାରେ ରାଜ୍ୟରେ ନିଲାମ ପାଇଁ ଖଣି ଓ ଖଣିଜ ପଦାର୍ଥ ଚିହ୍ନଟ କରିବାକୁ ୨୦୨୨ ଜୁନ୍ ମାସରେ ଷ୍ଟ୍ରାଟେଜିକ୍ ଟେକ୍ନିକାଲ କମିଟି (ଏସ୍‌ଟିସି) ଗଠନ କରାଗଲା। ଏସ୍‌ଟିସି ମୁଖ୍ୟଭାବେ ତାମିଲନାଡୁ ନିବାସୀ କରୁଣାକରନଙ୍କୁ ନିଯୁକ୍ତି ଦିଆଯାଇଛି। ଏସ୍‌ଟିସି ପାଇଁ ଗତ ଦୁଇବର୍ଷ ମଧ୍ୟରେ ପ୍ରାୟ ୧୨



କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇ ସାରିଲାଣି । ଏତେ ଟଙ୍କା ବ୍ୟୟ ପରେ ବି ଏସ୍‌ଟିସି ନିଲାମ ପାଇଁ କୌଣସି ଖଣି ଓ ଖଣିଜ ପଦାର୍ଥ ଚିହ୍ନଟ କରି ରାଜ୍ୟ ସରକାରଙ୍କୁ ସହାୟତା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। କେବଳ ପାଣ୍ଡିଆନ ଇକୋ ସିଷ୍ଟମକୁ ଖୁସି କରିବା ପାଇଁ ଅଧିକାରୀମାନେ ଏହି ଏସ୍‌ଟିସି ଗଠନ କରିଛନ୍ତି ବୋଲି ବିଭାଗ ସ୍ତରରେ ଆଲୋଚନା ହେଉଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ ଯୋଗୁଁ ଶ୍ରୀମନ୍ଦିର ପ୍ରତି ଏହାଦ୍ୱାରା କି ପ୍ରକାରର ବିପଦ ରହିଛି ତାହାକୁ ତର୍ଜମା କରି ରପୋର୍ଟ ଦେବାକୁ ନବୀନ ସରକାର ଅହମ୍ମଦାବାଦ ଆଇଆଇଏମକୁ ଦାୟିତ୍ୱ ଦେଇଥିଲେ। ପରିକ୍ରମା ପ୍ରକଳ୍ପ ଶେଷ ହେବା ପରେ ବି ଆଇଆଇଏମ ➪ ପୃଷ୍ଠା-୬

# ଝୁଲୁଛି ଆଇପିଏସ୍ ବଦଳି ତାଲିକା

## ସିପିଙ୍କ ମୁଣ୍ଡରେ ଖଣ୍ଡା

**ଭୁବନେଶ୍ୱର, ୧୯।୯ (ସଂଚାର ବ୍ୟୁରୋ):** ଆଇପିଏସ୍ ସ୍ତରରେ ବଦଳି ଲାଗି ଘନ ଘନ ବୈଠକ ବସୁଥିଲେ ମଧ୍ୟ ତାଲିକା ପ୍ରକାଶ ପାଉନାହିଁ। ଏହାକୁ ନେଇ ଜିଲ୍ଲାସ୍ତରରୁ ଆରମ୍ଭ କରି ରାଜ୍ୟସ୍ତରର ପୁଲିସ୍ ଅଧିକାରୀମାନେ ଦ୍ୱନ୍ଦ୍ୱରେ ରହିଛନ୍ତି।



ୱାଇବି ଖୁରାନିଆ ନୂଆ ଡିଜି ଭାବେ ଦାୟିତ୍ୱ ନେବା ପରେ ଖୁବ୍‌ଶୀଘ୍ର ତାଙ୍କର ଟିମ୍ ଗଠନ କରିବେ ବୋଲି ଆଶା କରାଯାଉଥିଲା। ବିଶେଷକରି ଆଇପିଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳକୁ ସମସ୍ତେ ଚାହିଁ ରହିଥିଲେ। କାରଣ, ନୂଆ ସରକାର ଗଠନ ହେବା ପରେ ଆଇଏସ୍ ସ୍ତରରେ ବଡ଼ଧରଣର ବଦଳି ହୋଇଥିବାବେଳେ ଜିଲ୍ଲାସ୍ତରରେ ଏସ୍‌ପି ଏବଂ ରାଜ୍ୟସ୍ତରରେ ବରିଷ୍ଠ ପୁଲିସ୍ ଅଧିକାରୀମାନଙ୍କର ବଦଳି ହୋଇନାହିଁ। ଇତିମଧ୍ୟରେ ରାଜ୍ୟ ସରକାର ପାଞ୍ଚଜଣ ବରିଷ୍ଠ ଆଇପିଏସ୍ ଅଫିସରଙ୍କୁ ଓଏସ୍‌ଡି ଭାବେ ବସାଇ ରଖିଛନ୍ତି। ଆଉକିଛି ଆଇପିଏସ୍ ଅଫିସର ଦୀର୍ଘଦିନ ଧରି ଗୋଟିଏ ପଦରେ କାର୍ଯ୍ୟ କରୁଛନ୍ତି। ରାଜଧାନୀର ଭରତପୁର ଆଦର୍ଶ ଥାନାରେ ସେନାଅଧିକାରୀଙ୍କୁ ମାଡ଼ ଘଟଣାରେ କମିଶନରେଟ୍ ପୁଲିସ ସାରା ଦେଶରେ ବଦନାମ ➪ ପୃଷ୍ଠା-୬

# ମଙ୍କିପକ୍ସ ପାଇଁ ଗାଇଡ୍‌ଲାଇନ୍

## ଲକ୍ଷଣ ଥିଲେ ଆଇସୋଲେସନ

**ଭୁବନେଶ୍ୱର, ୧୯।୯ (ସଂଚାର ବ୍ୟୁରୋ):** ଦେଶରେ ଦ୍ୱିତୀୟ ମଙ୍କିପକ୍ସ ସଂକ୍ରମିତ ଚିହ୍ନଟ ହେବା ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସବୁ ଜିଲ୍ଲା ପାଇଁ ମଙ୍କିପକ୍ସ ଗାଇଡଲାଇନ ଜାରି କରାଯାଇଛି । ବିମାନ ବନ୍ଦର,ପୋର୍ଟ କର୍ତ୍ତୃପକ୍ଷଙ୍କ ପାଇଁ ମଧ୍ୟ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ଭାରତରେ ମଙ୍କିପକ୍ସ ସଂଖ୍ୟା



ବହୁତ କମ ଅଛି। ଯେଉଁମାନେ ଇଣ୍ଟରନ୍ୟାସନାଲ ଟ୍ରାଭେଲ କରୁଛନ୍ତି ଏବଂ ମଙ୍କିପକ୍ସ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଛନ୍ତି ସେମାନଙ୍କୁ ଆଇସୋଲେଟ କରି ସେମାନଙ୍କର ନମୁନା ପରୀକ୍ଷା ପାଇଁ କୁହାଯାଇଛି। ସେମାନେ ଏନେଇ ସେଲ୍ଫ ଡିକ୍ଲାରେସନ ଫର୍ମ ଦେବେ । ଲକ୍ଷଣ ପ୍ରକାଶ ପାଇଲେ ଆଇସୋଲେନରେ ➪ ପୃଷ୍ଠା-୬

## ଟ୍ରେଣ୍ଡିଂ ନ୍ୟୁଜ୍

- ଟେରର୍ ଫାଇନାନ୍ସିଂ ବିରୋଧରେ ଭାରତର ଯୋଜନାବଦ୍ଧ ପଦକ୍ଷେପକୁ ଏଫ୍‌ଏଟିଏଫ୍‌ର ପ୍ରଶଂସା। ବେଆଇନ ଅର୍ଥ କାରବାର ମାମଲାର ତ୍ୱରିତ୍ ବିଚାର ଉପରେ ଉକ୍ତ ସଂସ୍ଥାର ପରାମର୍ଶ।
- ରୁଷିଆର ବିରୋଧ ସତ୍ତ୍ୱେ ଭାରତୀୟ ଅସ୍ତ୍ର ନିର୍ମାତାମାନେ ୟୁକ୍ରେନକୁ ଅସ୍ତ୍ର ଯୋଗାଣ କରୁଥିବା ସୂଚନା। ଭାରତ ସରକାର ଏହା ଉପରେ ନିରବତା ଅବଲମ୍ବନ କରୁଥିବାରୁ ମସ୍କୋର ଉଦ୍‌ବେଗ।
- ବ୍ରିଟେନରେ ଆୟୋଜିତ ଏକ ସଂଗୀତ କାର୍ଯ୍ୟକ୍ରମରେ ଆର୍‌ଜି କର ହସ୍ପିଟାଲରେ ଡାକ୍ତରଙ୍କ ବଳାତ୍କାର ଓ ହତ୍ୟା ଘଟଣା ଉପରେ ରଚିତ ଗୀତ ଗାଇବାକୁ ରୋକଠୋକ ମନା କଲେ ଲୋକପ୍ରୀୟ କଣ୍ଠଶିଳ୍ପୀ ଅରଜିତ ସିଂହ।
- ଶ୍ରୀନଗରସ୍ଥିତ ଶେର୍-ଇ-କାଶ୍ମୀର ଷ୍ଟାଡିୟମରେ ଅନୁଷ୍ଠିତ ନିର୍ବାଚନ ସଭାରେ ଜାମ୍ମୁ-କାଶ୍ମୀରକୁ ରାଜ୍ୟ ପାହ୍ୟା ଫେରାଇ ଦେବା ସହିତ ସ୍ଥିର ଶାସନ ପ୍ରଦାନ ନିମିତ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତିଶ୍ରୁତି।
- ରାହୁଲ ଗାନ୍ଧିଙ୍କୁ ଆତଙ୍କବାଦୀ ବୋଲି ଅଭିହିତ କରିବା ପରେ ରେଳ ରାଷ୍ଟ୍ରମନ୍ତ୍ରୀ ରବନୀତ ସିଂହ ବିଟ୍ଟୁଙ୍କ ବିରୋଧରେ ବେଙ୍ଗାଲୁରୁ ସ୍ଥିତ ହାଇଗ୍ରାଉଣ୍ଡ ଥାନାରେ ମାମଲା।
- ତିରୁପତି ମନ୍ଦିରରେ ପ୍ରସ୍ତୁତ ଲଡୁରେ ମିଶୁଥିଲା ପଶୁ ଚର୍ବି। ତିରୁପତି ମନ୍ଦିର ଉପରେ ଆସ୍ଥା ରଖିଥିବା କୋଟି କୋଟି ଶ୍ରଦ୍ଧାଳୁଙ୍କ ପ୍ରତି ଏହା ଏକ କୁଠାରଘାତ ବୋଲି ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ ଅଭିଯୋଗ।
- ଆମେରିକା ରାଷ୍ଟ୍ରପତି ନିର୍ବାଚନ ସର୍ଭେରେ ଡେମୋକ୍ରାଟ ପ୍ରାର୍ଥୀ କମଳା ହାରିସ୍ ପ୍ରତିପକ୍ଷ ତଥା ରିପବ୍ଲିକାନ୍ ପ୍ରତ୍ୟାଶୀ ରୋନାଲ୍ଡ ଟ୍ରମ୍ପଙ୍କ ଠାରୁ ୨ ପଏଣ୍ଟରେ ଆଗୁଆ।

# ମନ୍ତ୍ରୀଙ୍କୁ ମିଳିଲା ବଙ୍ଗଳା: କ୍ୱାର୍ଟର୍ସ ପାଇଁ ବିଧାୟକ ବାଉଳା

**ଭୁବନେଶ୍ୱର, ୧୯।୯ (ସଂଚାର ବ୍ୟୁରୋ) :** ବିଧାନସଭାକୁ ନିର୍ବାଚିତ ହୋଇ ଆସିଥିବା ବିଧାୟକମାନେ ଏବେ ରାଜଧାନୀରେ ସରକାରୀ କ୍ୱାର୍ଟର୍ସଟିଏ ପାଇବାପାଇଁ କଳବଳ ହେଉଛନ୍ତି । ଦଳବଳ ସହିତ କେଉଁ ଅଞ୍ଚଳରେ ସରକାରୀ ଘର ଖାଲି ରହିଛି ତାହାକୁ ଖୋଜୁଥିବାବେଳେ ଆଉ କିଛି ବିଧାୟକ ମନପସନ୍ଦର ଘର ପାଇବାପାଇଁ ମିଳିଥିବା ଘରକୁ ନେବାକୁ ରାଜି ହେଉନାହାନ୍ତି ।

ବିଧାନସଭାର ବଜେଟ୍ ଅଧିବେଶନ ପରେ ପରେ ରାଜ୍ୟର ମନ୍ତ୍ରୀମାନଙ୍କୁ ବଙ୍ଗଳା ମିଳିବାରେ ଲାଗିଛି । ପୂଜାପାଠ ପରେ ଅନେକ ମନ୍ତ୍ରୀ ଗୃହ ପ୍ରବେଶ କରିଥିବାବେଳେ ଆଉ କିଛି ମନ୍ତ୍ରୀ ଖୁବ୍‌ଶୀଘ୍ର ସରକାରୀ ବଙ୍ଗଳାକୁ ପ୍ରବେଶ କରିବେ । ତେବେ ବିଧାୟକମାନେ କିନ୍ତୁ ରାଜଧାନୀରେ ଘରଖଣ୍ଡିଏ ପାଇବାପାଇଁ ବାଉଳା ହେଉଛନ୍ତି । କାଳେ କେଉଁ ୟୁନିଟ୍‌ରେ କ୍ୱାର୍ଟର୍ସଟିଏ ଖାଲିଥିବ ସେଥିପାଇଁ ଦଳବଳ ହୋଇ ଘରଖୋଜା କାମରେ ଲାଗିଛନ୍ତି ।



ଇତି ମଧ୍ୟରେ କିଛି ବିଧାୟକ ପସନ୍ଦର ଘର ଠାବ କରିଥିବାବେଳେ ତାହା କିଭଳି ନିଜ ନାମରେ ହେବ ସେଥିପାଇଁ ଧାଁ ଦଉଡ ଚଳାଇଛନ୍ତି । ବିଧାନସଭା ପାର୍ଶ୍ୱର୍ରେ ଯେଉଁ ବିଧାୟକ କଲୋନି ରହିଛି ସେଠାରେ ଏବେ ବି କିଛି ପୂର୍ବତନ ବିଧାୟକ ଘର ଦଖଲକରି ରହିଛନ୍ତି । ଯେଉଁ କିଛି ଘର ଖାଲି ରହିଛି ତାହାକୁ ନେବାକୁ ବି ଅନେକ ବିଧାୟକ ରାଜି ହେଉ ନାହାନ୍ତି । ତାଙ୍କୁ ଏହି ଛୋଟ ଘର ପୋଷେଇବ ନାହିଁ କହି ମୁହଁ ମୋଡୁଛନ୍ତି ।

ତେବେ ବିଧାୟକମାନଙ୍କର ପ୍ରଥମ ପସନ୍ଦ ଥିବା ଚାରି ନମ୍ବର, ଛଅ ନମ୍ବର, ଦୁଇ ନମ୍ବର ଓ ଏକ ନମ୍ବର ଅଞ୍ଚଳରେ ବଙ୍ଗଳା ଖାଲି ନଥିବାରୁ ସେମାନେ ଏବେ ସମସ୍ୟାରେ ପଡିଛନ୍ତି । କାରଣ ବିଧାୟକମାନେ ଯେଉଁସବୁ ଘର ଉପରେ ନଜର ପକାଉଛନ୍ତି ତାହା ଅଫିସରଙ୍କ ପାଇଁ ଉଦ୍ଦିଷ୍ଟ ଏବଂ ସେହିସବୁ ଘରେ ଅଫିସରମାନେ ରହୁଛନ୍ତି । ବଡ ବଙ୍ଗଳା ମନ୍ତ୍ରୀମାନଙ୍କ ପାଇଁ ତିଆରି ହୋଇଥିଲେ ମଧ୍ୟ ସେଥିରୁ କିଛି ବଙ୍ଗଳାକୁ ଆଇଏଏସ୍, ଆଇପିଏସ୍‌ମାନେ ମାଡି ବସିଥିବାରୁ ମନ୍ତ୍ରୀମାନେ ବି ନାକେଦମ ହେଉଛନ୍ତି । ଅବଶ୍ୟ କିଛି ବିଧାୟକ ଛୋଟ ଘର ମିଳିଲେ ବି କାମ ଚଳାଇନେବାକୁ ମନସ୍ଥ କରି ଲୋକସେବା ଭବନ ଓ ବିଧାନସଭା ଆଖପାଖରେ ରହିବାକୁ ସ୍ଥିର କରିଛନ୍ତି ।

ତେବେ ବିଧାୟକମାନଙ୍କୁ କିଭଳି ସରକାରୀ ଘର ଯୋଗାଯିବ ତାହା ଏବେ ବିଧାନସଭା ସଚିବାଳୟ ଓ ସଂସଦୀୟ ବ୍ୟାପାର ବିଭାଗ ପାଇଁ ସମସ୍ୟା ପାଲଟିଛି । ଅନ୍ୟ ପକ୍ଷରେ ବିଧାୟକମାନଙ୍କ ପାଇଁ ଯେଉଁ ନୂଆ ବହୁତଳୀୟ ପ୍ରାସାଦ ନିର୍ମାଣ ହେଉଛି ତାହା କେବେ ସରିବ ତାହାର କୌଣସି ଠିକଣା ନାହିଁ । ଏଥର ବିଧାନସଭାକୁ ଆସିଥିବା ବିଧାୟକମାନେ ସେହି ସୌଧରେ ରହିବା ନେଇ ସନ୍ଦେହ ପ୍ରକାଶ ପାଇଛି । ତେଣୁ ଆଗାମୀ ପାଞ୍ଚ ପାଇଁ ଘରଖଣ୍ଡିଏ ଯୋଗାଡ ଲାଗି ବିଧାୟକମାନେ ଲାଗି ପଡିଥିବାବେଳେ ଆଉ କିଛି ବିଧାୟକ ଏବେ ବି ଅତିଥିଭବନ, ସର୍କିଟହାଉସ୍ ଆଦିରେ କାମ ଚଳାଇ ନେଉଛନ୍ତି ।

କିଛି ବିଧାୟକଙ୍କ ମତ ହେଉଛି ଆଗାମୀ ବିଧାନସଭା ଅଧିବେଶନ ବେଳକୁ ଯଦି ସରକାରୀ ଘରଟିଏ ନମିଳିଲା ତେବେ ସେମାନେ ହଇରାଣ ହେବା ସାର । କାରଣ ଅଧିବେଶନ ଚାଲିବା ସମୟରେ ନିଜ ନିଜ ନିର୍ବାଚନମଣ୍ଡଳୀରୁ ଯେଉଁ ପରିମାଣରେ ଲୋକେ ଆସୁଛନ୍ତି ଓ ସେମାନଙ୍କୁ ବିଭିନ୍ନ ହୋଟେଲ ଆଦିରେ ରଖିବା ଓ ଖାଦ୍ୟପେୟ ପାଇଁ ଯେଉଁ ଖର୍ଚ୍ଚ ହେଉଛି ତାହା ସେମାନେ ବହନ କରିପାରିବେ ନାହିଁ । ତେବେ ଏହି ବିଧାୟକମାନେ କେବେ ସୁଦ୍ଧା ଘରଟିଏ ପାଇବେ ଚାତକ ଭଳି ଚାହିଁ ବସିଥିବାବେଳେ ଅନେକ ବିଧାୟକ ବାଧ୍ୟହୋଇ ଛୋଟ ଛୋଟ କ୍ୱାର୍ଟର୍ସରେ ରହିବା ଏକ ପ୍ରକାର ନିଶ୍ଚିତ ହୋଇଗଲାଣି ।

SANCHAR ସଁଚାର

# ଜନ୍ମମୃତ୍ୟୁ ପଞ୍ଜୀକରଣ ପାଇଁ ଲାଞ୍ଚ, ଭିଡିଓ ଭାଇରାଲ



**ଯାଜପୁର, ୧୯।୯ (ସଂଚାର ବ୍ୟୁରୋ):** ଯାଜପୁର ବରୀ ରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜନ୍ମମୃତ୍ୟୁ ପଞ୍ଜିକରଣ ପାଇଁ ଲାଞ୍ଚ କାରବାରର ଭିଡିଓ ଭାଇରାଲ ହୋଇଛି। ଜଣେ ସରକାରୀ ସ୍ୱାସ୍ଥ୍ୟକର୍ମୀଙ୍କ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସୂଚନା ମୁତାବକ ଲାଞ୍ଚ ନେଉଥିବା ସ୍ୱାସ୍ଥ୍ୟକର୍ମୀ ଜଣଙ୍କ ହେଉଛନ୍ତି ପ୍ରିୟ ରଞ୍ଜନ ସାହୁ। କୌଣସି କାର୍ଯ୍ୟ ପାଇଁ ଆସିଲେ ସେ ଅର୍ଥ ଦାବି କରନ୍ତି, ଯାହାକି ସୋସିଆଲ ଗଣମାଧ୍ୟମରେ ଭାଇରାଲ ଭିଡିଓରୁ ସ୍ପଷ୍ଟ ବାରି ହୋଇପଡୁଛି। ଅନ୍ୟପଟେ ଲାଞ୍ଚ ନେଉଥିବା ବେଳେ ସାମ୍ବାଦିକଙ୍କୁ ମଧ୍ୟ ଇଙ୍ଗିତ କରି ଅସମ୍ମାନ କରୁଥିବାର ଚିତ୍ର ଦେଖିବାକୁ ମିଳିଛି। ତେବେ ତାଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ୱାସ୍ଥ୍ୟ ପ୍ରଶାସନ ପାଖରେ ଦାବି ହୋଇଛି।

# ମେଣ୍ଢା ଚୋରି କରି ୮ ଗିରଫ

**ବାଲିଅନ୍ତା, ୧୯।୯ (ସଂଚାର ବ୍ୟୁରୋ):** ମେଣ୍ଢା ଚୋରୀ କରି ୮ଗିରଫ ଏହି ଭଳି ଘଟଣା ବାଲିଅନ୍ତା ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି । ବାଲିଅନ୍ତା ଥାନା ଅଧିକାରୀଙ୍କ ସୂଚନା ମୁତାବକ କରୁଣାକର ବେହେରାଙ୍କ ପରିବାପାଟପୁରରେ ଥିବା ମେଣ୍ଢା ଶାଳରୁ ୧୪ ତାରିଖ ରାତି ୨ଟା ସମୟରେ କିଛି ଅଜଣା ଲୋକ ତାଙ୍କ ମେଣ୍ଢାଶାଳରୁ ୧୧ଟି ମେଣ୍ଢା ଚୋରାଇ ନେଇଥିଲେ। ଏନେଇ ସେ ବାଲିଅନ୍ତା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବାଲିଅନ୍ତା ଥାନା ପୁଲିସ ତଦନ୍ତ କରିବା ସହିତ ଏକ ବିଶେଷ ସୂତ୍ରରୁ କେନ୍ଦୁବିଲ ଗ୍ରାମ ରାସ୍ତା ଅଞ୍ଚଳରେ ଅଭିଯୁକ୍ତମାନେ ଥିବାର ଖବର ପାଇଥିଲେ। ମିଳିଥିବା ସୂଚନା ଆଧାରରେ ପୁଲିସ ଟିମ ସେଠାରେ ଚଢାଉ କରି ୮ ଜଣ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା ବେଳେ ସେମାନଙ୍କ ନିକଟରୁ ୨ଟି କାର, ୧୧ଟି ମୋବାଇଲ ଫୋନ ଏବଂ ୨୩,୧୭୦ ଟଙ୍କା ଜବତ କରିଥିବା ବେଳେ କାର ଭିତରେ ୫ ଟି ମେଣ୍ଢା ରହିଥିଲେ । ପୋଲିସ ପଚରା ଉଚରା ସମୟରେ ଅଭିଯୁକ୍ତମାନେ ଚୋରି ନିମନ୍ତେ ଉକ୍ତ ଦୁଇଟି କାର ବ୍ୟବହାର କରୁଥିବାର ସ୍ୱୀକାର କରିଥିବା ବେଳେ ପୂର୍ବରୁ ମଧ୍ୟ ସେହି ଗ୍ରାମରୁ ଏହିପରି ୨୦ଟି ଛେଳି ଚୋରି କରିଥିବାର ସ୍ୱୀକାର କରିଥିଲେ । ଅଭିଯୁକ୍ତ ଏସ୍.କେ ଓ୍ୱଜିଦ ଏବଂ ଏସ୍.କେ ଜାହିର ମାଷ୍ଟରମାଇଣ୍ଡ ହୋଇଥିବା ବେଳେ ଏମାନେ ଚୋରି କରିବାର କିଛିଦିନ ପୂର୍ବରୁ ରେକି କରି ଜାଗା ବିଷୟରେ ତଥ୍ୟ ସଂଗ୍ରହ କରୁଥିଲେ। ସେହି ହିସାବରେ ପ୍ଲାନ କରି ଉକ୍ତ କାରଗୁଡିକୁ ବ୍ୟବହାର କରି ଚୋରି କରନ୍ତି। ଚୋରି କରିଥିବା ଜୀବ ବା ବସ୍ତୁ ଗୁଡିକୁ ବଜାରରେ ବିକ୍ରିକରୁଥିବା ବେଳେ ମିଳୁଥିବା ଅର୍ଥରାଶିକୁ ନିଜ ମଧ୍ୟରେ ବାଣ୍ଟୁଥିଲେ ଓ ଅର୍ଥର ଅଧିକାଂଶ ଭାଗ ମଦ୍ୟପାନରେ ଖର୍ଚ୍ଚ କରୁଥିଲେ।



ନିମ୍ନୋକ୍ତ ୮ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୬ ଜଣଙ୍କ ନାମରେ ପୂର୍ବରୁ ଓଡ଼ିଶାର ବିଭିନ୍ନ ଥାନାରେ ଏକାଧିକ ଆପରାଧିକ ମାମଲା ରହିଛି। ଅଭିଯୁକ୍ତ ଏସ୍.କେ ଓ୍ୱଜିଦଙ୍କ ନାମରେ ନିଆଳି ଥାନାରେ ଗୋଟିଏ, ନିମାପଡା ଥାନା ଗୋଟିଏ, ନୂଆଗାଁ ଥାନାରେ ଗୋଟିଏ, ବାଲିଅନ୍ତା ଥାନାରେ ୩ଟି, ଜଗତସିଂହପୁର ଟାଉନଥାନାରେ ଗୋଟିଏ, ଚାରିଛକ ଥାନାରେ ୨ଟି, କୋଣାର୍କ ଥାନାରେ ଗୋଟିଏ, ଅଭିଯୁକ୍ତ ଆକାଶ ଭୋଇଙ୍କ ନାମରେ ପୂର୍ବରୁ ଗୋବିନ୍ଦପୁର ଥାନାରେ ଗୋଟିଏ, ଚାରିଛକ ଥାନାରେ ଗୋଟିଏ, ବାଲିଅନ୍ତା ଥାନାରେ ୨ଟି, କୋଣାର୍କ ଥାନାରେ ୨ଟି, ଅଭିଯୁକ୍ତ କେଳୁ ସାଙ୍କ ନାମରେ ନିଆଳି ଥାନା ୩ଟି, କାକଟପୁର ଥାନାରେ ଗୋଟିଏ, ବାଲିଅନ୍ତା ଥାନାରେ ୨ଟି, ଅଭିଯୁକ୍ତ ଏସ୍.କେ ଜାହିରଙ୍କ ନାମରେ ନିଆଳି ଥାନାରେ ଗୋଟିଏ, ବାଲିଅନ୍ତା ଥାନାରେ ୨ ଟି, ଅଭିଯୁକ୍ତ ଏସ୍.କେ ରହିଲଙ୍କ ନାମରେ ବଳଙ୍ଗା ଥାନାରେ ଗୋଟିଏ, କାକଟପୁର ଥାନାରେ ଗୋଟିଏ, ବାଲିଅନ୍ତା ଥାନାର ୨ ଟି ଏବଂ ଅଭିଯୁକ୍ତ ଏସ୍.କେ ସାହିଲଙ୍କ ନାମରେ ପୂର୍ବରୁ ବଳଙ୍ଗା ଥାନାରେ ଗୋଟିଏ ଓ ବାଲିଅନ୍ତା ଥାନାରେ ୨ ଟି ଅପରାଧିକ ମାମଲା ରହିଛି। ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି ।

### ସମବାୟ ଦୁର୍ନୀତିକୁ ନେଇ ଆନ୍ଦୋଳନ

# ରାଜକନିକାରୁ ରାଜଧାନୀକୁ ଚାଷୀଙ୍କ ପଦଯାତ୍ରା

**କେନ୍ଦ୍ରାପଡ଼ା, ୧୯।୯ (ସଂଚାର ବ୍ୟୁରୋ):** ଦୁର୍ନୀତିର ଚରମ ସୀମାରେ ଏବେ ରାଜକନିକା ଅଞ୍ଚଳର ସମବାୟ ସମିତି । ସେହି ଦୁର୍ନୀତି ଖୋର ଅଧିକାରୀଙ୍କ ବିରୁଦ୍ଧରେ ଚାଷୀ ମାନେ ବହୁବାର ଅଭିଯୋଗ ସତ୍ତ୍ୱେ ଶୁଣୁନି ପ୍ରଶାସନ । ଏଭଳି ଅଭିଯୋଗ ନେଇ କଟକ ସମବାୟ ବ୍ୟାଙ୍କ ରାଜକନିକା ଶାଖା ସମ୍ମୁଖରେ ଗତ ଦଶ ତାରିଖରୁ ଆମରଣ ଅନଶନରେ ବସିଥିବା ପେଗରପଡା ସମିତି ସଭ୍ୟ ପ୍ରବେଶନ ମଲିକଙ୍କ ଅନଶନ ଦଶମ ଦିନରେ ପହଞ୍ଚିଛି। ଏଯାବତ୍ ବରୁଣା ପାକ୍ ସମ୍ପାଦକଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଦିନକୁ ଦିନ ଉଗ୍ର ହେଉଛି ଆନ୍ଦୋଳନ । ଧୀରେ ଧୀରେ ରାଜକନିକା ବ୍ଲକର ସମସ୍ତ ଚାଷୀ ବିବନ୍ଧ ଭାବରେ ଆନ୍ଦୋଳନକୁ ସମର୍ଥନ ଜଣାଇଲେଣି। ଆଜି ସମଗ୍ର ରାଜକନିକା ଅଞ୍ଚଳର ଚାଷୀ, ସମାଜମସେବୀ, ବୁଦ୍ଧିଜୀବୀ, ସାଧାରଣ ନାଗରିକ ରାଜକନିକାରୁ ରାଜଧାନୀକୁ ୧୫୦ କି.ମି ପଦଯାତ୍ରା ଆରମ୍ଭ କରିଛନ୍ତି। ଏଥିରେ ମହିଳା ଚାଷୀ ବି ସାମିଲ୍ ରହିଛନ୍ତି। ଆଳି, କନିକା ବ୍ଲକର ୩୫ଟି ସେବା ସମବାୟରେ ଲାଗି ରହିଥିବା

ଅନିୟମିତତା ସମ୍ପର୍କରେ ସିଏଜି ତଦନ୍ତ ଦାବି କରିବା ସହିତ ଅନଶନରେ ବସିଥିବା ପ୍ରବେଶନଙ୍କ ପ୍ରତି ନ୍ୟାୟ ପ୍ରଦାନ ଦାବିରେ ଏଭଳି ପଦଯାତ୍ରା ଆରମ୍ଭ ହୋଇଛି। ଗତକାଲି ଠୁ ଆରମ୍ଭ କରିଥିବା ପଦଯାତ୍ରା ଆଜି କେନ୍ଦ୍ରାପଡ଼ା ଜିଲ୍ଲା କାର୍ଯ୍ୟାଳୟରେ ପହଞ୍ଚିଛି । ଏଥିରେ ଚାଷୀ ଲଙ୍ଗଳ କାନ୍ଧେଇ, ଜାତୀୟ ପତାକା ହାତରେ ଧରି ବିଭିନ୍ନ ପ୍ରକାର ପ୍ଲାକାର୍ଡ ଆଉ ସ୍ଲୋଗାନ ଦେଇ ଜିଲ୍ଲା କାର୍ଯ୍ୟାଳୟ କୁ ଅଗ୍ରସର ହୋଇଥିଲେ। ନୂଆ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଳି ରାଜକନିକା ବ୍ଲକର ସେବା ସମବାୟରେ ଚାଲିଥିବା ଦୁର୍ନୀତି ସମ୍ପର୍କରେ ଅବଗତ କରାଇବେ ବୋଲି ଜଣାପଡିଛି । ତା ସହିତ ଏଥିରେ ସ୍ଥାନୀୟ ନେତା ସାମିଲ୍ ରହି କିଭଳି ସମବାୟ ସମିତି ଗୁଡ଼ିକୁ ନିୟନ୍ତ୍ରଣ କରୁଛନ୍ତି ସେ




ସମ୍ପର୍କରେ ମଧ୍ୟ ଜଣାଇବେ ବୋଲି କହିଛନ୍ତି । ଫଳରେ ହଜାର ହଜାର ଚାଷୀ ସମିତି ସମ୍ପାଦକଙ୍କ କବଳରେ ପଡ଼ି ସରକାରୀ ସହାୟତା ରୁ ବଞ୍ଚିତ ହେବା ସହିତ ଚାଷୀଙ୍କ ବିକାଶ ବାଧାପ୍ରାପ୍ତ ମଧ୍ୟ ହେଉଛି। ଜିଲ୍ଲାପାଳ କାର୍ଯ୍ୟାଳୟ ରେ ପହଞ୍ଚିବା ସମୟରେ ଉପଜିଲ୍ଲାପାଳ ଚାଷୀ ମାନଙ୍କୁ ଅଟକାଇ ଏକ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ବସିଥିବା ବେଳେ ଚାଷୀଙ୍କ ପ୍ରସ୍ତାବ ଗ୍ରହଣୀୟ ନହେବା କାରଣ ପାଇଁ ଉପଜିଲ୍ଲାପାଳ ଙ୍କ ଆଲୋଚନାରୁ ଦୂରେଇ ଯାଇ ପୁନର୍ବାର ଆନ୍ଦୋଳନ ବା ପଦଯାତ୍ରା ରାଜଧାନୀ କୁ ଆଗେଇ ନେଇଥିବା ଦେଖିବାକୁ ମିଳିଛି । ଏହି ପଦଯାତ୍ରାରେ ରାଜକନିକା ଅଞ୍ଚଳର ଅନେକ ଚାଷୀଙ୍କ ସହ ସମାଜସେବୀ ରାଜନାରାୟଣ ଜେନା, ଶୁଭାଶିଷ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଚାଷୀ ସୂର୍ଯ୍ୟମଣୀ ସାହୁ, ଶୁଭ୍ରଜିତ୍ ବିଶାଳ, ଜଗନ୍ନାଥ ମଲିକ, ପଞ୍ଚାନନ ଦାସ, ଅକ୍ଷୟ ଗାହାଣ, ଜୟନ୍ତୀ ମଲିକ, ସଂଗ୍ରାମ ମଲିକ, ନନ୍ଦିନୀ ମଲିକ, ଝରଣା ମଲିଜ, ରିନାରାଣୀ ମଲିକ, ରମଣୀ ମଲିକ, ବର୍ଷାରାଣି ମଲିକ, ସୁଜାତା ମଲିକ, ମଞ୍ଜୁଲତା ମଲିକ ପ୍ରମୁଖ ଚାଷୀ ସାମିଲ ହୋଇଛନ୍ତି। ତେବେ ଚାଷୀଙ୍କ ପକ୍ଷରୁ ଏଭଳି ଏକ ପ୍ରୟାସ ଆଳି କନିକା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଜଣେ ସମବାୟ ସମ୍ପାଦକଙ୍କୁ ସୁରକ୍ଷା ଦେବାକୁ ଯାଇ ବିଭାଗୀୟ ଅଧିକାରୀ, ରାଜକନିକା ପୁଲିସ୍ ଆଉ ସ୍ଥାନୀୟ ନେତା ଯେ ସମ୍ପାଦକଙ୍କ ସୁରକ୍ଷା କବଚ ସାଜିଛନ୍ତି ତାହା ସ୍ପଷ୍ଟ ହୋଇ ଯାଇଛି ।

ସୂଚନାଯୋଗ୍ୟ ଚାଷୀଙ୍କ ଋଣ ଟଙ୍କାକୁ ସେଲ୍ଫ ଚେକ ମାଧ୍ୟମରେ ଉଠାଇ ନେଇଥିବା ଦୁର୍ନୀତିଗ୍ରସ୍ତ ଦରୁଣା ପାର୍ଶ୍ୱ ସମ୍ପାଦକ ଓ ଏଥିରେ ସାମିଲ ପ୍ରାକ୍ତନ ଶାଖା ପରିଚାଳକଙ୍କ ବିରୁଦ୍ଧରେ ଗତ ୧୦ ତାରିଖରୁ ବ୍ୟାଙ୍କ ଶାଖା ସମ୍ମୁଖରେ ଆମରଣ ଅନଶନ କରୁଛନ୍ତି ପେଗରପଡା ସମିତି ସଭ୍ୟ ପ୍ରବେଶନ ମଲିକ । ଏଥିରେ ବରୁଣା ସମ୍ପାଦକଙ୍କ ନିଲମ୍ବନ ଦାବି ମଧ୍ୟ କରା ଯାଇଛି। ହେଲେ ଅନଶନରେ ୧୦ମ ଦିନରେ ବିଭାଗୀୟ ତତ୍ପରତା ନ ଥିବାରୁ ଗତ କାଲିଠୁ ସମୂହ ଚାଷୀ ଚାଲି ଚାଲି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଗୁହାରୀ କରିବେ ବୋଲି ସୂଚନା ମିଳିଛି। ତେବେ ଚାଷୀଙ୍କ ଆନ୍ଦୋଳନ ଏବେ ଉଗ୍ରରୂପ ନେଉଥିବାରୁ ଆନ୍ଦୋଳନ ଆହୁରି ଭିନ୍ନ ମୋଡ଼ ନେଇଛି ।

## ମହିଳାଙ୍କୁ ବ୍ଲାକ୍‌ମେଲ କରି ଠକ ଗିରଫ

**ଟାଙ୍ଗୀ-ଚୌଦ୍ୱାର, ୧୯।୯ (ସଂଚାର ବ୍ୟୁରୋ):** ଫେସ୍‌ବୁକ୍ ମାଧ୍ୟମରେ ମହିଳାମାନଙ୍କୁ ବ୍ଲାକମେଲ କରୁଥିବା ଜଣେ ଠକକୁ ଚୌଦ୍ୱାର ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା ଚୌଦ୍ୱାର ଥାନା ଅନ୍ତର୍ଗତ ଦେଉଳଚୁଆଁ ଗ୍ରାମର ସରୋଜ ଜେନା(୪୯)। ପୋଲିସ ସୂଚନା ଅନୁଯାୟୀ ଅଭିଯୁକ୍ତ ସରୋଜ ଜନୈକ ମହିଳାଙ୍କ ନାମରେ ଏକ ନକଲି ଫେସବୁକ୍ ଆକାଉଣ୍ଟ ଖୋଲି ମହିଳା ଓ ଯୁବତୀମାନଙ୍କ ସହିତ ବନ୍ଧୁତା ସ୍ଥାପନ କରୁଥିଲା । ସେହି ଆକାଉଣ୍ଟରୁ ମହିଳା ମାନଙ୍କ ଫଟୋକୁ ନେଇ ସେମାନଙ୍କ ମୁହଁକୁ ଅନ୍ୟ ନଗ୍ନ ଫଟୋରେ ଯୋଡ଼ି ସେମାନଙ୍କ ପାଖକୁ ପଠାଇ ବ୍ଲାକ୍‌ମେଲ କରୁଥିଲା। ସେ ଏହି କାର୍ଯ୍ୟ ଦୀର୍ଘ ଦିନ ହେଲା ଚଳାଇ ଆସୁଥିଲା ବୋଲି ପୋଲିସ ସୂଚନା ଦେଇଛି। ବ୍ଲାକ୍‌ମେଲର ଶୀକାର ହୋଇଥିବା ସ୍ଥାନୀୟ ଜଣେ ମହିଳା ଏସମ୍ପର୍କରେ ଚୌଦ୍ୱାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରି ଗୁରୁବାରଦିନ ସରୋଜକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ତା ନିକଟରୁ ମୋବାଇଲ ଓ ଅନ୍ୟାନ୍ୟ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି ।

### କୁଲଡ଼ିହା ଅଭୟାରଣ୍ୟରେ ହାତୀ ମୃତ୍ୟୁ ଘଟଣା

# ସବୁଜ ବାହିନୀଙ୍କୁ କୋର୍ଟ ଚାଲାଣ ବେଳେ ଗାଡି ଅଟକାଇଲେ ସମ୍ପର୍କୀୟ

**ନୀଳଗିରି, ୧୯।୯ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ସୋର ରେଞ୍ଜ କୁଲଡ଼ିହା ଅଭୟାରଣ୍ୟ ବେଡେଇ ବିଟ୍‌ରେ କିଛି ମାସ ପୂର୍ବରୁ ଏକ ଦନ୍ତା ହାତୀର ମୃତ୍ୟୁ ହୋଇଥିଲା। ଘଟଣାକୁ ଚପାଇ ଦେବା ଉଦ୍ଦେଶ୍ୟରେ ବନକର୍ମଚାରୀ ମୃତ ହାତୀର ଅଙ୍ଗକୁ ଜଙ୍ଗଲର ବିଭିନ୍ନ ସ୍ଥାନରେ ଲୁଚାଇ ରଖିବା ଘଟଣାରେ ବନବିଭାଗର ଫୋରେଷ୍ଟ ଗାର୍ଡ ସମେତ ୪ ସବୁଜବାହିନୀ କୋର୍ଟ ଚାଲାଣ କରିଛି।

ସୂଚନାନୁସାରେ କୁଲଡିହା ଅଭୟାରଣ୍ୟର ଦକ୍ଷିଣ ରେ ଥିବା ଔପଦା ରେଞ୍ଜ ବେଡେଇ ବିଟ୍ ହାଉସ ଅଧୀନସ୍ଥ ଜଙ୍ଗଲରେ ଗତ ମେ ମାସରେ ଏକ ହାତୀର ମୃତ୍ୟୁ ହୋଇଥିଲା। ଅଭୟାରଣ୍ୟରେ ହାତୀର ମୃତ୍ୟୁ ସମ୍ପର୍କରେ ପେଟ୍ରୋଲିଂରେ ଯାଇଥିବା ବନ କର୍ମଚାରୀ ଜାଣି ପାରିଥିଲେ। ହାତୀ ମୃତ୍ୟୁ ସମ୍ବନ୍ଧରେ କାଳେ ବିଭାଗୀୟ ଉଚ୍ଚ ଅଧିକାରୀ ଜାଣି ନେବେ, ଚାକିରି ଯିବା ଭୟରେ କାର୍ଯ୍ୟରତ ଫରେଷ୍ଟ ଗାର୍ଡ ପଦ୍ମଲୋଚନ ପାତ୍ରଙ୍କ ନିର୍ଦ୍ଦେଶରେ ୪ ଜଣ ସବୁଜ ବାହିନୀ ତଥା ବେଡେଇ ଅଞ୍ଚଳର କରମା ବେହେରା, ମହେଶ୍ୱର ବେହେରା, ପ୍ରଫୁଲ୍ଲ ଦେହୁରୀ, ବୁଲୁ ଦେହୁରୀ ହାତୀକୁ ଖଣ୍ଡ ବିଖଣ୍ଡିତ ଶବକୁ ପଥର ତଳେ ରଖି ଦେଇଥିଲେ। କୌଣସି ସୂତ୍ରରୁ ଖବର ବାହାରକୁ ଆସିବାପରେ ବାଲେଶ୍ୱର ବନବିଭାଗର ଡି.ଏଫ୍.ଓ ଖୁସ୍ୱନ୍ତ ସିଂହଙ୍କ ନିର୍ଦ୍ଦେଶ କ୍ରମେ ଏସିଏଫ୍‌ଓ ଦିଗନ୍ତ ଶୋଭିନ ଚାନ୍ଦ ଓ ରେଞ୍ଜର ମନରଞ୍ଜନ ନାୟକଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉକ୍ତ ଅଞ୍ଚଳ ଗସ୍ତ କରି ମୃତ ହାତୀର ହାଡ଼, କଙ୍କାଳ ଜବତ କରି ଭୁବନେଶ୍ୱର ଲାବ୍‌କୁ ପଠାଇଥିଲେ। ହାଡ଼, କଙ୍କାଳ ଗୁଡିକ ଏକ ହାତୀ ବୋଲି ରିପୋର୍ଟର ସତ୍ୟତା



ଆସିବା ପରେ ଗୁରୁବାର ଦିନ ଏଥିରେ ସମ୍ପୃକ୍ତ ଥିବା ଉକ୍ତ ଫୋରେଷ୍ଟ ଗାର୍ଡ ଓ ୪ ସବୁଜବାହିନୀଙ୍କୁ କୋର୍ଟ ଚାଲାଣ ପାଇଁ ପ୍ରସ୍ତୁତି ବେଳେ ନୀଳଗିରି କୁଲଡିହା ଅଫିସରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ସବୁଜ ବାହିନୀଙ୍କ ସମ୍ପର୍କୀୟମାନେ କୁଲଡ଼ିହା ଅଫିସରେ ତାଲା ପକାଇବା ସହ ବନ ବିଭାଗ ଗାଡିକୁ ଅଟକାଇଥିଲେ। ନୀଳଗିରି ପୋଲିସ ପହଞ୍ଚି ବୁଝାସୁଝା କରିବା ପରେ ସମସ୍ତଙ୍କୁ କୁଲଡିହା ବନବିଭାଗ ପକ୍ଷରୁ (୧୫/ଏସ) ୨୦୨୪-୨୫ ନଂ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ସବୁଜ ବାହିନୀଙ୍କ ସମ୍ପର୍କୀୟ ଲୋକ ସବୁଜ ବାହିନୀମାନେ ନିର୍ଦ୍ଦୋଷ ବୋଲି କହୁଥିବା ବେଳେ ଫରେଷ୍ଟର ଏଭଳି କିଛି ହୋଇନଥିବା କହିଛନ୍ତି। ଏଠାରେ ସୂଚନାଯୋଗ୍ୟ ଗତ ଦେଢ ବର୍ଷ ଭିତରେ କୂଳଡ଼ିହା ଅଭୟାରଣ୍ୟରେ ୧୦ରୁ ଅଧିକ ହାତୀଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଯାହାକି ଡିଏଫଓଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ

**କେନ୍ଦ୍ରାପଡ଼ା, ୧୯।୯ (ସଂଚାର ବ୍ୟୁରୋ):** ଆସୁଛି କେନ୍ଦ୍ରାପଡାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ଏଥି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ସହରଠୁ ପୁରପଲ୍ଲୀ ସବୁଠି ହେବ ଉତ୍ସବ ମୁଖର ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସୁସଜିତ ମେଢ଼ ସହ ଆଲୋକ ମାଳାରେ ସଜେଇ ହେବ ତୋରଣ । ଏହା ପୂର୍ବରୁ ସଦଭାବନା ୟୁଥ୍ କ୍ଲବ୍ ଦ୍ୱାରା ଧନଧାତ୍ରି ଦେବୀ ଗଜଲକ୍ଷ୍ମୀ ପୂଜା ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଆଇନ ମହାବିଦ୍ୟାଳୟ ଛକ ସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ସୋମବାର ସନ୍ଧ୍ୟାରେ ପ୍ରସ୍ତୁତି ବୈଠକ ଶେଷ ହୋଇଛି। ଏହି ବୈଠକରେ କ୍ଲବର କମିଟି ପୁନଃ ଗଠନ କରଯାଇଥିଲା।

## ନଦୀକୁ ଡେଇଁ ନିଖୋଜ ଅଙ୍ଗନୱାଡି ସୁପରଭାଇଜର

### ପୋଲ ଉପରେ ସ୍କୁଟି, ମୋବାଇଲ, ଚପଲ

**ଯାଜପୁର, ୧୯।୯ (ସଂଚାର ବ୍ୟୁରୋ):** ନଦୀକୁ ଡେଇଁ ରସୁଲପୁର ବ୍ଲକ ସିଙ୍ଗାପୁର ସେକ୍ଟରର ଅଙ୍ଗନୱାଡି ସୁପରଭାଇଜର ମନ୍ଦାକିନୀ ସାମଲ ନିଖୋଜ ହୋଇଥିବା ସୂଚନା ମିଳିଛି । ସନ୍ଧ୍ୟା ପର୍ଯ୍ୟନ୍ତ ଅଗ୍ନିଶମ ବିଭାଗ ଦ୍ୱାରା ଖୋଜାଖୋଜି ପରେ ବି ମିଳିନାହିଁ କୌଣସି ପତ୍ତା । ସୂଚନା ଅନୁସାରେ ଯାଜପୁର ସଦର ଥାନା ଖରସ୍ରୋତା ନଦୀର ରାଜଘାଟ ବ୍ରିଜ ଉପରେ ଆଜି ସକାଳ ୬.୩୦ ସମୟରେ ଶ୍ରୀବନ୍ତପୁର ଅଞ୍ଚଳର ବିଶ୍ୱଜିତ ବିଶ୍ୱାଳଙ୍କ ପତ୍ନୀ ମନ୍ଦାକିନୀ ସାମଲ(୩୫) ନଦୀକୁ ଡେଇଁ ପଡିଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁସାରେ ମହିଳା ଜଣକ କିଛି ସମୟ ସେ ବ୍ରିଜ ଉପରେ ଗାଡି ରଖି ବୁଲାବୁଲି କରିବା ପରେ କିଛି ସମୟ ଫୋନରେ କଥା ହୋଇଥିଲେ, ପରେ ବ୍ରିଜ ଉପରେ ଗାଡ଼ି, ମୋବାଇଲ, ହେଲମେଟ, ଚପଲ ରଖି ନଦୀକୁ ଡେଇଁ ପଡ଼ିଥିଲେ । ଏ ଦୃଶ୍ୟ ଦେଖି ମଧ୍ୟ ନଦୀର ଜଳ ଅଧିକ ଥିବା ଓ ଜଳ ସ୍ରୋତ ପ୍ରଖର ହେତୁ କେହି ମହିଳାଙ୍କୁ ବଞ୍ଚାଇବା ପାଇଁ ସାହସ ଯୁଟାଇ ନଥିଲେ । ପରେ ଖବର ପାଇ ଯାଜପୁର ସଦର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡି ଓ ମୋବାଇଲ ଜବତ କରିଥିବା ବେଳେ ଧର୍ମଶାଳା ଅଗ୍ନିଶମ ବାହିନୀ ବହୁ ବିଳମ୍ବରେ ଘଟଣା ସ୍ଥଳରେ ପହଞ୍ଚିଥିଲେ। ତେବେ ବହୁ ଖୋଜାଖୋଜି ପରେ ବି ମହିଳାଙ୍କ କୌଣସି ସନ୍ଧାନ ମିଳିପାରିନାହିଁ। ତେବେ କୌଣସି ପାରିବାରିକ କଳହରୁ ଏପରି ଆତ୍ମହତ୍ୟା ଉଦ୍ୟମ କରିଥିବାର ଆଲୋଚନା ହେଉଥିବା ବେଳେ ପରିବାର ପକ୍ଷରୁ କୌଣସି ଅଭିଯୋଗ କରାଯାଇନାହିଁ।

# ଚଡରା ପୋଲ ନିକଟରେ ବିରାଟ ଗର୍ତ୍ତ, ତୁରନ୍ତ ମରାମତି ଦାବି

**ଜଗତସିଂହପୁର, ୧୯।୯ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲାର ବିରିଡି ବ୍ଲକ ଅନ୍ତର୍ଗତ ବିରିଡି-ସୋମପୁର ପୂର୍ତ୍ତ ବିଭାଗ ରାସ୍ତାର ଚଡରା ପୋଲ ନିକଟରେ ରାସ୍ତାର ମାଝି ଅଂଶ ଦବି ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ଗର୍ତ୍ତ ହେବାର ୨୪ ଘଣ୍ଟାରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଏପର୍ଯ୍ୟନ୍ତ ନିଦ ଭାଙ୍ଗି ନାହିଁ। ରାସ୍ତାରେ ଗର୍ତ୍ତ ଯୋଗୁ ଜନସାଧାରଣଙ୍କ ସମେତ ଯାନବାହାନ ଯାତାୟତରେ ଘୋର ଅସୁବିଧା ଉପୁଜୁଥିବା ବେଳେ ଅନେକ ଛୋଟ ବଡ ଦୁର୍ଘଟଣା ଘଟୁଥିବାର ମଧ୍ୟ ଅଭିଯୋଗ ହୋଇଛି । ଗର୍ତ୍ତ ବେଳକୁ ବେଳ ଅଧିକ ବଡ ଆକାର ହେଉଥିବାରୁ ଆଗକୁ ଅଧିକ ସମସ୍ୟା ସୃଷ୍ଟି କରିବା ଏଥିରେ ସନ୍ଦେହ ନାହିଁ । ତେଣୁ ତୁରନ୍ତ ମରାମତି କରିବାକୁ ସାଧାରଣରେ ଦାବି ହୋଇଛି ।

ସୂଚନାଯୋଗ୍ୟଯେ ବିରିଡି-ସୋମପୁର ରାସ୍ତା ବିଭିନ୍ନ ସମୟରେ ଏମିତିକି ବର୍ଷକୁ ଦୁଇ ତିନି ଥର ମରାମତି କରାଯାଉଛି ବୋଲି ଗ୍ରାମବାସୀବୃନ୍ଦ ଅଭିଯୋଗ ଆଣିଛନ୍ତି। ସରକାରଙ୍କ ରାଜକୋଷରୁ ଅର୍ଥ



ଖର୍ଚ୍ଚ କରାଯାଉଥିଲେ ସୁଦ୍ଧା ତାହା ନିମ୍ନମାନର କାର୍ଯ୍ୟ କରାଯାଉଥିବାରୁ ଏବେ ରାସ୍ତା ଅଧିକାଂଶ ସ୍ଥାନରେ କେଉଁଠି ଭାଙ୍ଗିଗଲାଣି ତ ଆଉ କେଉଁଠି ରାସ୍ତା ମଝିରେ ଗର୍ଭ ହୋଇଛି । ଏହି ରାସ୍ତାରେ ପ୍ରତ୍ୟେକ ଦିନ ଶହଶହ ଲୋକଙ୍କ ଯାତ୍ରାୟତ ହୋଇଥିବାରୁ ରାସ୍ତା ଅବସ୍ଥା ଦିନକୁ ଦିନ ଖରାପ ହେବାରେ ଲାଗିଛି। ଏହି ରାସ୍ତାର ତୁରନ୍ତ ମରାମତି କରାଯିବା ପାଇଁ ଦାବି ଉଠିଛି । ଯଦି ରାସ୍ତାର ମରାମତି ପାଇଁ ତୁରନ୍ତ ବ୍ୟବସ୍ଥା କରାନଯାଏ ତେବେ ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବ ବୋଲି ସମାଜସେବୀ ତୁଟୁ ମାଲିକଙ୍କ ସହ ଅନ୍ୟମାନେ ଚେତାବନୀ ଦେଇଛନ୍ତି ।

# ଦୁର୍ଗାପୂଜା ପାଇଁ ତତ୍ପର ଜିଲ୍ଲା ପ୍ରଶାସନ

**କଟକ, ୧୯।୯ (ସଂଚାର ବ୍ୟୁରୋ):** ଆଉ ମାତ୍ର କିଛି ଦିନ ପରେ ପବିତ୍ର ଦୁର୍ଗାପୂଜା। ଆସନ୍ତା ଅକ୍ଟୋବର ୯ ତାରିଖରୁ ଏହି ପର୍ବ ଆରମ୍ଭ ହେବାକୁ ଯାଉଥିବା ବେଳେ ପୂଜା କିପରି ସୁରୁଖୁରୁରେ ପାଳିତ ହେବ ସେଥିପାଇଁ ଜିଲ୍ଲା ପ୍ରଶାସନ ବେଶ ତତ୍ପର ହୋଇଛି।କଟକରେ ବିଭିନ୍ନ ପୂଜା କମିଟିମାନଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ଯାହାକୁ ନେଇ ସ୍ଥାନୀୟ ଶାରଳା ଭବନ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାପାଳଙ୍କ ସଭାପତିତ୍ୱରେ ଉକ୍ତ ବୈଠକରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ବିଧାୟକ, ସିଏମସି ମେୟର ତଥା ବିଭିନ୍ନ ପୂଜା କମିଟିର ସଦସ୍ୟବୃନ୍ଦ ଓ ବିରୋଧୀ ଦଳର ବହୁତ ନେତା ଯୋଗଦେବା ସହ ବୈଠକରେ ସହରର ବର୍ତ୍ତମାନର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ବିଶେଷକରି କଟକ ସହରର ବିପର୍ଯ୍ୟସ୍ତ ରାସ୍ତାଘାଟକୁ ନେଇ ବିଭିନ୍ନ ପୂଜା କମିଟିମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ତୁରନ୍ତ ରାସ୍ତାଘାଟ ମରାମତି ସହ ପରିମଳ, ଆଲୋକୀକରଣ ଏବଂ ସଫେଇ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହା ସହ ଅଗ୍ନିଶମ ବିଭାଗ ପକ୍ଷରୁ କିଛି ସ୍ଥାନରେ ଅସ୍ଥାୟୀ ଅଗ୍ନିଶମ କେନ୍ଦ୍ର ଖୋଲାଯିବା ସହ ଫାୟାର ସେଫଟୀ ଉପରେ ମଧ୍ୟ ଅଧିକ ଗୁରୁତ୍ୱ ଦିଆଯିବ ବୋଲି



କହିଛନ୍ତି ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ। ଏହାସହ ସିଏମସି ମେୟର ସୁବାସ ସିଂହ କହିଛନ୍ତି ଯେ, ଦଶହରା କଟକର ପାରମ୍ପରିକ ପର୍ବ। ଭାଷାଣି ଉତ୍ସବ ପରେ ସହରବାସୀ ଦୀର୍ଘ ୧ବର୍ଷ ଧରି ଅତି ଉତ୍କଣ୍ଠାର ସହ ଏହି ପର୍ବକୁ ଅପେକ୍ଷା କରନ୍ତି। ଏଣୁ ଦୁର୍ଗାପୂଜା କିପରି ଶୃଙ୍ଖଳିତ ଏବଂ ବ୍ୟବସ୍ଥିତ ଭାବେ ପାଳିତ ହେବ ଏଥିପାଇଁ ସିଏମସି ପକ୍ଷରୁ ଖାସ ଦୃଷ୍ଟି ଦିଆଯାଇଛି। ସିଏମସି କାର୍ଯ୍ୟରେ କୌଣସି ପ୍ରକାର ଅବହେଳା ବରଦାସ୍ତ କରାଯିବ ନାହିଁ। ଯଦି କୌଣସି ଅଧିକାରୀ ବା କର୍ମଚାରୀଙ୍କର ତୃଟି ନଜରକୁ ଆସିଲା ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆବଶ୍ୟକ ପଡ଼ିଲେ ମାନ୍ୟବର ହାଇକୋର୍ଟଙ୍କ କମିଟି ଜରିଆରେ ମଧ୍ୟ ପଦକ୍ଷେପ ଗ୍ରହଣ କରାଯିବ।

## ଖଣ୍ଡିଆହୁଡ଼ିକୁ ପରିବେଶ ମଞ୍ଜୁରି

# ଅଞ୍ଚଳବାସୀଙ୍କ ଆନ୍ଦୋଳନ ସଜବାଜ

**ନୀଳଗିରି, ୧୯।୯ (ସଂଚାର ବ୍ୟୁରୋ):** ଜାତୀୟ ଗ୍ରୀନ ଟ୍ରିବୁନାଲ ଖଣ୍ଡିହୁଡ଼ି କୁ ପରିବେଶ ମଞ୍ଜୁରୀ ପ୍ରଦାନ କରିବା ପରେ'ଖଣ୍ଡିଆହୁଡ଼ି ସୁରକ୍ଷାମଞ୍ଚ' ତରଫରୁ ୧୮ତାରିଖ ବୁଧବାର ସନ୍ଧ୍ୟାରେ ମିରିଗିଣୀ ଠାରେ ଏକ ବୈଠକରେ ଏଭଳି ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଅନୁରୋଧ କରାଯାଇଛି। ଏଭଳି ନିଷ୍ପତି ପରେ ଉକ୍ତ ହୁଡ଼ିରୁ ପଥର ଉତ୍ତୋଳନ କରାଯିବ। ଏଥିରେ ଉକ୍ତ ହୁଡ଼ି ସଂଲଗ୍ନ ଅଞ୍ଚଳରେ ବସବାସ କରୁଥିବା ଲୋକମାନେ ଶ୍ୱାସ, କାଶ ଭଳି ବହୁ ମାରାତ୍ମକ ରୋଗର ଶିକାର ହେବେ। ସର୍ବୋପରି ପଥର ବ୍ଲାଷ୍ଟିଙ୍ଗ ହେଲେ ଖଣ୍ଡିଆହୁଡି ପାର୍ଶ୍ୱବର୍ତ୍ତୀ ଗ୍ରାମ ଯଥା - ଶାଳବନ୍ଧ, ଚତୁରୀସାହି, ଧଡାସାହି, ବେତଶୂଳ, ମିରିଗିଣୀ, ପଥୁରିଆ, ଜାଉଁରି, ସିଆଡିମାଳ, ସୀତାପତିପୁର, ଗୋକୁଳପାଣି, କାନପୁର, ନିଶ୍ଚନ୍ତପୁର ଆଦି ଗ୍ରାମ ମାନଙ୍କର ବସବାସ କରୁଥିବା ଲୋକଙ୍କ ବାସଗୃହର ସ୍ଥାୟୀତ୍ୱ ପ୍ରତି ବିପଦ ରହିଛି। ତେଣୁ ରାଜ୍ୟ ତଥା କେନ୍ଦ୍ର ସରକାର ବହୁ ଧନଜୀବନର ସୁରକ୍ଷା ଦୃଷ୍ଟିରୁ ପରିବେଶ ମଞ୍ଜୁରୀର ପୁନର୍ବିଚାର କରି ମଞ୍ଜୁରୀ ବାତିଲ କରିବାକୁ ଦାବୀ କରାଯାଇଛି।ଅନୁଷ୍ଠିତ ବୈଠକରେ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ , ପୂର୍ବତନ ନଗରପାଳ କ୍ଷେତ୍ରମୋହନ ସିଂ, ପୂର୍ବତନ କାଉନସିଲର ଲୋକନାଥ ଦଳେଇ, ନିଜଗଡ ସମବାୟ ସମିତି ସଭାପତି ରାମଚନ୍ଦ୍ର ଦାସ, ଯୁବ ସମାଜସେବୀ ଶରତ ଦାସ, ସୁନୀଲ ପ୍ରଧାନ ସମେତ ବହୁ ଅଞ୍ଚଳବାସୀ ଏହି ବୈଠକରେ ଯୋଗଦେଇ ଆଲୋଚନା କରିଥିଲେ।

# ଅପହରଣକାରୀଙ୍କ କବଳରୁ ଖସି ଆସିଲେ କମଳାକାନ୍ତ

**ରାଜନଗର, ୧୯।୯ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଘଡିଆମାଳ ପଂଚାୟତ ବଳରାମପୁର ଗାଁର କମଳାକାନ୍ତ ବେହେରା ଅପହରଣକାରୀଙ୍କ କବଳରୁ ଜୀବନ ରକ୍ଷା କରି ଖସି ଆସିବାକୁ ସକ୍ଷମ ହୋଇଛନ୍ତି। ୩ଦିନ ଧରି ଚାବୁକ ପାହାର ସହିତ ଅଖିଆ ଅପିଆ ରହିଥିବା କମଳାକାନ୍ତ ବାଥରୁମ ପଟ ଦେଇ ରାତି ଅଧରେ ଖସି ଆସିଛନ୍ତି। କମଳାକାନ୍ତ ଗୁରୁବାର ରାତିରେ ଭୁବନେଶ୍ୱରରେ ଓହ୍ଲାଇବା ପରେ ୩ଦିନ କାଳରାତ୍ରିର କଳାକାହାଣୀ ବଖାଣିଛନ୍ତି । କମଳାକାନ୍ତ ଚାଲି ପାରୁନଥିବା ବେଳେ କଥା ବି ଠିକ୍‌ସେ କହିପାରୁନାହାଁନ୍ତି। ସେ ବଂଚିବେ ବୋଲି ତାଙ୍କର ବିଶ୍ୱାସ ନଥିଲାମ, ଭଗବାନ ତାଙ୍କୁ ନୂଆ ଜୀବନ ଦେଇଛନ୍ତି ବୋଲି ପରିବବାର ଲୋକେ କହିଛନ୍ତି। ରାଜନଗର ଥାନା ଅନ୍ତର୍ଗତ ଘଡିଆମାଳ ପଂଚାୟତ ବଳରାମପୁର ଗାଁର କୃପାସିନ୍ଧୁ ବେହେରାଙ୍କ ପୁଅ କମଳାକାନ୍ତ



(୩୨ବର୍ଷ) ଗୁଜରାଟରୁ ଫେରୁଥିଲେ । ୧୪ ତାରିଖ ଦିନ ସକାଳେ ଭୁବନେଶ୍ୱର ଷ୍ଟେସନରେ ଓହ୍ଲାଇଥାନ୍ତେ। ପ୍ଲାଟଫର୍ମରେ ଚାଲୁଥିବା ସମୟରେ ପତ୍ନୀଙ୍କ ଭିଡିଓ କଲ ଉଠାଇ କଥା ଆରମ୍ଭ କରିବା ମାତ୍ରେ ଫୋନଟି କଟିଯାଇଥିଲା। ତା'ପରଠୁଁ କମଳାକାନ୍ତଙ୍କ ଫୋନ ସୁଇଚଅଫ୍ ସହ ସେ ନିଖୋଜ ହୋଇଯାଇଥିଲେ । ଗତକାଲି ୭୭୩୫୭୬୬୨୨୮ ନମ୍ବରରୁ ତାଙ୍କର ସଂପର୍କୀୟ ଭାଇ ଦୋଳଗୋବିନ୍ଦ ବେହେରାଙ୍କ ନିକଟକୁ ଏକ ଅଜଣା କଲ ଆସିଥିଲା। ୧୫ହଜାର ଟଙ୍କା ଦେଲେ କମଳାକାନ୍ତଙ୍କୁ ଛାଡିବେ ବୋଲି କୁହାଯାଇଥିଲା । ଗୁରୁବାର ସକାଳୁ ଅନ୍ୟଏକ ନମ୍ବରରୁ କମଳାକାନ୍ତ ତାଙ୍କ ପତ୍ନୀଙ୍କ ନିକଟକୁ ଫୋନ୍ କରି ସେ ଝାରସୁଗୁଡା ରେଲୱେ ଷ୍ଟେସନରୁ ଭୁବନେଶ୍ୱର ଯାଉଥିବା ସୂଚନା ଦେଇଥିଲେ । ପରିବାର ଲୋକେ ଗାଡି ନେଇ ଭୁବନେଶ୍ୱର ରେଲୱେ ଷ୍ଟେସନରେ ପହଁଚିଥିଲେ । ରାତି ୮ଟାରେ ଟ୍ରେନରୁ କମଳାକାନ୍ତ ଓହ୍ଲାଇ ଘରକୁ ଫେରିଛନ୍ତି । କମଳାକାନ୍ତ ଚାଲି ପାରୁନଥିବା ବେଳେ ଠିକ୍‌ସେ କଥା ମଧ୍ୟ କହି ପାରୁନାହାଁନ୍ତି । ତାଙ୍କ ଦେହ ସାରା ମାଡର ଚିହ୍ନ ରହିଛି । କମଳାକାନ୍ତ ଗୁଜୁରାଟର ଏକ ଷ୍ଟେସନରେ ଆସୁଥିବା ବେଳେ ୩ଜଣ ଯୁବକ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଟାଣି ନେଇଥିଲେ । ତାଙ୍କ ମୁହଁରେ କଣ ସୁଙ୍ଘାଇ ଦେଇଥିଲେ । କମଳାକାନ୍ତଙ୍କ ଚେତା ଫେରିବା ବେଳକୁ ସେ ଏକ ଗୋଦାମ ଘର ଭିତରେ ଥିଲେ । ବନ୍ଦ ଗୋଦାମ ଘର ମଧ୍ୟରେ ଅତି ନିର୍ମମ ଭାବେ ମାଡ ମାରୁଥିଲେ । କମଳାକାନ୍ତଙ୍କୁ ମାଡ ମାରି ତାଙ୍କ ଦେହ ସାରା ଚିହ୍ନ କରି ଦେଇଛନ୍ତି। କମଳାକାନ୍ତଙ୍କ ଦେହ ସାରା କେବଳ ମାଡ ଓ କଟା ଚିହ୍ନ ରହିଛି । କମଳାକାନ୍ତଙ୍କ ପାଖରେ ଥିବା ମୋବାଇଲ, ୮ଶହ ନଗଦ ଟଙ୍କା ଓ ବ୍ୟାଗ ନେଇ ଯାଇଛନ୍ତି । ସେଠାରୁ ଖସି ଆସିବା ପରେ ଲାଗିଥିବା ଟ୍ରେନରେ ଚଢି ଗୁରୁବାର ସକାଳେ ଝାରସୁଗୁଡାରେ ଓହ୍ଲାଇ, ସେଠାରୁ ଭୁବନେଶ୍ୱରରେ ପହଞ୍ଚିବା ପରେ ପରିବାର ଲୋକେ କମଳାକାନ୍ତଙ୍କୁ ସାଙ୍ଗରେ ନେଇ ଘରକୁ ଫେରିଛନ୍ତି ।

# ୱାର୍ଲ୍ଡ ଫୁଡ୍ ଇଣ୍ଡିଆ ପ୍ରତିନିଧିଙ୍କୁ ମୋଦୀଙ୍କ ଶୁଭେଚ୍ଛା



ଦିଲ୍ଲୀ,୧୯।୯: ୱାର୍ଲ୍ଡ ଫୁଡ ଇଣ୍ଡିଆ-୨୦୨୪ର ଆୟୋଜନ ବିଷୟରେ ଜାଣି ଖୁସି ହେଲି। ବିଶ୍ୱର ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରତିନିଧିମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା। ୱାର୍ଲ୍ଡ ଫୁଡ ଇଣ୍ଡିଆ-୨୦୨୪ରେ ଅନେକ ଦେଶର ପ୍ରତିନିଧି ଅଂଶ ଗ୍ରହଣ କରିଥିବାରୁ ଏହା ବୈଶ୍ୱିକ ଖାଦ୍ୟ ଉଦ୍ୟୋଗ, ଶିକ୍ଷା ଓ ଅନୁସନ୍ଧାନ ସହ ସମ୍ପର୍କ ଥିବା ପ୍ରତିଭାଶାଳୀ ବ୍ୟକ୍ତିମାନଙ୍କ ଉତ୍ସାହପୂର୍ଣ୍ଣ ମଞ୍ଚ ଭାବେ ସାବ୍ୟସ୍ତ ହୋଇଛି। ଫଳରେ ସମସ୍ତେ ମିଳୁଥିବା ସୁଯୋଗରୁ ଅଧିକ ଲାଭ ଉଠାଇପାରିବେ ଏବଂ ପରସ୍ପରର ଅଭିଜ୍ଞତାରୁ ଶିକ୍ଷା ଗ୍ରହଣ କରିବା ସହ ଏହାର ଆଦାନପ୍ରଦାନ କରିପାରିବେ। ଭାରତରେ ଜୀବନ୍ତ ଓ ବିବିଧିପୂର୍ଣ୍ଣ ଖାଦ୍ୟ ସଂସ୍କୃତି ରହି ଆସିଛି। ଭାରତୀୟ ଖାଦ୍ୟ ବ୍ୟବସ୍ଥାରେ କୃଷକ ମେରୁଦଣ୍ଡ। କୃଷକମାନେ ହିଁ ପୌଷ୍ଟିକ ଓ ସ୍ୱାଦିଷ୍ଟ ଖାଦ୍ୟର ପରମ୍ପରାକୁ ସୁନିଶ୍ଚିତ କରିଛନ୍ତି। ସେମାନଙ୍କ କଠିନ ପରିଶ୍ରମକୁ କେନ୍ଦ୍ର ସରକାର ନବୋନ୍ମେଷ ନୀତି ଓ ଏହାର କାର୍ଯ୍ୟାନ୍ୱୟନ ଜରିଆରେ ସମର୍ଥନ କରିଆସୁଛନ୍ତି। ଆଧୁନିକ ଯୁଗରେ ଆମର ଏହି ପ୍ରଚେଷ୍ଟା ଯେ, ପ୍ରଗତିଶୀଳ କୃଷି ପଦ୍ଧତି, ସୁଦୃଢ଼ ପ୍ରଶାସନିକ ଢାଞ୍ଚା ଏବଂ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ଭାରତ ଖାଦ୍ୟ କ୍ଷେତ୍ରରେ ନବସୃଜନ, ସ୍ଥିରତା ଏବଂ ସୁରକ୍ଷା ବିଶ୍ୱସ୍ତରୀୟ ମାନାଙ୍କ ସ୍ଥାପନ କରୁ। ବିଗତ ୧୦ ବର୍ଷ ମଧ୍ୟରେ ଆମେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣିଛୁ। ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଶତ ପ୍ରତିଶତ ବିଦେଶୀ ନିବେଶ, ପ୍ରଧାନମନ୍ତ୍ରୀ କିଷାନ ସମ୍ପଦା ଯୋଜନା, ସୂକ୍ଷ୍ମ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ପ୍ରତିଷ୍ଠା, ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ପାଇଁ ଉତ୍ପାଦନ ଆଧାରିତ ପ୍ରୋତ୍ସାହନ ଯୋଜନା ଆଦି ମାଧ୍ୟମରେ ଆମେ ଦେଶବ୍ୟାପୀ ଆଧୁନିକ ଭିତ୍ତିଭୂମି, ଉନ୍ନତ ଯୋଗାଣ ଶୃଙ୍ଖଳ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟିର ଏକ ସୁଦୃଢ଼ ବାତାବରଣ ସ୍ଥାପନ କରିପାରିଛୁ। ଆମ ଦୃଷ୍ଟିକୋଣର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା କ୍ଷୁଦ୍ର ଉଦ୍ୟୋଗ ଗୁଡ଼ିକୁ ସଶକ୍ତ କରିବା।

# ପିତାମାତା ଭଗବାନଙ୍କର ସ୍ୱରୂପ : ରାଜ୍ୟପାଳ

## ପ୍ରଶାସନିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀଙ୍କ ପିତାମାତା ସମ୍ବର୍ଦ୍ଧିତ



ଭୁବନେଶ୍ୱର,୧୯।୯ (ସଂଚାର ବ୍ୟୁରୋ): ପିତାମାତା କେବଳ ଶିକ୍ଷକ ନୁହଁନ୍ତି ବରଂ ଭଗବାନଙ୍କର ଏକ ସ୍ୱରୂପ ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ଚଳିତ ସେପ୍ଟେମ୍ବର ୧୯ ତାରିଖ ଗୁରୁବାର ଦିନ ରାଜଭବନର ଅଭିଷେକ ହଲ୍‌ଠାରେ ସିଭିଲ୍ ସର୍ଭିସ୍ ପରୀକ୍ଷା ଓ ଭାରତୀୟ ବନସେବା ପରୀକ୍ଷା- ୨୦୨୩ରେ ଉତ୍ତୀର୍ଣ୍ଣ ରାଜ୍ୟର ପରୀକ୍ଷାର୍ଥୀଙ୍କର ପିତାମାତାଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ରାଜ୍ୟପାଳ ଏହା କହିଥିଲେ। ଉଦ୍‌ବୋଧନ ଛଳରେ ରାଜ୍ୟପାଳ କହିଥିଲେ ଯେ, ଆମେ ସାରା ଜୀବନ ପିତାମାତାଙ୍କ ସମର୍ଥନ, ସହଯୋଗ ଓ ଆର୍ଶୀବାଦ ସହିତ ବଢ଼ିଛୁ। ପିତାମାତା ଆମ ଜୀବନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ନିଜେ ଦୁଃଖ କଷ୍ଟ, ଅଭାବ ଅସୁବିଧାର ସମ୍ମୁଖୀନ ହୋଇ ମଧ୍ୟ ପିତାମାତା ପିଲାଙ୍କୁ ସଫଳତାର ଶିଖରରେ ପହଞ୍ଚାନ୍ତି। ସେମାନଙ୍କୁ ସମ୍ବୋଧନ କରି ରାଜ୍ୟପାଳ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ପୁଅଝିଅଙ୍କୁ ଦେଶର ଭବିଷ୍ୟତ ନିର୍ମାଣ ପାଇଁ ଆପଣମାନେ ଗଢ଼ି ତୋଳିଛନ୍ତି ବୋଲି କହିଥିଲେ। ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଉଥିବା ନୀତି ଓ ଯୋଜନା ପ୍ରଶାସକମାନେ କାର୍ଯ୍ୟକାରୀ କରିଥାନ୍ତି। ବିଭିନ୍ନ ଯୋଜନାର ସୁଫଳ କିପରି ଜନସାଧାରଣ ପାଇପାରିବେ ଏବଂ ସେମାନଙ୍କ ମୁହଁରେ ହସ ଫୁଟିବ ସେଥିପାଇଁ ପ୍ରଶାସକମାନେ ଦାୟିତ୍ୱ ସମ୍ପନ୍ନ ସହ ଯତ୍ନବାନ ହୋଇ କାର୍ଯ୍ୟକରିବା ଉଚିତ। ଆଗାମୀ ଦିନରେ ପ୍ରଶାସକଙ୍କୁ ଏଥିପାଇଁ ସଚେତନ କରାଇବା ଦିଗରେ ପିତାମାତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନେ ନିଜର ପୁଅଝିଅଙ୍କୁ ସମ୍ବେଦନଶୀଳ ହୋଇ ଜନସାଧାରଣଙ୍କ ସେବା କରିବା ପାଇଁ ପ୍ରେରଣା ଯୋଗାଇବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଛନ୍ତି। ରାଷ୍ଟ୍ର ନିର୍ମାଣରେ ପ୍ରଶାସକମାନଙ୍କର ମହତ୍ୱପୂର୍ଣ୍ଣ ଭୂମିକା ରହିଛି। ବିକଶିତ ଓଡ଼ିଶା - ବିକଶିତ ଭାରତ ଗଠନର ସ୍ୱପ୍ନକୁ ସାକାର କରିବା ପାଇଁ ପିତାମାତା ପିଲାମାନଙ୍କୁ ଅନୁପ୍ରେରିତ କରିବା ପାଇଁ ରାଜ୍ୟପାଳ ଶ୍ରୀ ଦାସ କହିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ମୁଖ୍ୟ ଉପଦେଷ୍ଟା ସନ୍ତୋଷ କୁମାର ଶତପଥୀ ବକ୍ତବ୍ୟ ପ୍ରଦାନ କରି ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀମାନଙ୍କୁ ନିଷ୍ଠା, ସଚ୍ଚୋଟତାକୁ ପାଥେୟକରି ଅଙ୍ଗୀକାରବଦ୍ଧ ହୋଇ କାର୍ଯ୍ୟକରି ନିଜର ଓ ପଦର ମର୍ଯ୍ୟାଦା ବଢ଼ାଇବା ନିମନ୍ତେ ପିତାମାତା ମାର୍ଗଦର୍ଶନ କରାଇବାକୁ କହିଥିଲେ। ପ୍ରାରମ୍ଭରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍. ରାଜପୁତ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସିଭିଲ୍ ସର୍ଭିସ୍ ପରୀକ୍ଷା ଏବଂ ଭାରତୀୟ ବନସେବା ପରୀକ୍ଷାର ୧୯ଜଣ କୃତୀ ପରୀକ୍ଷାର୍ଥୀଙ୍କ ପିତାମାତାଙ୍କୁ ରାଜ୍ୟପାଳ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।



# ନର୍ସିଂ ଓ ଡେଣ୍ଟାଲ ଛାତ୍ରଛାତ୍ରୀଙ୍କ ଗ୍ରାଜୁଏସନ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୯।୯(ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସମ୍ ନର୍ସିଂ କଲେଜ (ଏସ୍‌ଏନ୍‌ସି) ଓ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ ସାଇନସେସ୍ (ଆଇଡିଏସ୍)ରେ ପାଠ୍ୟକ୍ରମ ସମାପ୍ତ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଏଠାରେ ଗୁରୁବାର ଏକ ସ୍ୱତନ୍ତ୍ର ଉତ୍ସବରେ ଉପାଧି ପ୍ରଦାନ କରାଯାଇଛି।
ବିଶ୍ୱବିଦ୍ୟାଳୟରୁ ଅଧ୍ୟୟନ ସମାପ୍ତ କରିଥିବା ୨୦୨୦-୨୦୨୩ ବ୍ୟାଚର ବିଏସ୍‌ସି (ନର୍ସିଂ), ପୋଷ୍ଟ ବେସିକ୍ ବିଏସ୍‌ସି ନର୍ସିଂ ଏବଂ ୨୦୨୧- ୨୩ ବ୍ୟାଚର ଏମଏସ୍‌ସି (ନର୍ସିଂ) ତଥା ୨୦୨୧- ୨୩ ବ୍ୟାଚର ଡିପ୍ଲୋମା ଇନ୍ ଡେଂଟାଲ ମେକାନିକସ୍ ଓ ଡେଂଟାଲ ସାଇନସ୍ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଆୟୋଜିତ ଏହି ସ୍ୱତନ୍ତ୍ର ଗ୍ରାଜୁଏସନ୍ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଛାତ୍ରଛାତ୍ରୀମାନଙ୍କୁ ଉପାଧି ପ୍ରଦାନ କରିଥିଲେ।

# ପୂର୍ବତନ ବିଧାୟକଙ୍କ ପତ୍ନୀ ପ୍ରମିଳାଙ୍କ ପରଲୋକ



କେନ୍ଦ୍ରାପଡ଼ା,୧୯।୯: କେନ୍ଦ୍ରାପଡାର ପୂର୍ବତନ ବିଧାୟକ ସ୍ୱର୍ଗତ ଇନ୍ଦ୍ରମଣି ରାଉତଙ୍କ ଧର୍ମପତ୍ନୀ ପ୍ରମିଳା ରାଉତଙ୍କର ୮୪ବର୍ଷ ବୟସରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ବୁଧବାର ଅପରାହ୍ନରେ ଚିକିତ୍ସିତ ଅବସ୍ଥାରେ ହୃଦଘାତରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ରାଜେନ୍ଦ୍ର ଓ ସଞ୍ଜୟଙ୍କ ସମେତ ବନ୍ଧୁ ଏବଂ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ କେନ୍ଦ୍ରାପଡା ସହରରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମର ଶରୀରକୁ କେନ୍ଦ୍ରାପଡା ସହରର ହଜାରିବଗିଚାସ୍ଥିତ ବାସଭବନକୁ ଅଣାଯାଇଥିଲା।

## ଟ୍ୱିନ୍ ସିଟି କ୍ରାଇମ୍

# ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଠକେଇ ; ଠକ ଗିରଫ

ଭୁବନେଶ୍ୱର, ୧୯।୯ : ହସ୍ପିଟାଲରେ ସ୍ୱିପର ଭାବେ କାମ କରୁଥିବା ଜଣେ ଦଳିତ ଯୁବତୀଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଲୁଟି ନେଲା ୧ ଲକ୍ଷ ୩୦ ହଜାର ଟଙ୍କା। ଏନେଇ ଇନଫୋସିଟି ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲା, ନୟାଗଡ଼ ଜିଲ୍ଲାର ଲିଟୁ ଦଙ୍ଗା। ସୂଚନା ଯୋଗ୍ୟଯେ, ଦଳିତ ଅଭିଯୋଗକାରିଣୀ ପୂର୍ବରୁ କିଟ କଲେଜରେ ସ୍ୱିପର ଭାବେ କାମ କରୁଥିବା ବେଳେ ଅଭିଯୁକ୍ତ ଲିଟୁ ସେଠାରେ ଡ୍ରାଇଭର ଭାବେ କାମ କରୁଥିଲେ। ସେଠାରେ ଅଭିଯୁକ୍ତ ପୀଡ଼ିତାଙ୍କ ସମ୍ପର୍କରେ ଆସିଥିବା ବେଳେ ଅଭିଯୁକ୍ତ ତାଙ୍କୁ ପ୍ରେମ ପ୍ରସ୍ତାବ ଦେଇଥିଲେ ଓ ପରେ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ୬ ମାସ ଧରି ଖୋର୍ଦ୍ଧାରେ ଏକ ଭଡ଼ା ଘରେ ତାଙ୍କ ସହିତ ରହିଥିଲେ। ସେଠାରେ ରହିବାର କିଛିଦିନ ପରେ ଅଭିଯୁକ୍ତ ତାଙ୍କଠାରୁ ୧ ଲକ୍ଷ ୩୦ ହଜାର ଟଙ୍କା ନେଇଥିଲେ। ଗତ ୭ ତାରିଖ ଉଭୟ ଭୁବନେଶ୍ୱର ବରମୁଣ୍ଡା ବସଷ୍ଟାଣ୍ଡରୁ ନିଜ ନିଜ ଘରକୁ ଯାଇଥିବା ବେଳେ ଅଭିଯୁକ୍ତ ଗ୍ରାମରୁ ଆଉ ଫେରିନଥିଲେ। ଫଳରେ ପୀଡ଼ିତା ଅଭିଯୁକ୍ତଙ୍କୁ ବାରମ୍ବାର ଫୋନ କଲ ସାହାଜ୍ୟରେ ସମ୍ପର୍କ କରିବାକୁ ଚେଷ୍ଟା କରୁଥିଲେ ଶୁଦ୍ଧା ଅଭିଯୁକ୍ତ ତାଙ୍କ ଫୋନ ଉଠାଉନଥିଲେ। ଫଳରେ ପୀଡ଼ିତା ଅଭିଯୁକ୍ତଙ୍କ ପରିବାର ଲୋକଙ୍କୁ ଏହି ବିଷୟରେ ଜଣାଇ, ତାଙ୍କ ଘରକୁ ଯିବାକୁ କହିବାରୁ ଅଭିଯୁକ୍ତ ଏବଂ ତାଙ୍କ ପରିବାର ଲୋକ ପିଡ଼ିତାଙ୍କୁ ଘରକୁ ଆସିଲେ ହତ୍ୟା କରିବାର ଧମକ ଦେଇଥିଲେ। ଏନେଇ ଅଭିଯୋଗକାରିଣୀ ଇନଫୋସିଟି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ନିଲମ୍ବିତ ଇନ୍ସପେକ୍ଟରଙ୍କ ନାଁରେ ଆଉ ଏକ ଅଭିଯୋଗ

ଭୁବନେଶ୍ୱର, ୧୯।୯ : ଭରତପୁର ଥାନାର ନିଲମ୍ବିତ ଥାନାଧିକାରୀ ଦୀନକୃଷ୍ଣ ମିଶ୍ରଙ୍କ କଳାକାହାଣୀର ଚିଠା ତାଲିକା ବେଶ ଲମ୍ବା। ତାଙ୍କ ବିରୋଧରେ କମିଶନରେଟ ପୁଲିସରେ ମାଳମାଳ ଅଭିଯୋଗ। କଟକ କ୍ୟାଣ୍ଟନମେଣ୍ଟ ଥାନାର ଅଧିକାରୀ ଭାବେ ଥିବା ଦୀନକୃଷ୍ଣ ସେ ସମୟରେ ସାଇକେଲ ଷ୍ଟାଣ୍ଡରୁ ଦାଦାବଟି ମାଗି ବେଶ ବିବାଦୀୟ ହୋଇପଡ଼ିଥିଲେ। ଏପରିକି ଟଙ୍କା ମାଗୁଥିବାର ଭିଡ଼ିଓ ଭାଇରାଲ ହୋଇଥିଲେ ମଧ୍ୟ ତାଙ୍କ ବିରୋଧରେ ସେପରି କିଛି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା। ବରଂ ଅଭିଯୋଗ ଆସିବା ପରେ ଦୀନକୃଷ୍ଣଙ୍କୁ କଟକ ଡିସିପିଙ୍କ ମୁଖ୍ୟାଳୟକୁ ବଦଳି କରାଯାଇଥିଲା। ଆଉ ତା’ ପରେ କଟକରୁ ଦୀନକୃଷ୍ଣଙ୍କୁ ଭୁବନେଶ୍ୱର ଅଣାଯାଇ ନୂଆକରି ଗଠନ ହୋଇଥିବା ଭରତପୁର ଥାନାର ଅଧିକାରୀ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଜିଲ୍ଲା ଓ ଥାନା ସିନା ବଦଳିଥିଲା କିନ୍ତୁ ଇନ୍ସପେକ୍ଟର ଦୀନକୃଷ୍ଣଙ୍କ ସ୍ୱଭାବରେ କିନ୍ତୁ ପରିବର୍ତ୍ତନ ହୋଇ ନ ଥିଲା। ମେଜର ଓ ତାଙ୍କ ବାନ୍ଧବୀଙ୍କୁ ମାଡ଼ ମାରିବା ଘଟଣାରେ ବିବାଦରେ ଫଶି ଶେଷରେ ନିଲମ୍ବିତ ହୋଇଥିବା ଦୀନକୃଷ୍ଣଙ୍କ କଳା ଚିଠା ଉପରୁ ଗୁରୁବାର ଜଣେ ଅଭିଯୋଗକାରୀ ପରଦା ଉଠାଇଛନ୍ତି। ଗାଡ଼ି ଚୋରି ମାମଲାରେ ହଜାରେ ଟଙ୍କା ନ ଦେଲେ ଦୀନକୃଷ୍ଣ ଅଭିଯୋଗ ଶୁଣିବେ ନାହିଁ ବୋଲି ସିଧାସଳଖ ଅଭିଯୋଗକାରୀଙ୍କୁ ଶୁଣାଇ ଦେଇଛନ୍ତି। ଆଉ ଉକ୍ତ ହଜାରେ ଟଙ୍କା ଗାଡ଼ିରେ ପେଟ୍ରୋଲ ପଡ଼ିବ ବୋଲି ଅଭିଯୋଗକାରୀଙ୍କୁ କହିଥିବା ଗୁରୁବାର ଥାନାକୁ ଆସିଥିବା ଜଣେ ଅଭିଯୋଗକାରୀ ଗଣମାଧ୍ୟମ ସମ୍ମୁଖରେ ଚାଞ୍ଚଲ୍ୟକର ତଥ୍ୟ ପ୍ରଦାନ କରିଛନ୍ତି। ଅଭିଯୋଗକାରୀଙ୍କ କହିବାନୁଯାୟୀ, ଗତ ୨୯ ତାରିଖ ରାତିରେ ତାଙ୍କ ବାଇକଟି ସ୍ଥାନୀୟ ଥାନା ଅନ୍ତର୍ଗତ ଏକ ଘରୋଇ ହସ୍ପିଟାଲ ସମ୍ମୁଖରୁ ଚୋରି ହୋଇଯାଇଥିଲା। ସେ ବାଇକ ଚୋରି ସମୟର ସିସିଟିଭି ଫୁଟେଜ ନେଇ ନିଜ ଭଉଣୀଙ୍କ ସହ ଥାନାରେ ପହଞ୍ଚିଥିଲେ। ପୋଲିସକୁ ଚୋରି ସଂକ୍ରାନ୍ତରେ ସବିଶେଷ ତଥ୍ୟ ଜଣାଇବା ସହ ତୁରନ୍ତ ପିସିଆର ଭ୍ୟାନ ନେଇ ଘଟଣାସ୍ଥଳକୁ ଗଲେ ଚୋରକୁ ଧରିପାରିବେ ବୋଲି ଅଭିଯୋଗକାରୀ ଥାନାରେ ନେହୁରା ହୋଇଥିଲା। ଏ ସମସ୍ତ ଘଟଣା ଜାଣିବା ପରେ ଥାନାରେ ଥିବା ଦୀନକୃଷ୍ଣ ପ୍ରଥମେତଃ ଅଭିଯୋଗକାରୀଙ୍କ ଉପରେ ଖୁବ ବିରକ୍ତି ପ୍ରକାଶ କରିବା ସହ ତାଙ୍କୁ ଗାଳିମନ୍ଦ କରିଥିଲେ। ପରବର୍ତ୍ତୀ ସମୟରେ ପିସିଆର ଗାଡ଼ିରେ ତେଲ ପକାଇବାକୁ ୧ ହଜାର ଟଙ୍କା ମାଗିଥିବା ନେଇ ଅଭିଯୋଗକାରୀ କହିଛନ୍ତି। ଗାଡ଼ିରେ ତେଲ ନାହିଁ ହଜାରେ ଟଙ୍କା ଦେଲେ ତୁମ ବାଇକ ଖୋଜିବାକୁ ପିସିଆର ଗାଡ଼ି ଯିବ ବୋଲି ଥାନାଧିକାରୀ କହିଥିବା ଅଭିଯୋଗକାରୀ କହିଛନ୍ତି। ଏପରିକି ୨୯ ତାରିଖରୁ ତାଙ୍କ ବାଇକ ଚୋରି ହୋଇଥିଲେ ମଧ୍ୟ ତାଙ୍କ ଅଭିଯୋଗପତ୍ର ରଖା ନଯିବା ଏବଂ ଏନେଇ ସେ ଉପରିସ୍ଥ ଅଧିକାରୀଙ୍କୁ ବାରମ୍ବାର ଜଣାଇବା ପରେ ଯାଇ ୨ତାରିଖ ଦିନ ତାଙ୍କୁ ବହୁ ହଇରାଣ କରାଯିବା ପରେ ଏଫଆଇଆର କପି ପ୍ରଦାନ କରାଯାଇଥିବା ନେଇ ଅଭିଯୋଗକାରୀ କହିଛନ୍ତି।

# ଭୁବନେଶ୍ୱରରେ ହତ୍ୟା କଲା, କୋଣାର୍କ ଅଞ୍ଚଳରେ ଫିଙ୍ଗିଦେଲା



ଭୁବନେଶ୍ୱର,୧୯।୯ (ସଂଚାର ବ୍ୟୁରୋ): ଭୁବନେଶ୍ୱରରେ ପତ୍ନୀଙ୍କୁ ହତ୍ୟା କଲା! ଆଉ ମୃତଦେହକୁ କାରରେ ନେଇ ପୁରୀ ଜିଲ୍ଲା କୋଣାର୍କ ଥାନା ଅଞ୍ଚଳରେ ଫିଙ୍ଗିଦେଲା ସ୍ୱାମୀ! ପତ୍ନୀଙ୍କ ଚରିତ୍ର ସନ୍ଦେହ କରି ସ୍ୱାମୀ ହତ୍ୟା କରି ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଏନେଇ ଅଭିଯୋଗ ପରେ ପୁଲିସ୍ ସ୍ୱାମୀ ଓ ଗାଡ଼ି ଡ୍ରାଇଭରକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗୁଣ୍ଡି ଗାଁର ରାମଚନ୍ଦ୍ର ମଲ୍ଲଙ୍କ ଝିଅ ଝରଣା ୨୦୧୫ ମସିହାରେ ନିମାପଡା ଚାରିଛକ ସଇଦାବାଦ ଗ୍ରାମର ଅଭିଷେକ ନାୟକଙ୍କୁ ବିବାହ କରିଥିଲେ। ବିବାହ ପରେ ସାଂସାର ଠିକ୍‌ଠାକ୍ ଚାଲିଥିଲା। ତେବେ ହଠାତ୍ ଝରଣାଙ୍କ ସଂସାରରେ ଉଠିଥିଲା ଅଶାନ୍ତିର ଝଡ଼। ଝରଣଙ୍କ ଚରିତ୍ରକୁ ସନ୍ଦେହ କରୁଥିଲେ ଅଭିଷେକ। ବାହାଘର ପୂର୍ବରୁ ନିଜ ଭିଣୋଇ ସାଗର ମଲ୍ଲିକଙ୍କ ସହ ଝରଣାଙ୍କ ସମ୍ପର୍କ ଥିବା ସ୍ୱାମୀ ଅଭିଷେକ ଅଭିଯୋଗ କରିଥିଲେ। ଏହି ଘଟଣା ଥାନାକୁ ଗଲା ପରେ ନଣନ୍ଦେଇ ସାଗର ମଲ୍ଲିକଙ୍କୁ ଗିରଫ କରିଥିଲା ପୁଲିସ୍। ପରବର୍ତ୍ତୀ ସମୟରେ ଝରଣା ଓ ଅଭିଷେକ ଭୁବନେଶ୍ୱର ପଳାଇ ଆସିଥିଲେ। କଳିଙ୍ଗ ନଗରରେ ଉଭୟ ରହୁଥିଲେ। ନିକଟରେ ସାଗର ଜାମିନରେ ଜେଲ୍‌ରୁ ବାହାରିଥିଲେ। ଘରକୁ ଫେରିବା ପରେ ସାଗର ଓ ତାଙ୍କ ସ୍ତ୍ରୀ’ଙ୍କ ମଧ୍ୟରେ ଅନେକ ପାଟିତୁଣ୍ଡ ହୋଇଥିଲା। ଯେଉଁଥିପାଇଁ ଅଭିଷେକଙ୍କ ଘରେ ଉଠିଥିଲା ଅଶାନ୍ତିର ଝଡ଼। ଝରଣାଙ୍କ ପାଇଁ ଭିଣୋଇ ସାଗର ଓ ଭଉଣୀଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିବା ଅଭିଷେକ ଏବଂ ତାଙ୍କ ପରିବାର ଲୋକ ସନ୍ଦେହ କରୁଥିଲେ। ତେଣୁ ଝରଣାକୁ ରାସ୍ତାରୁ ହଟାଇବା ପାଇଁ ଯୋଜନା କରିଥିଲେ।

# ୨୩ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି



ଭୁବନେଶ୍ୱର,୧୯।୯ (ସଂଚାର ବ୍ୟୁରୋ): ଆସନ୍ତା ସେପ୍ଟେମ୍ବର ୨୩ତାରିଖ-ସୋମବାରରେ ମୁଖ୍ୟମନ୍ତ୍ରୀଜନସାଧାରଣଙ୍କର ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଅଭିଯୋଗ ଦେବାକୁ ଥିବା ଜନସାଧାରଣଙ୍କ ପାଇଁ ଆଜିଠାରୁଉଦ୍ଦିଷ୍ଟ ଜନଶୁଣାଣି ପୋର୍ଟାଲଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନମାଧ୍ୟମରେପଞ୍ଜୀକରଣଆରମ୍ଭ ହୋଇଛି।ସେଦିନ ପଞ୍ଜୀକୃତ ସର୍ବାଧିକ ୧୦୦୦ ଦରଖାସ୍ତକାରୀ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ସେମାନଙ୍କର ଅଭିଯୋଗ ଜଣାଇପାରିବେ। ୨୩ତାରିଖ ସୋମବାର ୧୧ଟା ସମୟରୁ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଭୁବନେଶ୍ୱର, ୟୁନିଟ-୫ ସ୍ଥିତ ସରକାରୀ ବାସଗୃହ ନମ୍ବର ଭିଆଇଆଇଆଇଏମଆର-୪ ଠାରେ ଏହି ଜନଶୁଣାଣି ଅନୁଷ୍ଠିତ ହେବ। ଆବେଦନକାରୀ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହିବାକୁ ଏ ସଂପର୍କରେ ସାଧାରଣପ୍ରଶାସନଓସାଧାରଣଅଭିଯୋଗବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏଥି ସହିତ ଜନସାଧାରଣ ଯେପରି ସେଠାରେସୁବିଧାରେ ସେମାନଙ୍କର ଅଭିଯୋଗ ଦେଇପାରିବେ, ସେଥିପାଇଁ ଆନୁଷଙ୍ଗିକ ପ୍ରସ୍ତୁତି କରାଯାଉଛି।

# ପୂର୍ବାଞ୍ଚଳ ରାଜ୍ୟମାନଙ୍କ ସହ ଚତୁର୍ଥ ଆଞ୍ଚଳିକ ବୈଠକ

**ଶ୍ରମ ସଂସ୍କାର, ସାମାଜିକ ସୁରକ୍ଷା ଓ ନିଯୁକ୍ତି ଉପରେ ଆଲୋଚନା**

ଭୁବନେଶ୍ୱର,୧୯।୯ (ସଂଚାର ବ୍ୟୁରୋ): ଓଡ଼ିଶା, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଓ ଛତିଶଗଡ଼ର ଆଞ୍ଚଳିକ ବୈଠକ ଆସନ୍ତା ୨୦.୦୯.୨୦୨୪ (ଶୁକ୍ରବାର) ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଭାରତ ସରକାରଙ୍କ ଶ୍ରମ ଓ ନିଯୋଜନ ମନ୍ତ୍ରଣାଳୟ ପକ୍ଷରୁ ଶ୍ରମ ସଂସ୍କାର, ଅଣସଂଗଠିତ ଶ୍ରମିକମାନଙ୍କର ଇଶ୍ରମ-ନ୍ୟାସନାଲ ଡାଟାବେସ୍ (ଏନ୍ ଡିୟୁଡବ୍ଲ୍ୟୁ), କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ (ବିଓସିଡବ୍ଲୁ), କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍‌ଆଇସି) ଏବଂ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ଏହି ବୈଠକ ଆୟୋଜନ କରାଯାଉଛି। ଶ୍ରମ କୋଡ୍ ଅଧୀନରେ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଚିଠା ନିୟମାବଳୀରେ ସମନ୍ୱୟ, ନିଯୁକ୍ତି ତଥ୍ୟ ସମ୍ବନ୍ଧୀୟ ପ୍ରସଙ୍ଗ ଏବଂ ପ୍ରସ୍ତାବିତ ନିଯୁକ୍ତି ସଂଯୁକ୍ତ ପ୍ରୋତ୍ସାହନ (ଇଏଲଆଇ) ଯୋଜନା ଉପରେ ପରାମର୍ଶ, ପ୍ରବାସୀ ଶ୍ରମିକଙ୍କ ସମେତ ଅଣସଂଗଠିତ ଶ୍ରମିକମାନଙ୍କ ପାଇଁ ସାମାଜିକ ସୁରକ୍ଷା ସୁବିଧା ସହଜରେ ଉପଲବ୍ଧ କରାଇବା ପାଇଁ ଇ-ଶ୍ରମ ପୋର୍ଟାଲ୍ 'ୱାନ୍-ଷ୍ଟପ୍ ସଲ୍ୟୁସନ୍' ପ୍ରତିଷ୍ଠା, ବିଓସି ଶ୍ରମିକମାନଙ୍କୁ ବିଭିନ୍ନ କେନ୍ଦ୍ରୀୟ କଲ୍ୟାଣକାରୀ ଯୋଜନାର ସୁବିଧାର ସମ୍ପ୍ରସାରଣ ଏବଂ ନ୍ୟାସନାଲ କ୍ୟାରିୟର ସର୍ଭିସ (ଏନସିଏସ) ଆଦି ପ୍ରମୁଖ ଶ୍ରମ ଓ ନିଯୁକ୍ତି ପ୍ରସଙ୍ଗ ଏହି ବୈଠକରେ ଆଲୋଚନା ହେବ ।

# ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ବିଶେଷ ଅଭିଯାନ ୪.୦

ଭୁବନେଶ୍ୱର,୧୯।୯ (ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଦ୍ୱାରା ଅନୁପ୍ରାଣିତ ହୋଇ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଏହାର କ୍ଷେତ୍ରୀୟ କାର୍ଯ୍ୟାଳୟ ସହ ସ୍ୱଚ୍ଛତାକୁ ସଂସ୍ଥାପନ କରିବା, ବକେୟା ମାମଲାର ଫଇସଲା, ଉନ୍ନତ ସ୍ଥାନ ପରିଚାଳନା ଏବଂ ବିଭିନ୍ନ ଯୋଗାଯୋଗ ମାଧ୍ୟମରେ ସଚେତନତା ସୃଷ୍ଟି କରିବା ପାଇଁ ସର୍ବୋତ୍ତମ ପଦକ୍ଷେପ ଗ୍ରହଣ କରିବା ଇତ୍ୟାଦି ଲକ୍ଷ୍ୟ ଧାର୍ଯ୍ୟ କରି ୨ ଅକ୍ଟୋବରରୁ ୩୧ ଅକ୍ଟୋବର ୨୦୨୪ ପର୍ଯ୍ୟନ୍ତ ବିଶେଷ ଅଭିଯାନ ୪.୦ରେ ଭାଗ ନେବାକୁ ପ୍ରସ୍ତୁତ ହେଉଛି। ମନ୍ତ୍ରଣାଳୟର ସଚିବ ଶ୍ରୀ ସଞ୍ଜୟ ଜାଜୁ ୬ ସେପ୍ଟେମ୍ବର ୨୦୨୪ରେ ସମସ୍ତ ଗଣମାଧ୍ୟମ ମୁଖ୍ୟଙ୍କ ସହ ଦୀର୍ଘ ଦିନରୁ ବକେୟା ତଥା ବିଚାରାଧିନ ମାମଲାଗୁଡ଼ିକର ସମାଧାନ ପାଇଁ ସ୍ୱତନ୍ତ୍ର ଅଭିଯାନ ୪.୦ କୁ କାର୍ଯ୍ୟକାରୀ କରିବାର ପ୍ରସ୍ତୁତି ସମ୍ପର୍କିତ ଅଗ୍ରଗତି ଏବଂ ସମ୍ପୂର୍ଣ୍ଣ ସରକାରୀ ଆଭିମୁଖ୍ୟ ସହ ବିଭିନ୍ନ କାର୍ଯ୍ୟକ୍ରମକୁ ପାନ୍-ଇଣ୍ଡିଆ ଆଧାରରେ ପ୍ରଚାର କରିବା ସହିତ ସ୍ୱଚ୍ଛତା ଉପରେ ଏକ ସମୀକ୍ଷା ବୈଠକ କରିଥିଲେ ।

# ବିଜେପି ଅଫିସ ସାମନାରେ ବିଶାଳ ଗଣବିକ୍ଷୋଭ



ଭୁବନେଶ୍ୱର,୧୯।୯ (ସଂଚାର ବ୍ୟୁରୋ): କଂଗ୍ରେସ ନେତା ତଥା ଲୋକସଭାରେ ବିରୋଧି ଦଳ ନେତା ରାହୁଲ ଗାନ୍ଧୀଙ୍କ ପ୍ରତି କେନ୍ଦ୍ରମନ୍ତ୍ରୀ, ବିଜେପି ଓ ତାର ସହଯୋଗୀ ଦଳର ନେତାମାନେ ଦେଇଥିବା ଆପତିଜନକ ମନ୍ତବ୍ୟ ବିରୋଧରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଏହି ବିଶାଳ ଗଣବିକ୍ଷୋଭ ରାଲିରେ ହଜାର ହଜାର କଂଗ୍ରେସ ନେତା ଓ କର୍ମୀମାନେ ପିସିସି ଷ୍ଟିଅରିଂ କମିଟିର ସଦସ୍ୟ ତଥା କାର୍ଯ୍ୟକ୍ରମର ସଂଯୋଜକ ମହମ୍ମଦ ମୋକିମଙ୍କ ନେତୃତ୍ୱରେ କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଂଟିନ ଛକ ଦେଇ ବିଜେପି ଅଫିସ ଆଡ଼କୁ ମୁହାଁଉଥିବା ବେଳେ ଶ୍ରୀୟା ଛକ ନିକଟରେ ପୋଲିସ ଦ୍ୱାରା ପ୍ରସ୍ତୁତ ବାରିକେଡ ଠାରେ କଂଗ୍ରେସ କର୍ମୀ ଓ ପୋଲିସଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। କଂଗ୍ରେସ କର୍ମୀମାନେ ରାହୁଲ ଗାନ୍ଧୀ ଜିନ୍ଦାବାଦ ନାରା ଦେଇ ବ୍ୟାରିକେଡ ଉପରକୁ ଚଢ଼ି ଆଗକୁ ଯିବାପାଇଁ ଉଦ୍ୟମ କରୁଥିବା ବେଳେ ପୋଲିସ ବଳପୂର୍ବକ ଭାବେ ଉଠାଇ ଶତାଧିକ କଂଗ୍ରେସ କର୍ମୀଙ୍କୁ ଅଟକ ରଖିଥିଲା। ଦେଶରେ ନରେନ୍ଦ୍ର ମୋଦୀଙ୍କ ସରକାର ଆସିବା ପରେ ବିଜେପି ଓ ତାର ସହଯୋଗୀ ଦଳର ନେତାମାନେ ବିରୋଧି ଦଳର ନେତାମାନଙ୍କ ପ୍ରତି ଲଗାତାର ଭାବେ ଆପତିଜନକ ମତ ମନ୍ତବ୍ୟ ଦେବା ବିଜେପି ଦଳର ନୀଚ ମାନସିକତା ଦର୍ଶାଉଛି। ଲୋକସଭାରେ ବିରୋଧି ଦଳ ନେତା ରାହୁଲ ଗାନ୍ଧୀଙ୍କ ପ୍ରତି ମୋଦି ସରକାରର ମନ୍ତ୍ରୀ ରବନିତ୍ ସିଂ ବିଟୁ ଲଗାତାର ଭାବେ ଆପତିଜନକ ଟିପ୍ପଣି ଦେଇଚାଲିଥିବା ବେଳେ ପ୍ରଧାନମନ୍ତ୍ରୀ ମୁହଁ ନ ଖୋଲିବା ଓ ବିଜେପି ତାଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନନେବା ସୂଚାଇ ଦେଉଛି ଯେ ଏହାକୁ ପରୋକ୍ଷରେ ନରେନ୍ଦ୍ର ମୋଦୀ ଓ ବିଜେପି ସମର୍ଥନ ଜଣାଉଛି ବୋଲି ଶ୍ରୀ ମୋକିମ କହିଛନ୍ତି।

# ଡିଜିଟାଲ କୃଷି ମିଶନର ଶୁଭାରମ୍ଭ ପାଇଁ ମଞ୍ଜୁରି



ନୂଆଦିଲ୍ଲୀ,୧୯।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତୃତୀୟ କାର୍ଯ୍ୟକାଳରେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପାଇଁ ୧୦୦ ଦିନ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଏବଂ ସଫଳତା ଅବସରରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ଶିବରାଜ ସିଂ ଚୌହାନ ଆଜି ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ସଚିବ ଡ. ଦେବେଶ ଚତୁର୍ବେଦୀ ଏବଂ କୃଷି ଗବେଷଣା ଓ ଶିକ୍ଷା ବିଭାଗ (ଡିଏଆରଇ)ର ସଚିବ ତଥା ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର)ର ମହାନିର୍ଦ୍ଦେଶକ ଡ. ହିମାଂଶୁ ପାଠକ ଏବଂ ମନ୍ତ୍ରଣାଳୟର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବରାଜ ସିଂ ଚୌହାନ କହିଥିଲେ ଯେ କୃଷି ହେଉଛି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ ଏବଂ ଏହା ଆମ ଜୀବନର ଆଧାର ଏବଂ ୧୪୦ କୋଟି ଦେଶବାସୀଙ୍କୁ ଖାଦ୍ୟ ସୁରକ୍ଷା ପ୍ରଦାନ କରିବା ସରକାରଙ୍କ ର ସବୁଠାରୁ ବଡ ଦାୟିତ୍ୱ। କୃଷକ ହେଉଛନ୍ତି କୃଷିର ଆତ୍ମା ଓ ଜୀବନ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଲାଲକିଲ୍ଲା ପ୍ରାଚୀରରୁ କହିଥିଲେ ଯେ ସେ ପୂର୍ବ ତୁଳନାରେ ତିନି ଗୁଣ ଅଧିକ କାମ କରିବେ। ମୋ ସମେତ କୃଷି ବିଭାଗର ସମସ୍ତ ଅଧିକାରୀ ଶପଥ ନେଇଥିଲେ ଯେ ପ୍ରଧାନମନ୍ତ୍ରୀ କାହିଁକି ଏକାକୀ କାମ କରିବେ, ଆମେ ସମସ୍ତେ ମିଳିମିଶି କାମ କରିବୁ। ପ୍ରଥମ ଶହେ ଦିନରେ ଆମେ ଏହି ପ୍ରୟାସ କରିଛୁ। କୃଷକଙ୍କ କଲ୍ୟାଣ ଓ କୃଷିର ବିକାଶ ପାଇଁ ଆମର ୬ ସୂତ୍ରୀ ରଣନୀତି ରହିଛି। ପ୍ରଥମ - ଉତ୍ପାଦନ ବୃଦ୍ଧି, ହେକ୍ଟର ପିଛା ଅମଳ କିପରି ବୃଦ୍ଧି କରାଯିବ? ନିକଟରେ ନିଆଯାଇଥିବା ନିଷ୍ପତ୍ତି ଗୁଡ଼ିକ ମଧ୍ୟରୁ ମୁଖ୍ୟ ନିଷ୍ପତ୍ତି ହେଲା ଫସଲର ଉତ୍ପାଦନ ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ ଜଳବାୟୁ ଅନୁକୂଳ, କୀଟ ପ୍ରତିରୋଧୀ ଏବଂ ଅଧିକ ଅମଳ କାରୀ ୬୫ଟି ଫସଲର ୧୦୯ ପ୍ରକାରର ନୂତନ ବିହନ କୃଷକମାନଙ୍କୁ ଉତ୍ସର୍ଗ କରିଥିଲେ।

ଦ୍ୱିତୀୟ - ଉତ୍ପାଦନ ଖର୍ଚ୍ଚ ହ୍ରାସ କରିବା, ଉତ୍ପାଦନ ବୃଦ୍ଧି କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ଉତ୍ପାଦନ ଖର୍ଚ୍ଚ ହ୍ରାସ କରିବା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ଏହାକୁ ହ୍ରାସ କରିବାର ଏକ ଉପାୟ ହେଉଛି ଚାଷୀଙ୍କୁ ସୁଲଭ ମୂଲ୍ୟରେ ସାର ଯୋଗାଇବା। ଚାଷୀମାନେ ଯେପରି ଠିକ୍ ସମୟରେ ସୁଲଭ ମୂଲ୍ୟରେ ସାର ପାଇବେ ସେଥିପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ସେ କହିଛନ୍ତି ଯେ ଗୋଟିଏ ବସ୍ତା ୟୁରିଆର ମୂଲ୍ୟ ୨୩୬୬ ଟଙ୍କା। ଆମେ ଏହାକୁ କୃଷକମାନଙ୍କୁ ୨୬୬ ଟଙ୍କାରେ ଉପଲବ୍ଧ କରାଉଛୁ। ଡିଏପିର ଏକ ବ୍ୟାଗ୍ ର ମୂଲ୍ୟ ୨୪୩୩ ଟଙ୍କା ଯାହାକୁ ଆମେ କୃଷକମାନଙ୍କୁ ୧୩୫୦ ଟଙ୍କାରେ ଉପଲବ୍ଧ କରୁଛୁ। ଡିଜିଟାଲ କୃଷି ମିଶନର ଶୁଭାରମ୍ଭକୁ ମଞ୍ଜୁରୀ ମିଳିବାର ୧୦୦ ଦିନ ମଧ୍ୟରେ ଆଉ ଏକ ସ୍ୱତନ୍ତ୍ର କାର୍ଯ୍ୟ କରାଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ କୃଷକମାନଙ୍କ ପାଇଁ ଜାତୀୟ କୀଟ ନିରୀକ୍ଷଣ ବ୍ୟବସ୍ଥା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ କୃଷକମାନେ ମଧ୍ୟ ଏହାକୁ ବ୍ୟବହାର କରିବା ଆରମ୍ଭ କରିଛନ୍ତି। ଶ୍ରୀ ଚୌହାନ କହିଛନ୍ତି ଯେ ଅକ୍ଟୋବରରେ ମଡର୍ଣ୍ଣ କିଷାନ ଚୌପାଲ - ଲ୍ୟାବ୍ ଟୁ ଲ୍ୟାଣ୍ଡ ଆରମ୍ଭ ହେବାକୁ ଯାଉଛି ଯେଉଁଥିରେ ବୈଜ୍ଞାନିକମାନେ କୃଷକମାନଙ୍କୁ ସିଧାସଳଖ ସୂଚନା ପ୍ରଦାନ କରିବେ।

# ଶ୍ରୀମନ୍ଦିର ଜମି-ବେଦାନ୍ତ ପାଖରୁ ଫେରିବ କେବେ ?

ଭୁବନେଶ୍ୱର, ୧୯।୯: ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପୁରୀ-କୋଣାର୍କ ମଝିରେ ଯେଉଁ ଜମି ଦିଆଯାଇଥିଲା ତାହାକୁ ସୁପ୍ରିମ୍‌କୋର୍ଟ ବେଆଇନ୍ ଦର୍ଶାଇବାର ପ୍ରାୟ ଦେଢ଼ବର୍ଷ ହେବାକୁ ଯାଉଥିବାବେଳେ ଅଦାଲତଙ୍କ ନିର୍ଦ୍ଦେଶ ମୁତାବକ ଏହି ଜମି ଏଯାବତ୍ ବିଧିବଦ୍ଧ ଭାବେ ଫେରସ୍ତ ଅଣାଯାଇ ନାହିଁ। ଏଥିରେ ଶ୍ରୀଜଗନ୍ନାଥ ମନ୍ଦିରର ସହସ୍ରାଧିକ ଏକର ଜମି ମଧ୍ୟ ରହିଛି।
ଏଠାରେ ଉଲ୍ଲେଖନୀୟ ଯେ ଏକ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାପାଇଁ ରାଜ୍ୟ ସରକାର ଜମି ଅଧିଗ୍ରହଣ କରି ଅନୀଲ ଅଗ୍ରୱାଲ ଫାଉଣ୍ଡେସନକୁ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟ ପାଇଁ ୬ହଜାର ଏକରରୁ ଅଧିକ ଜମି କାହିଁକି ଆବଶ୍ୟକ ପଡୁଛି ବୋଲି ସେତେବେଳେ ପ୍ରଶ୍ନ ଉଠାଯିବା ସହିତ ଏହାକୁ ବିରୋଧ କରାଯାଇଥିଲା।
ସାଧାରଣ ଲୋକଙ୍କ ମାଲିକାନାରେ ଥିବା ୩୩୦୦ ଏକରରୁ ଅଧିକ ଜମିକୁ ସରକାର ଅଧିଗ୍ରହଣ କରି ଏହି ସଂସ୍ଥା ହାତରେ ଟେକି ଦେଇଥିଲେ। ଏହାଛଡା ଶ୍ରୀମନ୍ଦିର ପ୍ରଶାସନର ସହସ୍ରାଧିକ ଏକର ଜମି ମଧ୍ୟ ଏଥିପାଇଁ ଦିଆଯାଇଥିଲା। ଏମିତିକି ପ୍ରାୟ ୫୦୦ ଏକର ସରକାରୀ ଜମି ବି ଏହି ବିଶ୍ୱବିଦ୍ୟାଳୟ ପାଇଁ ପ୍ରଦାନ କରାଯାଇଥିଲା ଯାହା ଭିତରେ ଗୋଚର, ଅନାବାଦି ଆଦି କିସମର ଜମି ମଧ୍ୟ ଥିଲା। ତେବେ ଜମି ନେଇଥିବା ସଂସ୍ଥା ଏଠାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିପାରିନଥିଲା। ଓଡ଼ିଶା ହାଇକୋର୍ଟରେ ଏହି ମାମଲାର ପରିସମାପ୍ତି ପରେ ପୁଣି ସୁପ୍ରିମ୍‌କୋର୍ଟରେ ଏହା ଚାଲିଥିଲା। ୨୦୨୩ ଏପ୍ରିଲ୍ ୧୨ ତାରିଖରେ ସୁପ୍ରିମ୍‌କୋର୍ଟ ଏକ ଯୁଗାନ୍ତକାରୀ ରାୟ ଦେଇ ଜମି ଅଧିଗ୍ରହଣକୁ ବାତିଲ କରିବା ସହ ଯେଉଁମାନଙ୍କ ଠାରୁ ଜମି ନିଆଯାଇଥିଲା ସେମାନଙ୍କ ଖାତାକୁ ତାହା ଫେରାଇ ଦେବାପାଇଁ ନିର୍ଦ୍ଦେଶ ଦେବା ସଂଗେ ସଂଗେ ସମ୍ପୃକ୍ତ ସଂସ୍ଥା ଉପରେ ବି ମୋଟା ଅଙ୍କର ଜୋରିମାନା ଲଗାଇଥିଲେ।
ସୁପ୍ରିମକୋର୍ଟଙ୍କ ଆଦେଶ ଠିକଣା ଭାବେ କାର୍ଯ୍ୟକାରୀ ହୋଇନଥିବାରୁ ଇତି ମଧ୍ୟରେ ଏ ପ୍ରସଙ୍ଗ ପୁଣିଥରେ ହାଇକୋର୍ଟରେ ଉଠିଛି। ଏବେ ଅଦାଲତଙ୍କ ନିର୍ଦ୍ଦେଶର ପ୍ରତିପାଳନ ରାଜ୍ୟ ସରକାରଙ୍କ ଉପରେ ନିର୍ଭର କରୁଛି। କିନ୍ତୁ ଗତବର୍ଷ ଏପ୍ରିଲରୁ ଏଯାବତ୍ ଏହି ଜମି ଫେରସ୍ତ ସଂକ୍ରାନ୍ତରେ କ’ଣ ସବୁ ପଦକ୍ଷେପ ନିଆଯାଇଛି ସେଥିନେଇ ସରକାରୀ ସ୍ତରରେ ଏବେ ଜୋରଦାର ଖୋଳତାଡ ଚାଲିଛି। ବିଶେଷକରି ନିର୍ବାଚନୀ ପ୍ରତିଶ୍ରୁତି ମୁତାବକ ବିଜେପି ସରକାର ଶ୍ରୀମନ୍ଦିରର ସମସ୍ତ ଦ୍ୱାର ଭକ୍ତମାନଙ୍କ ପାଇଁ ଖୋଲିବା ସହିତ ରତ୍ନଭଣ୍ଡାରର ଗଣତି ମଣତି ପାଇଁ ପ୍ରକ୍ରିୟା ଆରମ୍ଭ କରିଥିବା ପରିପ୍ରେକ୍ଷୀରେ ଶ୍ରୀମନ୍ଦିରର ଯେଉଁ ସହସ୍ରାଧିକ ଏକର ଜମି ଏହି ଫାଉଣ୍ଡେସନକୁ ଦିଆଯାଇଥିଲା ତାହା କେବେ ସୁଦ୍ଧା ଶ୍ରୀମନ୍ଦିର ପ୍ରଶାସନ ଖାତାକୁ ଫେରିବ ତାହା ଉପରେ ସମସ୍ତଙ୍କ ନଜର। ଆଇନ୍ ଓ ରାଜସ୍ୱ ବିଭାଗର ଅଧିକାରୀମାନେ କହୁଛନ୍ତି ଯେ ସୁପ୍ରିମ୍‌କୋର୍ଟଙ୍କ ରାୟକୁ ଅକ୍ଷରେ ଅକ୍ଷରେ ପାଳନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ପୁରୀ ଜିଲ୍ଲା ପ୍ରଶାସନ ମଧ୍ୟ ଏହି ଘଟଣାକୁ ଗୁରୁତ୍ୱର ସହ ନେଇଛି। ଏହି ପ୍ରକଳ୍ପ ବିରୁଦ୍ଧରେ ଚାଲିଥିବା ଆନ୍ଦୋଳନରେ ଦୀର୍ଘବର୍ଷ ଧରି ଜଡିତ ଥିବା ସାମାଜିକ କର୍ମୀ ଦେବୀ ପ୍ରସାଦ ପୃଷ୍ଟି କହିଛନ୍ତି ଯେ ଚାଷୀମାନଙ୍କ ଜମି ସହିତ ଶ୍ରୀମନ୍ଦିରର ଜମି ତୁରନ୍ତ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଫେରିବା କଥା। ଏହାଛଡା ଯେତେସବୁ ସରକାରୀ ଜମି ବିଶ୍ୱବିଦ୍ୟାଳୟ ପାଇଁ ଏହି ଫାଉଣ୍ଡେସନ ହାତରେ ଟେକି ଦିଆଯାଇଥିଲା ତାହାକୁ ତୁରନ୍ତ ସରକାରୀ ଖାତାକୁ ଫେରାଇ ଆଣି ତାହାର ସୁରକ୍ଷା ଦାୟିତ୍ୱ ବି ସରକାର କରିବାକଥା। (ତଥ୍ୟ)



## ଜୀବନ ଅମୃତ ଅନୁଚିନ୍ତା

ଭକ୍ତର ଚରମ ନିବେଦନ-ହେ ପ୍ରଭୁ ! ତୁମେ ଯିଏ ଯାହା ଚାହୁଁଛନ୍ତି, ସବୁ ଦେଇଦିଅ, ସେଥିରେ ମୋର ଆପତ୍ତି ନାହିଁ ; ମୋତେ କେବଳ ତୁମ ଶ୍ରୀଚରଣ ତଳେ ଜାଗା ଟିକିଏ ଦିଅ।

SANCHAR
# ସଂଚାର

୪ ଶୁକ୍ରବାର ୨୦ ସେପ୍ଟେମ୍ବର ୨୦୨୪, ଭୁବନେଶ୍ୱର
Friday 20 September 2024 Bhubaneswar


# ଶହେ ଦିନର ଉପଲବ୍ଧି

ରାଜ୍ୟରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ଗଠିତ ହେବାର ଶହେ ଦିନ ପୂର୍ତ୍ତୀ ହୋଇଛି। ଏହା ସେମିତି କିଛି ବଡ଼ ସଫଳତା ବା ମାଇଲ ଖୁଣ୍ଟ ନହେଲେ ମଧ୍ୟ ୧୦୦ଦିନର ଉପଲବ୍ଧିକୁ ସମୀକ୍ଷା କରିବାର ଏକ ସୁଯୋଗ ସୃଷ୍ଟି ହୋଇଛି। ଏଥିପାଇଁ ପୁରୀରେ ବିଜେପି ପକ୍ଷରୁ ଏକ ବଡ଼ ସମାରୋହ ଅନୁଷ୍ଠିତ ହେଉଛି। ଏଥିରେ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିଧାୟକ ଏବଂ ଦଳୀୟ ସାଂସଦଙ୍କଠାରୁ ଆରମ୍ଭ କରି ଅଧିକାଂଶ ପ୍ରମୁଖ କର୍ମକର୍ତ୍ତା ସାମିଲ ହୋଇଛନ୍ତି। ଦୀର୍ଘ ବର୍ଷର ସଂଘର୍ଷ ପରେ ରାଜ୍ୟରେ ପ୍ରଥମ ଥର ପାଇଁ ବିଜେପି ଏକାକି ସରକାର ଗଠନ କରିଛି। ଓଡ଼ିଶାବାସୀ ବିଜେପି ଉପରେ ଆସ୍ଥା ଏବଂ ବିଶ୍ୱାସ ସ୍ଥାପନ କରିଛନ୍ତି। ଏହା ପୂର୍ବରୁ ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ବିଜେପି ବିଜେଡି ସହ କ୍ଷମତାର ଅଂଶୀଦାର ଥିଲା। ୨୦୦୯ରେ ମେଣ୍ଟ ଭାଙ୍ଗିଗଲା। ଏହା ପରେ ୧୫ ବର୍ଷ କାଳ ବିଜେପି ରାଜ୍ୟରେ ଏକାକି ସଂଘର୍ଷ କରୁଛି। ୨୦୧୪ ଏବଂ ୨୦୧୯ରେ ବିଜେପି ସପକ୍ଷରେ ଜନମତ ଥିଲେ ମଧ୍ୟ ଏହା ବିଜେଡିକୁ ପରାଜିତ କରି କ୍ଷମତାକୁ ଆସିବା ସମ୍ଭବ ହୋଇନଥିଲା। ୨୦୧୪ରେ ମୋଦିଙ୍କ କଂଗେସ ମୁକ୍ତ ଭାରତ ଆହ୍ୱାନକୁ ପରୋକ୍ଷରେ ବିଜେଡିକୁ ସହାୟକ ହୋଇଥିଲା। ୨୦୧୯ରେ ବିଜେପି ପାଇଁ ସୁଯୋଗ ସୃଷ୍ଟି ହୋଇଥିଲା। ବିଜେପି ରାଜ୍ୟରେ ୮ଟି ଲୋକସଭା ଆସନରେ ବିଜୟୀ ହୋଇଥିଲା। ବିଧାନସଭାରେ ଏହା ମୁଖ୍ୟ ବିରୋଧୀ ଦଳ ଆସନରେ ବସିଥିଲା। କ୍ଷମତା ଦଖଲର ଏହା ଥିଲା ପ୍ରଥମ ପର୍ବ। ଚଳିତ ବର୍ଷ ଅନୁଷ୍ଠିତ ନିର୍ବାଚନରେ ବିଜେପି ସଠିକ ରଣକୌଶଳ ନିର୍ଦ୍ଧାରଣ କରିବା ସହିତ ବିଜେଡି ବିରୋଧରେ ଆକ୍ରମଣାତ୍ମକ ରଣକୌଶଳ ଆପଣାଇଥିଲା। ଫଳରେ ବିଜେଡିକୁ ପରାଜିତ କରି ଏହା ପ୍ରଥମ ଥର ଲାଗି ରାଜ୍ୟରେ କ୍ଷମତାସୀନ ହୋଇପାରିଲା। ୨୦୨୪ରେ ବିଜେପି ପାଇଁ ଏହା ଥିଲା ସବୁଠାରୁ ବଡ଼ ସଫଳତା। ପୂର୍ବ ଭାରତରେ ବିଜେପି ନିଜର ସ୍ଥିତି ମଜବୁତ କରିବା ପାଇଁ ଯେଉଁ ଲକ୍ଷ୍ୟ ରଖିଥିଲା ତାହା ସଫଳ ହୋଇଛି। ତେବେ ଶାସନ କ୍ଷମତାରେ ୧୦୦ ଦିନ ପୂରଣ କରିବା ବଡ଼ କଥା ନୁହେଁ। ବଡ଼ କଥା ହେଲା ଲୋକଙ୍କ ଆଶା ଆକାଂକ୍ଷା ପୂରଣ କରିବାରେ ଏହା କେତେଦୂର ସକ୍ଷମ ହୋଇଛି, କେତେଦୂର ନିଷ୍ଠାର ସହ ଉଦ୍ୟମ କରୁଛି। ସାଧାରଣ ଲୋକେ ସରକାରଙ୍କଠାରୁ ଅନେକ କିଛି ଆଶା କରୁଛନ୍ତି। ଗତ ୨୪ ବର୍ଷ ହେବ ଗୋଟିଏ ସରକାର ଚାଲିଥିଲା। ସେହି ସରକାରର ଆଭିମୁଖ୍ୟ ବା କାର୍ଯ୍ୟକ୍ରମ ଯହା ଥିଲା ଏବେ ନୂଆ ସରକାରର ଆଭିମୁଖ୍ୟ ଏବଂ କାର୍ଯ୍ୟକ୍ରମରେ ପରିବର୍ତ୍ତନ ଆଶା କରିବା ସ୍ୱାଭାବିକ। ଏକଥା ସତ ଯେ ସରକାର ଏକ କ୍ରମାଗତ ପ୍ରକ୍ରିୟା ଏବଂ ସରାରର ନେତୃତ୍ୱ ବଦଳିଲେ ମଧ୍ୟ ନୀତି ନିୟମ ସବୁ ସମାନ। କେବଳ ସରକାରଙ୍କ କାର୍ଯ୍ୟ କରିବାର ତରିବାରେ ଯାହା ପରିବର୍ତ୍ତନ ଆଶା କରାଯାଇପାରେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ସାଧାରଣ ଆଦିବାସୀ ପରିବାରରୁ ଆସିଛନ୍ତି। ତୃଣମୂଳ ସ୍ତରରେ କାର୍ଯ୍ୟ କରିଛନ୍ତି। ସମାଜର ତଳସ୍ତରରେ ଥିବା ଗରୀବ ଲୋକଙ୍କ ସମସ୍ୟା, ସେମାନଙ୍କ ଦୁଃଖ ଏବଂ ଆବଶ୍ୟକତା ସମ୍ପର୍କରେ ସେ ଭଲଭାବେ ଜାଣିଛନ୍ତି। ଦୀର୍ଘଦିନ ଧରି ସେ ବିଧାନସଭାରେ ବିରୋଧୀ ଦଳରେ ରହି କାର୍ଯ୍ୟ କରିଛନ୍ତି। ତେଣୁ ପୂର୍ବ ସରକାର କେଉଁଠି ଭୁଲ କରିଛନ୍ତି, ଲୋକଙ୍କ ଅଭିଯୋଗ, ଅସନ୍ତୋଷକୁ ସେ ଭଲଭାବେ ଜାଣିଛନ୍ତି ଏବଂ ବିଧାନସଭାରେ ଉପସ୍ଥାପନ କରିଛନ୍ତି। ଆଶା କରାଯାଉଛି, ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ଅନେକ ସମସ୍ୟାର ସମାଧାନ ହୋଇପାରିବ ଏବଂ ଗରୀବ ଲୋକଙ୍କ ହିତରେ ସରକାର କାର୍ଯ୍ୟ କରିବେ। ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ଅନୁଷ୍ଠିତ ପ୍ରଥମ କ୍ୟାବିନେଟରେ ସେ ୪ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ। ପ୍ରଥମ ନିଷ୍ପତ୍ତି ଥିଲା ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲିବା। ଏହା ତତ୍କାଳ କାର୍ଯ୍ୟକାରୀ ହେଲା। ଦ୍ୱିତୀୟ ନିଷ୍ପତ୍ତି ଥିଲା ଶ୍ରୀମନ୍ଦିର ଲାଗି ୫୦୦ହଜାର କୋଟିର ଏକ କର୍ପସ ଫଣ୍ଡ ଗଠନ କରିବା। ତୃତୀୟ ନିଷ୍ପତ୍ତି ହେଲା ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରିବା। ଗତ ୧୭ ତାରିଖରୁ ଏହା କାର୍ଯ୍ୟକାରୀ ହୋଇଛି ଏବଂ ପର୍ଯ୍ୟାୟକ୍ରମେ ରାଜ୍ୟର ସମସ୍ତ ଯୋଗ୍ୟ ମହିଳା ଏହା ପାଇବେ। ଚତୁର୍ଥ ନିଷ୍ପତ୍ତି ହେଲା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୩୧ଶହ ଟଙ୍କାକୁ ବୃଦ୍ଧି କରିବା। ଏଥିଲାଗି ଏକ କମିଟି ଗଠନ କରାଯାଇଛି ଏବଂ ଏହି କମିଟି ଏଥିଲାଗି ମୋଡାଲିଟି ପ୍ରସ୍ତୁତ କରିବ। ଗୋଟିଏ ବାକ୍ୟରେ କହିଲେ ନିର୍ବାଚନ ବେଳେ ବିଜେପି ଦେଇଥିବା ବିଭିନ୍ନ ପ୍ରତିଶ୍ରୁତିକୁ ଯେପରି ନିଷ୍ଠାର ସହ ପାଳନ କରାଯାଏ, ସେଥିଲାଗି ନୂଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ପ୍ରତିବଦ୍ଧତାକୁ ପ୍ରଥମ ଦିନରୁ ପରିପ୍ରକାଶ କରିଛନ୍ତି। ୧୦୦ ଦିନ ଭିତରେ ରାଜ୍ୟକୁ ୪୫ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ଆସିଛି। ଏହା କିଛି କମ କଥା ନୁହେଁ। ଲୋକେ ବିଜେପି ପ୍ରତି ଯେଉଁ ଆସ୍ଥା ଏବଂ ବିଶ୍ୱାସ ରଖି ନିର୍ବାଚନରେ ସମର୍ଥନ କରିଛନ୍ତି ତାହାର ମୂଲ୍ୟ ଦେବା ହେଉଛି ମୁଖ୍ୟମନ୍ତ୍ରୀଙ୍କ ପ୍ରଥମ କର୍ତ୍ତବ୍ୟ। ବିଜେପି ସରକାରର ମୂଳ ମନ୍ତ୍ର ହେଲା ଟିମ ୱାର୍କ। ଏଥିପାଇଁ ସାମୁହିକ ନେତୃତ୍ୱକୁ ଦଳ ଗୁରୁତ୍ୱ ଦେଇ ଆସୁଛି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ଦୁଇ ଉପ-ମୁକ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ତିନିଜଣ ତିନି ବର୍ଗର ପ୍ରତିନିଧିତ୍ୱ କରୁଛନ୍ତି। ଜଣେ ମହିଳା, ଜଣେ ଆଦସିବାସୀ ଏବଂ ଜଣେ ସାଧାରଣ ବର୍ଗର। ଜଣେ ଉପକୂଳ, ଜଣେ ପଶ୍ଚିମ ଓଡ଼ିଶାର ପ୍ରତିନିଧି କରୁଥିବା ବେଳେ ମୁଖ୍ୟମନ୍ତ୍ରୀ ଆଦିବାସୀ ଅଧ୍ୟୁଷିତ କେନ୍ଦୁଝର ଜିଲ୍ଲାରୁ ଆସିଛନ୍ତି ଏବଂ ସେ ସାମଗ୍ରିକ ଭାବେ ରାଜ୍ୟର ନେତା ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଜ୍ୟରେ ପ୍ରତିଷ୍ଠିତ ସରକାର ବିଜେପି ସରକାର, ମୋହନ ଚରଣ ମାଝୀଙ୍କ ସରକାର ନୁହେଁ ବୋଲି ପ୍ରମାଣିତ କରିବାକୁ ପ୍ରୟାସ କରାଯାଇଛି। ତେବେ ଏହା ଅୟାମାରମ୍ଭ। ଆଗକୁ ଆହୁରି ଅନେକ ବାଟ ଯିବାକୁ ଅଛି। ରାସ୍ତା କଣ୍ଟକଣ୍ଟକିତ। ରାଜ୍ୟ ମନ୍ତ୍ରିମଣ୍ଡଳରେ ଅନେକ ନବାଗତ ଅଛନ୍ତି, ଅନେକ ପୂର୍ବରୁ କେବେ ମନ୍ତ୍ରୀ ହୋଇନଥିଲେ। କେବଳ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କର ମନ୍ତ୍ରୀ ଭାବେ ପ୍ରଶାସନିକ ଅଭିଜ୍ଞତା ରହିଛି। ତେଣୁ ନବନିଯୁକ୍ତ ମନ୍ତ୍ରୀମାନେ ଆଗକୁ କାମ କରିବା ବେଳେ ଅନେକ ସମସ୍ୟାର ସମ୍ମୁଖୀନ ହେବେ। ସେମାନଙ୍କୁ ଅନେକ କ୍ଷେତ୍ରରେ ଅଫିସରଙ୍କଉପରେ ନିର୍ଭର କରିବାକୁ ପଡ଼ିବ। ବିଜେପିର ଅନେକ ବିଧାନସଭାକୁ ପ୍ରଥମ ଥର ଲାଗି ନିର୍ବାଚିତ ହୋଇ ଆସିଛନ୍ତି। ବିଧାନସଭାର କାର୍ଯ୍ୟବିଧି ଏବଂ ପରିଚାଳନା ସମ୍ପର୍କରେ ସେମାନଙ୍କ ବିଶେଷ ଧାରଣା ନାହିଁ। ବିଧାନସଭାରେ ବିରୋଧୀ ଦଳ ବେଶ ଶକ୍ତିଶାଳି ଏବଂ ସଂଖ୍ୟାରେ ବିଶେଷ ପଛରେ ନାହାଁନ୍ତି। ତେଣୁ ଆଗାମୀ ଦିନରେ ମୋହନ ମାଝୀ ସରକାରଙ୍କୁ ବିଧାନସଭାରେ ବିରୋଧୀ ଦଳର କଡ଼ା ଚାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। ସରକାରର ସାମାନ୍ୟ ଭୁଲ ପାଇଁ ବିଧାନସଭା ହୁଲସ୍ଥୁଲ ହେବ। ତେଣୁ ସରକାରଙ୍କୁ ବେଶ ସତର୍କତାର ସହ କାର୍ଯ୍ୟ କରିବାକୁ ପଡ଼ିବ। ଯଦି ଲୋକଙ୍କ ପାଇଁ ସରକାର ଉତ୍ତମ କାର୍ଯ୍ୟ କରିବେ ଏବଂ ସରକାରଙ୍କ ପ୍ରତି ଜନସମର୍ଥନ ବଜାୟ ରହିବ ତେବେ କୌଣସି ସମସ୍ୟା ରହିବ ନାହିଁ। କେବଳ ସୁଭଦ୍ରା ଯୋଜନା କରିଦେଲେ ମହିଳାମାନେ ସମର୍ଥନ କରିବେ ସେଭଳି ଭାବିବା ଭୁଲ। ମହିଳାଙ୍କ ସୁରକ୍ଷା ସବୁଠାରୁ ବଡ଼ କଥା। ଏହା ସହିତ ଯୁବବର୍ଗର ବିକାଶ, ନିଯୁକ୍ତି ମୋହନ ସରକାରଙ୍କ ପାଇଁ ବଡ଼ ଚାଲେଞ୍ଜ।

## ସମ୍ପାଦକଙ୍କୁ ପତ୍ର

### ଏକନମ୍ବର ହାଟ ସୁବ୍ୟବସ୍ଥିତ ହେଉ

**ମହାଶୟ,**

ରାଜ୍ୟର ସର୍ବବୃହତ ବଜାର ବା ହାଟ ଭାବେ ପରିଚିତ ରାଜଧାନୀ ଭୁବନେଶ୍ୱରର ଏକନମ୍ବର ହାଟର ନବକଳେବର ପାଇଁ ଦୀର୍ଘ ବର୍ଷ ହେବ ଯୋଜନା ହେଉଛି, କିନ୍ତୁ କାର୍ଯ୍ୟକାରୀ ହେଉନି। ଏହାର ସମ୍ପ୍ରସାରଣ ନିମନ୍ତେ ହାଟ ନିକଟରେ ଥିବା ଅନେକ ସରକାରୀ କ୍ୱାର୍ଟରକୁ ଭଙ୍ଗାଗଲା, କିନ୍ତୁ କିଛି ଲାଭ ହେଲାନି। ଏହି ହାଟ ଦ୍ୱାରା ନିକଟବର୍ତ୍ତୀ ଅଞ୍ଚଳର ପରିବେଶ ପ୍ରଦୁଷିତ ହେଉଛି। ରାସ୍ତା ଅବରୋଧ ହେଉଛି। ପ୍ରତିଦିନ ଅଧିକରୁ ଅଧିକ ଦୋକାନ ବସୁଛି। ନୂଆ ବେପାରୀ ଆସୁଛନ୍ତି। ରାମମନ୍ଦିର ନିକଟବର୍ତ୍ତୀ ଅନେକ କ୍ୱାର୍ଟର ସମ୍ମୁଖରେ ଗଳି ଭିତରେ ପରିବା ଦୋକାନ ବସୁଛି। ତେଣୁ ତେଣୁ ଶୀଘ୍ର ଏହାକୁ ବ୍ୟବସ୍ଥିତ କରାଯାଉ, ହାଟ ବାହାରେ କାହାକୁ ବସିବାକୁ ସୁଯୋଗ ଦିଆନଯାଉ। ରାସ୍ତା ଅବରୋଧ ହଟୁ।

ସୁଶୀଲ କୁମାର ପ୍ରଧାନ
ୟୁନିଟ-୧, ଭୁବନେଶ୍ୱର

# ଆତ୍ମନିର୍ଭରଶୀଳ ଭାରତ

**ଗିରିଶ ଚନ୍ଦ୍ର ମହାପାତ୍ର**

କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାରଙ୍କ ଏକ ବଡ଼ ସଫଳତା ହେଲା ପ୍ରଧାନମନ୍ତ୍ରୀ ମୋଦି ଭାରତକୁ ସବୁ କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବାକୁ ଉଦ୍ୟମ କରୁଛନ୍ତି। ସତୁରୀ ଦଶକରେ ଇନ୍‌ଦିରା ଗାନ୍ଧି କାଦ୍ୟ ଉତ୍ପାଦନରେ ଭାରତକୁ ଆତ୍ମନିର୍ଭରଶୀଳ କରିବାକୁ ପ୍ରୟାସ କରିଥିଲେ। ତାହା କିଛିଟା ସଫଳ ହୋଇଥିଲା। ଏବେ ନରେନ୍ଦ୍ର ମୋଦି ଦେଶକୁ ସବୁ କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ପ୍ରୟାସ କରୁଛନ୍ତି। ଏହା ସ୍ୱାଗତଯୋଗ୍ୟ। ୟୁକ୍ରେନ ଓ ରଷିଆରୁ ସୂର୍ଯ୍ୟମୁଖୀ ତେଲ ଆମଦାନୀ ଏକରକମ ବନ୍ଦ ହୋଇଯାଇଥିଲା। ଏହା ପରେ ଭାରତ ମାଲେସିଆ ଓ ଇଣ୍ଡୋନେସିଆରୁ ପାମ ତେଲ ଆମଦାନୀକୁ ଗୁରୁତ୍ୱ ଦେଉଛି। କିନ୍ତୁ ମାଲେସିଆ ସରକାର ପାମ ତେଲ ଦର ବୃଦ୍ଧି କରିଥିବା ବେଳେ ଏବେ ଇଣ୍ଡୋନେସିଆ ସରକାର ପାମ ତେଲ ରପ୍ତାନୀ ଉପରେ ଆଂଶିକ କଟକଣା ଲଗାଇଛନ୍ତି। ଫଳରେ ଭାରତରେ ଖାଇବା ତେଲ ଦର ବଢ଼ିଛି। ବାହାଘର ବେଳେ ବାଇଗଣ ରୁଆ ଭଳି ଏବେ ଚିନ୍ତା କରାଯାଉଛି କିପରି ଭାରତ ଖାଇବା ତେଲରେ ସ୍ୱାବଲମ୍ବୀ ହୋଇପାରିବ। ଆଜି ଭାରତ ବିଦେଶରୁ ଗହମ ଆମଦାନୀ କରିବା ପରିବର୍ତ୍ତେ ବିଦେଶକୁ ରପ୍ତାନୀ କରୁଛି। ୟୁକ୍ରେନ ଓ ରଷିଆରୁ ଗହମ ନେଉଥିବା ଅନେକ ଦେଶ ଏବେ ଭାରତରୁ ଗହମ ନେବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ସେହିପରି ଅନ୍ୟାନ୍ୟ ବହୁ ଖାଦ୍ୟ ସାମଗ୍ରୀ ଉତ୍ପାଦନରେ ଭାରତ ସ୍ୱାବଲମ୍ବୀ ହୋଇପାରିଛି। କିନ୍ତୁ ଜନସଂଖ୍ୟା ବୃଦ୍ଧି ସହ ତାଳ ଦେଇ ଆମର ଚାହିଦା ମଧ୍ୟ ବଢ଼ୁଛି। ତେଣୁ ଯେତେ ଉତ୍ପାଦନ ହେଲେ ବି ବେଳେ ବେଳେ ଏହାର ଅଭାବ ପରିଲକ୍ଷିତ ହେଉଛି। ଏବେ ବି ଅନେକ ଖାଦ୍ୟ ସାମଗ୍ରୀ ବା କୃଷିଜାତ ସାମଗ୍ରୀ ଉତ୍ପାଦନରେ ଆମେ ସ୍ୱାବଲମ୍ବୀ ହୋଇପାରିନାହୁଁ। ଉଦାହରଣ ସ୍ୱରୂପ ଭାରତ ଏବେ ବି ଖାଇବା ତେଲ ଭଳି ଏକ ଅତ୍ୟାବଶ୍ୟକ କାଦ୍ୟ ସାମଗ୍ରୀ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇପାରିନାହିଁ ଏବଂ ବିଦେଶରୁ ସୂର୍ଯ୍ୟମୁଖଈ ତଥା ସୋୟାବିନ ଏବଂ ପାମ ତେଲ ଆମଦାନୀ କରିବାକୁ ପଡୁଛି। ୟୁକ୍ରେନ ସହ ରଷିଆର ଯୁଦ୍ଧ ଲାଗିବା ପରେ ଏହାର ଆମଦାନୀ ପ୍ରଭାବିତ ହେବାରୁ ଏବେ ଏହାର ଦର ବଢ଼ିଯାଇଛି। ୟୁକ୍ରେନ ଓ ରଷିଆରୁ ଭାରତ ଚାହିଦାର ୬୦ ପ୍ରତିଶତ ସୂର୍ଯ୍ୟମୁଖୀ ତେଲ ଆମଦାନୀ କରିଥାଏ। ଏହା ବନ୍ଦ ହୋଇଯିବା ଫଳରେ ଭାରତରେ ଏହାର ଦର ବଢ଼ିଛି। ଆଉ ଏହାର ସୁଯୋଗ ନେଇ ମାଲେସିଆ ପାମ ତେଲ ଦର ବଢ଼ାଇ ଦେଇଛି। ଏହା ଆମ ପାଇଁ ଏକ ଶିକ୍ଷା କହିଲେ ଅତ୍ୟୁକ୍ତି ହେବ ନାହିଁ। ମେକ୍ ଇନ ଇଣ୍ଡିଆ ଅଭିଯାନକୁ ଏବେ ଏ ଦିଗରେ କେନ୍ଦ୍ରୀଭୂତ କରିବା ଉଚିତ। ପ୍ରଥମେ କାଦ୍ୟ ଉତ୍ପାଦନରେ ଆମକୁ ସ୍ୱାବଲମ୍ବୀ ହେବାକୁ ପଡ଼ିବ। ପରେ ଅନ୍ୟ କଥା। ୟୁକ୍ରେନ ଉପରେ ରଷିଆ ସେନାର ଆକ୍ରମଣ ସାରା ବିଶ୍ୱର ଅର୍ଥନୀତିକୁ ଦୋହଲାଇ ଦେଇଥିବା ବେଳେ ଭାରତରେ ମଧ୍ୟ ଏହାର ଗଭୀର ପ୍ରଭାବ ପଡ଼ିଛି। ୟୁକ୍ରେନରେ ଥିବା ଭାରତୀୟଙ୍କୁ ଅପରେସନ ଗଙ୍ଗା ମାଧ୍ୟମରେ ସ୍ୱଦେଶ ଫେରାଇ ଅଣାଯାଇଛି। କିନ୍ତୁ ଯୁଦ୍ଧ ପ୍ରଭାବରେ ଭାରତରେ ଖାଇବା ତେଲର ଅଭାବ ପରିଲକ୍ଷିତ ହୋଇଛି ଏବଂ ଏହାର ଦର ମଧ୍ୟ ବଢ଼ିଛି। ୟୁକ୍ରେନ ଯୁଦ୍ଧ ଯୋଗୁଁ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବଢ଼ିଚାଲିଛି। ତେଣୁ ଭାରତରେ ମଧ୍ୟ ପେଟ୍ରୋଲ, ଡିଜେଲ ଓ ଏଲପିଜି ଦର ବଢ଼ିଛି। କାରଣ ଏସବୁ ସାମଗ୍ରୀ ଲାଗି ଭାରତକୁ ବିଦେଶ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ଭାରତରେ ପେଟ୍ରୋଲ ଡିଜେଲର ଯେତିକି ଚାହିଦା ରହିଛି ତାହାର ୮୫ ପ୍ରତିଶତ ବିଦେଶରୁ ଆମଦାନୀ ହୋଇଥାଏ। ବିଶ୍ୱ ବଜାରରେ ତୈଳ ଦର ବଢ଼ିବା ଅର୍ଥ ଭାରତରେ ପେଟ୍ରୋଲ ଓ ଡିଜେଲ ଦର ବଢ଼ିବ। ଏଥିରେ ବିଶେଷ କିଛି କରିବାର ନାହିଁ। ସରକାର କେବଳ ଏହା ଉପରୁ କିଛିଟା ଟିକସ ହ୍ରାସ କରିପାରିବେ। କିନ୍ତୁ ସେଥିରେ ବିଶେଷ ତଫାତ ପଡ଼ିବ ନାହିଁ। ଆଉ ପେଟ୍ରୋଲ ଓ ଡିଜେଲ ଉପରୁ ଟିକସ ହ୍ରାସ ସରକାରଙ୍କ ବିପୁଳ ରାଜସ୍ୱ ହାନୀ କରିବ।



ଭିତ୍ତିଭୂମି ବିକାଶ, ପ୍ରତିରକ୍ଷା, ସ୍ୱାସ୍ଥ୍ୟ ସେବା ଲାଗି ଅର୍ଥ କେଉଁଠୁ ଆସିବ? ରାଜ୍ୟ ସରକାରମାନେ ମଧ୍ୟ ପେଟ୍ରୋଲ ଓ ଡିଜେଲରୁ ଟିକସ ଆଦାୟ କରୁଛନ୍ତି। ସେମାନେ ବିକାଶମୂଳକ କାର୍ଯ୍ୟ ଓ କର୍ମଚାରୀଙ୍କ ଦରମା ବାବଦ ଅର୍ଥ କେଉଁଠୁ ଆଣିବେ? ତେବେ ସେ ଯାହା ହେଉ ୟୁକ୍ରେନ ଯୁଦ୍ଧ ଭାରତକୁ ଅନେକ ଶିକ୍ଷା ପ୍ରଦାନ କରିଛି। ସବୁ କ୍ଷେତ୍ରରେ ଆମକୁ ଯଥାସମ୍ଭବ ସ୍ୱାବଲମ୍ବୀ ହେବାକୁ ପଡ଼ିବ, ଅନ୍ୟ ଉପରେ ନିର୍ଭର କରି ସବୁଦିନ ଚଳି ପାରିବା ନାହିଁ। ଯଦି ଭାରତ ଖାଇବା ତେଲ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିଥାନ୍ତା ତେବେ ଆଜି ୟୁକ୍ରେନ ଯୁଦ୍ଧ ପ୍ରଭାବରୁ ଖାଇବା ତେଲ ଦରବୃଦ୍ଧି ହୋଇନଥାନ୍ତା କିମ୍ବା ଭାରତକୁ ବିକଳ୍ପ ଚିନ୍ତା କରିବାକୁ ପଡ଼ିନଥାନ୍ତା। ଯଦି ଭାରତରେ ମେଡିକାଲ ଶିକ୍ଷା ଲାଭ ନିମନ୍ତେ ପର୍ଯ୍ୟାପ୍ତ ସୁଯୋଗ ରହିଥାନ୍ତା ତେବେ ଭାରତରୁ ହଜାର ହଜାର ଛାତ୍ରଛାତ୍ରୀ ଏମବିବିଏସ ଡିଗ୍ରୀ ଲାଗି ୟୁକ୍ରେନ ଯାଇନଥାନ୍ତେ। ରଷିଆ ଆକ୍ରମଣ ପରେ ୟୁକ୍ରେନବାସୀ ଆଶା କରିଥିଲେ ଯେ, ବିଶ୍ୱ ସମୁଦାୟ ବିଶେଷ କରି ଆମେରିକା ନେତୃତ୍ୱରେ ନାଟୋ ଏବଂ ୟୁରୋପୀୟ ରାଷ୍ଟ୍ରସଂଘ ଏହା ସପକ୍ଷରେ ବାହାରିବେ ଓ ୟୁକ୍ରେନକୁ ସୁରକ୍ଷା ପ୍ରଦାନ କରିବେ। କିନ୍ତୁ ୟୁକ୍ରେନକୁ ଏଥିରେ ନିରାଶ ହେବାକୁ ପଡ଼ିଲା। ଆମେରିକା ଓ ୟୁରୋପୀୟ ରାଷ୍ଟ୍ରମାନେ କେବଳ ରଷିଆକୁ ନିନ୍ଦା କରୁଛନ୍ତି, ୟୁକ୍ରେନକୁ ନୈତିକ ସମର୍ଥନ ଦେଉଛନ୍ତି। କିନ୍ତୁ ୟୁକ୍ରେନର ସୁରକ୍ଷା ଲାଗି ସେମାନେ ଆଗେଇ ଆସିବାକୁ ପ୍ରସ୍ତୁତ ନାହାଁନ୍ତି। ଏହା ବି ସମ୍ଭବ ନୁହେଁ। ଏହା ଦ୍ୱାରା ତୃତୀୟ ବିଶ୍ୱଯୁଦ୍ଧ ଲାଗିବାର ଆଶଙ୍କା ରହିଛି। ୟୁକ୍ରେନକୁ ଆମେରିକା ଓ ଏହାର ବନ୍ଧୁରାଷ୍ଟ୍ରମାନେ ଆର୍ଥିକ ଏବଂ ସାମରିକ ଅସ୍ତ୍ରଶସ୍ତ୍ର ପ୍ରଦାନ କରୁଛନ୍ତି। କିନ୍ତୁ ଏହା ୟୁକ୍ରେନର ସୁରକ୍ଷା ଲାଗି ଯଥେଷ୍ଟ ନୁହେଁ। ରଷିଆ ଆକ୍ରମଣରେ ୟୁକ୍ରେନ ଧ୍ୱସ୍ତ ବିଧ୍ୱସ୍ତ ହୋଇଯିବା ପରେ ଏବେ ରାଷ୍ଟ୍ରପତି ଜେଲେନସ୍କି ସାଲିସ କରିବାକୁ ରାଜି ବୋଲି କହିଛନ୍ତି। ନାଟୋରେ ସାମିଲ ହେବାକୁ ତାଙ୍କର ଆଉ ଆଗ୍ରହ ନାହିଁ ବୋଲି ସେ କହିଛନ୍ତି। ଯଦି ୟୁକ୍ରେନ ସାମରିକ ଶକ୍ତିରେ ଆତ୍ମନିର୍ଭରଶୀଳ ହୋଇଥାନ୍ତା ତେବେ ଆଜି ଏଭଳି ଶୋଚନୀୟ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିନଥାନ୍ତା। ଏହା ଭାରତ ପାଇଁ ଏକ ବଡ଼ ଶିକ୍ଷା। ଭାରତ ଚାରିପଟେ ଚୀନ ଓ ପାକିସ୍ତାନ ଭଳି ଶକ୍ତିଶାଳୀ ଶତ୍ରୁ ରହିଛନ୍ତି। ସେମାନଙ୍କ ସହିତ ଭାରତର ଯୁଦ୍ଧ ସମ୍ଭାବନା ସବୁ ବେଳେ ରହିଛି। ତେଣୁ ଭାରତକୁ ସବୁ ବେଳେ ବିପୁଳ ଅର୍ଥ ପ୍ରତିରକ୍ଷା ବ୍ୟବସ୍ଥା ଲାଗି ବ୍ୟୟ କରିବାକୁ ପଡୁଛି। କିନ୍ତୁ ବିଦେଶରୁ ଲଢ଼ୁଆ ବିମାନ, ସବମେରିନ ଓ ମିସାଇଲ ସିଷ୍ଟମ ଆଣି ଭାରତ ଶକ୍ତିଶାଳୀ ଚୀନର ମୁକାବିଲା କରିପାରିବ ନାହିଁ। ଏଥିଲାଗି ଭାରତକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ। ବିଶେଷ କରି ଖାଦ୍ୟ ସାମଗ୍ରୀ ଉତ୍ପାଦନରେ ଭାରତକୁ ସ୍ୱାବଲମ୍ବୀ କରିବାକୁ ଯୁଦ୍ଧକାଳୀନ ଭିତ୍ତିରେ ପ୍ରୟାସ ଜରୁରୀ।

ନାଲ୍‌କୋ ନଗର, ଅନୁଗୁଳ

# ଚକ୍ରବ୍ୟୂହରେ ପୁରୁଷ

**ସୁବାସ କୁମାର ତାରଣିଆଁ**

ନାରୀ ଓ ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ହୋଇଥିଲେ ମଧ୍ୟ ନାରୀ ଅବଳା, ଦୁର୍ବଳା ବୋଲି ଆମ ସମାଜରେ ପ୍ରଚଳିତ ରହିଆସିଛି। ସମାଜରେ ପ୍ରତି ମୁହୂର୍ତ୍ତରେ ମହିଳାମାନେ ପୁରୁଷମାନଙ୍କ ଦ୍ୱାରା ନିର୍ଯ୍ୟାତିତ ଓ ଅବହେଳାର ଶିକାର ହୋଇ ଆସୁଛନ୍ତି ବୋଲି ବାରମ୍ବାର ଦାବି ହେବା ଫଳରେ ଏହାକୁ ରୋକିବା ପାଇଁ ମହିଳା ସଶକ୍ତିକରଣ ଓ ମହିଳା କମିଶନ ଗଠନ ହୋଇଛି। ଏହା ନାରୀ ନିର୍ଯ୍ୟାତନାକୁ ରୋକିବା ଏବଂ ମହିଳାମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବା, ସେମାନଙ୍କୁ ଆତ୍ମସମ୍ମାନ ଓ ସ୍ୱାଭିମାନର ସହ ବଞ୍ଚିବା ପାଇଁ ପ୍ରେରଣା ଯୋଗାଇ ଆସଛି। ଏଥିପାଇଁ ରାଜ୍ୟ ସରାକର ମଧ୍ୟ ପୂର୍ଣ୍ଣମାତ୍ରାରେ ସହଯୋଗର ହାତ ବଢ଼ାଇ ଆସିଛନ୍ତି। ଅନେକ ସାମାଜିକ ଅନୁଷ୍ଠାନ, ବ୍ୟକ୍ତିବିଶେଷ ମହିଳାମାନଙ୍କ ସାମାଜିକ, ରାଜନୈତିକ, ପାରିବାରିକ ଓ ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ସଂଗ୍ରାମ ଜାରି ରଖିଛନ୍ତି ଯାହା ଦେଶ ତଥା ରାଜ୍ୟ ପାଇଁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ହେଲେ ଏହି ଆଇନ୍‌ର ଗଳାବାଟ ଅତିକ୍ରମ କରି ମହିଳାମାନେ ପୁରୁଷମାନଙ୍କ ଉପରେ ନିର୍ଯ୍ୟାତନା ଓ ଅତ୍ୟାଚାର କରିବାକୁ ପଛାଉ ନାହାଁନ୍ତି। ଫଳରେ ମହିଳାମାନଙ୍କ ପରି ପୁରୁଷମାନେ ଏବେ ନିର୍ଯ୍ୟାତନାର ଶିକାର ହୋଇଚାଲିଛନ୍ତି। ଯାହାର ଅନେକ ଘଟଣା ସାମାଜିକ ଗଣମାଧ୍ୟମ ଜରିଆରେ ଲୋକଲୋଚନକୁ ଆସିପାରିଛି।

ଦାମ୍ପତ୍ୟ ଜୀବନରେ ମହିଳାମାନଙ୍କ ପରି ପୁରୁଷମାନେ ମଧ୍ୟ ନିର୍ଯ୍ୟାତନାର ଶିକାର ହେଉଛନ୍ତି। ବିବାହିତ ପୁରୁଷମାନେ ଘରୋଇ ହିଂସାର ଶିକାର ହୋଇ ଆତ୍ମହତ୍ୟା କରିବା ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ମାତ୍ର ପୁରୁଷମାନଙ୍କ ଅଭିଯୋଗ ଶୁଣିବାକୁ କୌଣସି ବ୍ୟବସ୍ଥା ନାହିଁ କି କୌଣସି ସଂଗଠନ ତିଆରି ହୋଇନାହିଁ। ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋ ୨୦୨୧ ମସିହା ତଥ୍ୟ ଅନୁଯାୟୀ ୩୩୨ ପ୍ରତିଶତ ପୁରୁଷ ପାରିବାରିକ ହିଂସା ଯୋଗୁଁ ମୃତ୍ୟୁବରଣ କରୁଛନ୍ତି। ସେଥିମଧ୍ୟରୁ ୪୮ ପ୍ରତିଶତ ଦାମ୍ପତ୍ୟ ଜୀବନରେ ହିଂସାର ଶିକାର ହୋଇ ମୃତ୍ୟୁବରଣ କରୁଥିବା ବେଳେ ଚଳିତବର୍ଷ ୧ ଲକ୍ଷ ୧୮ ହଜାର ୯୭୯ଜଣ ପୁରୁଷ ଆତ୍ମହତ୍ୟା କରିଛନ୍ତି ଯାହାକି ୭୨ ପ୍ରତିଶତ ଅଟେ। ସେହିପରି ୪୫ ହଜାର ୨୬ ମହିଳା ଆତ୍ମହତ୍ୟା କରିଛନ୍ତି ଯାହାକି ୨୭ ପ୍ରତିଶତ ଅଟେ। ଏହାକୁ ଅନୁଧ୍ୟାନ କଲେ ମହିଳାଙ୍କ ମୃତ୍ୟୁ ଅପେକ୍ଷା ପୁରୁଷଙ୍କ ମୃତ୍ୟୁହାର ଅଧିକ। ତେଣୁ ମହିଳାଙ୍କ ଠାରୁ ପୁରୁଷମାନେ ଯେ ଅଧିକ ନିର୍ଯାତନାର ଶିକାର ହେଉଛନ୍ତ, ଏହାକୁ ମାନିନେବାକୁ ହେବ। ଏଥିଲାଗି ଜାତୀୟ ପୁରୁଷ କମିଶନ ଗଠନ ପ୍ରସ୍ତାବ ପାରିତ ହୋଇଥିଲେ ମଧ୍ୟ ଏହାକୁ ସୁପ୍ରମକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ଏହାର ପିଟିସନ ଉପରେ ଶୁଣାଣି କରି ଖଣ୍ଡପୀଠ କହିଥିଲେ ଯେ, ପୁରୁଷମାନଙ୍କ କ୍ଷେତ୍ରରେ ହେଉଥିବା ଘରୋଇ ହିଂସାର ଯେ ପ୍ରତିକାର ନାହିଁ ତାହା ନୁହେଁ, ଆଇନରେ ଏହାକୁ ରୋକିବା ପାଇଁ ଅନେକ ବ୍ୟବସ୍ଥା ରହିଛି, ତେଣୁ ଜାତୀୟ ପୁରୁଷ କମିଶନ ଗଠନର କୌଣସି ଆବଶ୍ୟକତା ନାହିଁ।

୨୦୨୦ ମସିହା ମାର୍ଚ୍ଚ ମାସରେ ମହାମାରୀ କରୋନା ଭୟଙ୍କର ରୂପ ଧାରଣ କରିଥିବା ସମୟରେ ରାଜମହଲ ଛକରେ ମାସ୍କ ଚେକିଂ ଚାଲିଥିଲା। ଜଣେ ଯୁବକ ମାସ୍କ ପିନ୍ଧିନଥିବାରୁ ସେଠାରେ ଉପସ୍ଥିତ ଥିବା ଟ୍ରାଫିକ୍ କର୍ମଚାରୀମାନେ ଯୁବକଙ୍କୁ ଅଟକାଇଥିଲେ। ଯୁବକଜଣକ ହେଲ୍‌ମେଟ ପିନ୍ଧିଥିଲେ, ଗାଡ଼ି କାଗଜପତ୍ର ଦେଖାଇଥିଲେ ଏବଂ ଏକ ଜରୁରୀ କାମରେ ଡାକ୍ତରଖାନା ଯାଉଥିବାରୁ ଭୁଲ୍‌ବଶତଃ ମାସ୍କ ପିନ୍ଧିବାକୁ ଭୁଲିଯାଇଥିଲେ ବୋଲି ଅନୁରୋଧ କରିଥିଲେ ମଧ୍ୟ ଟ୍ରାଫିକ୍ କର୍ମଚାରୀ ଯୁବକଜଣଙ୍କ ଗାଡ଼ିରୁ ଚାବି କାଢ଼ିନେଇ ଜୋରିମାନା ଦେବାକୁ ବାଧ୍ୟ କରୁଥିବା ସମୟରେ ଜଣେ ମହିଳା ବିନା ହେଲମେଟରେ ଓ ବିନା ମାସ୍କରେ ଏବଂ ଭୁଲ୍ ରାସ୍ତା ଦେଇ ଅଫିସ୍ ଯାଉଥିବା ସମୟରେ ଟ୍ରାଫିକ୍ କର୍ମଚାରୀ ତାଙ୍କୁ ଅଟକାଇଥିଲେ। ଏଇ ପାଖରେ ମୋର ଅଫିସ୍ ତେଣୁ ଏହି ରାସ୍ତା ଦେଇ ଅଫିସ୍ ଯାଉଛି ବୋଲି ମହିଳାଜଣଙ୍କ କହିଥିଲେ। ତେବେ ମାସ୍କ ପିନ୍ଧିନଥିବାରୁ ଜୋରିମାନା ଦେବାକୁ ପଡ଼ିବ କହିବାରୁ ମହିଳାଜଣକ ଜୋରିମାନା ଦେବା ବଦଳରେ ଟ୍ରାଫିକ୍ କର୍ମଚାରୀଙ୍କ ଉପରେ ରାଗିଯାଇ ବହେ ଗାଳି ଗୁଲଜ କରିଥିଲେ। ସେ ଯୁକ୍ତି କରିଥିଲେ ଯେ, ମୁଁ ହେଲ୍‌ମେଟ ପିନ୍ଧିବିନି, ମାସ୍କ ବ୍ୟବହାର କରିବିନି, ଯଦି କିଛି କ୍ଷତି ହୁଏ ତେବେ ମୋର ହେବ, ତମର ଯାଏ କେତେ ଆସେ କେତେ



କହି ଟ୍ରାଫିକ୍ ପୋଲିସଙ୍କ ସହ ଯୁକ୍ତିତର୍କ କରିଥିଲେ ମଧ୍ୟ ସମସ୍ତେ ନୀରବଦ୍ରଷ୍ଟା ସାଜି ଘଟଣାକୁ ଉପଭୋଗ କରୁଥିଲେ। ଏହାପରେ ଯୁବକଜଣକ ଜୋରିମାନା ଦେଇଥିଲେ ମଧ୍ୟ ମହିଳାଜଣକ ଜୋରିମାନା ନଦେଇ ସେଠାରୁ ଚାଲି ଯାଇଥିଲେ।

୨୦୨୧ ମସିହା ସେପ୍ଟେମ୍ବର ମାସ, ରାତି ପ୍ରାୟ ୧୦ଘଟିକା ସମୟରେ ଜଣେ ଯୁବତୀ ତାଙ୍କର ପୁରୁଷବନ୍ଧୁଙ୍କ ସହିତ ପ୍ରଚୁର ମଦ୍ୟପାନ କରି ବାଣୀବିହାର ଓଭରବ୍ରିଜ ଦେଇ ଦ୍ରୁତଗତିରେ ଆସୁଥିବା ସମୟରେ ଜଣେ ଯୁବକଙ୍କ ଗାଡ଼ିକୁ ଧକା ଦେଇଥିଲେ। ଏଥିରେ ଯୁବକଙ୍କ ଗାଡ଼ିଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିଲା ଓ ସେ କ୍ଷତାକ୍ତ ହୋଇ ରାସ୍ତାରେ ପଡ଼ିଥିବା ବେଳେ ଯୁବତୀଜଣକ ହଠାତ୍ ରାଗିଯାଇ ଯୁବକଙ୍କ ଗାଲରେ ଚାପୁଡ଼ା ପରେ ଚାପୁଡ଼ା ମାରିଥିଲେ। ଯୁବକ ଜଣକ ରାସ୍ତାରୁ ଉଠି କ'ଣ ପାଇଁ ମୋତେ ପିଟୁଛନ୍ତି ବୋଲି ପ୍ରତିବାଦ କରିବାରୁ ଉଭୟ ଯୁବତୀ ଏବଂ ତାଙ୍କର ପୁରୁଷବନ୍ଧୁ ମିଶି ତାଙ୍କୁ ମାଡ଼ ମାରି ଚାଲିଥିଲେ। ଖବର ପାଇ ପୋଲିସ୍ ସେଠାରେ ପହଞ୍ଚି ଦୁର୍ଘଟଣାର ଶିକାର ହୋଇଥିବା ଯୁବକଙ୍କୁ କାବୁ କରି ନେଇଥିଲେ। ଯୁବତୀ ଜଣକ ମୋର କୌଣସି ଭୁଲ୍ ନାହିଁ, ବରଂ ଏହି ଯୁବକ ଆମ ଗାଡ଼ିକୁ ଧକା ଦେଲା ବୋଲି ସଫେଇ ଦେଇ ଯୁବକଙ୍କୁ ଗାଳିକରି ଚାଲିଥିଲେ ଏବଂ ସେଠାରେ ଉପସ୍ଥିତ ଥିବା ଜନତା ଏହି ଦୃଶ୍ୟକୁ ଉପଭୋଗ କରିବା ସହିତ ନିଜ ନିଜ ମୋବାଇଲରେ ଫଟୋ ଉତ୍ତୋଳନ କରିଚାଲିଥିଲେ। ପୋଲିସ୍ ନୀରବଦ୍ରଷ୍ଟା ସାଜି ଅପେକ୍ଷା କରିଥିଲେ, କିପରି ଯୁବକଜଣକ ନିୟନ୍ତ୍ରଣ ହରାଇ ଯୁବତୀଙ୍କୁ ଆକ୍ରମଣ କରିବ ଏବଂ ପୋଲିସ୍ ଯୁବକଙ୍କୁ ଗିରଫ କରିବ।

୭, ଅଗଷ୍ଟ ୨୦୨୧ ବାଳକାଟି ଫାଣ୍ଡି ଅଞ୍ଚଳରେ ପରିକ୍ରିୟା ପ୍ରୀତି ଯୋଗୁଁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଯୁବକଜଣକ ନିଆଳି ଅଞ୍ଚଳର ଜନୈକ ଯୁବତୀଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର କିଛି ମାସ ପରେ ଯୁବତୀଜଣକ ଅନ୍ୟ ଜଣେ ଯୁବକଙ୍କ ସହ ସମ୍ପର୍କ ରଖି ଫୋନ୍‌ରେ ସବୁବେଳେ କଥାବାର୍ତ୍ତା ହେଉଥିଲେ। ଏଥିରେ ତାଙ୍କ ସ୍ୱାମୀଙ୍କର ସନ୍ଦେହ ହେବାରୁ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖାଦେଇ ବିଭିନ୍ନ ସମୟରେ ଝଗଡ଼ା ହେଉଥିଲା। ସେଦିନ ରାତିରେ ଉଭୟେ ସ୍ୱାମୀ ଓ ସ୍ତ୍ରୀ ଶୋଇବା ଘରେ ବିଶ୍ରାମ ନେଇଥିଲେ। ହଠାତ୍ ରାତି ୧୦ଟା ସମୟରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାର ୧୫ ମିନିଟ୍ ପରେ ଶୋଇବା ଘରୁ ତାଙ୍କ ସ୍ୱାମୀଙ୍କ ମୃତଦେହ ମିଳିଥିଲା। ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ମୃତ ଯୁବକଙ୍କ ସ୍ତ୍ରୀ କହିଥିଲେ। ମାତ୍ର ତାଙ୍କ ଶ୍ୱଶୁର ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସନ୍ଦେହ କରିଥିଲେ। ପୋଲିସ୍ ଏହାର ତଦନ୍ତ କରିଥିଲେ ଏବଂ ଶବ ବ୍ୟବଚ୍ଛେଦ ପରେ ଯୁବକଙ୍କ ମୁଣ୍ଡ ଏବଂ ସମ୍ବେଦନଶୀଳ ଅଙ୍ଗକୁ ଗଭୀର ଆଘାତ ଲାଗିଥିବାରୁ ତାଙ୍କ ମୃତ୍ୟୁ ଘଟିଥିଲା ଏବଂ ପରକ୍ରିୟା ପ୍ରୀତି ଯୋଗୁଁ ଏହି ହତ୍ୟାକାଣ୍ଡ ଘଟିଥିବା ଗଣମାଧ୍ୟମରୁ ଜଣାପଡ଼ିଥିଲା।

ସେହିପରି ୨୦୨୨, ଜାନୁୟାରୀ ୧୯ ତାରିଖରେ ଟ୍ରାଫିକ୍ ପୋଲିସ୍‌ଙ୍କ ସମ୍ମୁଖରେ ଜଣେ ଯୁବତୀଙ୍କ ହାଇଡ୍ରାମା ଦେଖିବାକୁ ମିଳିଥିଲା। ଜଣେ ଯୁବକଙ୍କ ଗାଡ଼ି ତାଙ୍କ ଗାଡ଼ିରେ ପିଟି ହୋଇଯିବାରୁ ଯୁବତୀଜଣକ ରାଗିଯାଇ ଯୁବକଙ୍କୁ ପଟି ଚାଲିଥିଲେ। ଘଟଣାଟି ଘଟିଥିଲା ନାଲକୋ ଛକରେ। ଟ୍ରାଫିକ୍ ସିଗ୍‌ନାଲ ଦେବା ପୂର୍ବରୁ ଯୁବତୀଜଣକ ରାସ୍ତା ଅତିକ୍ରମ କରୁଥିବାରୁ ସବୁଜ ସଙ୍କେତ ପଟୁ ଆସୁଥିବା ଜଣେ ଯୁବକଙ୍କ ଗାଡ଼ି ତାଙ୍କୁ ଧକା ଦେଇଥିଲା। ଯଦିଓ ଏଥିରେ କାହାର କିଛି କ୍ଷତି ହୋଇନଥିଲା, କିନ୍ତୁ ଯୁବତୀଜଣକ ରାଗିଯାଇ ସର୍ବସମ୍ମୁଖରେ ଯୁବକଙ୍କୁ ପିଟି ଚାଲିଥିଲେ। ଯୁବତୀଙ୍କ ଭୁଲ୍ ଥିଲେ ମଧ୍ୟ ଟ୍ରାଫିକ୍ ପୋଲିସ୍ ଯୁବକଙ୍କୁ କାବୁ କରି ତାଙ୍କ ବାଇକ ଚାବି ଛଡ଼ାଇ ନେଇଥିଲେ। ଏହି ଘଟଣାରେ ଉପସ୍ଥିତ ଥିବା କୌଣସି ଜନତା ଯୁବତୀଙ୍କୁ ପ୍ରତିବାଦ କରିବାର ସାହସ ଜୁଟାଇ ନଥିଲେ, ବରଂ ପୋଲିସ୍‌ଠୁ ମୁକୁଳିଲା ପରେ ଯୁବକଙ୍କୁ ବହେ ଉତ୍ତମ ମଧ୍ୟମ ଦେବା ପାଇଁ କରିଥିଲେ। ପରେ ଯୁବତୀଜଣକ ସେଠାରୁ ନିଜ ଗାଡ଼ି ନେଇ ଚାଲିଯାଇଥିଲେ।

ଏଭଳି ଅନେକ ଘଟଣା ଘଟିଚାଲିଛି, ଯେଉଁଥିରେ ମହିଳାଙ୍କ ଦ୍ୱାରା ପୁରୁଷମାନେ ନିର୍ଯ୍ୟାତିତ ଓ ଅତ୍ୟାଚାରିତ ହୋଇ ଚାଲିଛନ୍ତି। ଏହିସବୁ ଘଟଣାର ପ୍ରତିବାଦ କରିବାର ସାମର୍ଥ୍ୟ ଥିଲେ ମଧ୍ୟ ଆତ୍ମସମ୍ମାନ ଭୟରେ ପୁରୁଷମାନେ ସାହସ କରିପାରନ୍ତି ନାହିଁ। କାରଣ ସେ ଭଲଭାବେ ଅବଗତ ଅଛି ଯେ, ଏଭଳି ଘଟଣାର ପ୍ରତିବାଦ କଲେ, କାଲି ତାକୁ କାରାଗାରର ଚାରିକାନ୍ଥ ଭିତରେ ବନ୍ଦୀ ହୋଇ ରହିବାକୁ ପଡ଼ିବ, ଘରୋଇ ହିଂସାରେ ଅଭିଯୁକ୍ତ ଭାବେ କାଠଗଡ଼ାରେ ଛିଡ଼ା ହେବାକୁ ପଡ଼ିବ। ପାରିବାରିକ ହେଉ ବା ସାମାଜିକ କ୍ଷେତ୍ରରେ, ଯଦି ପୁରୁଷଟିଏ ମହିଳାମାନଙ୍କ ଦ୍ୱାରା ନିଯ୍ୟାତନାର ଶିକାର ହୁଏ, ତେବେ ଆଇନ ବା ସମାଜ ସେସବୁ ଦେଖିପାରେନା। ଆଇନ୍‌ରେ କେବଳ ପୁରୁଷଙ୍କୁ ଦଣ୍ଡବିଧାନ କରିବାର ବ୍ୟବସ୍ଥା ରହିଛି, କିନ୍ତୁ ପୁରୁଷମାନଙ୍କୁ ସମର୍ଥନ କଲାଭଳି କୌଣସି ଅନୁଷ୍ଠାନ ଏପର୍ଯ୍ୟନ୍ତ ଗଠନ ହୋଇପାରି ନାହିଁ କିମ୍ବା କୌଣସି ବ୍ୟକ୍ତିବିଶେଷ ଆଗେଇ ଆସିନାହାଁନ୍ତି। ଏ ବିଷୟରେ ରାଜ୍ୟ ସରକାର ଚିନ୍ତା କରିବା ସହିତ ଦୃଢ଼ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି। ତେବେ ସମୟ ଆସିବ ପୁରୁଷ ସଶକ୍ତିକରଣ ପାଇଁ, ପୁରୁଷମାନେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ୍ୟ ହେବେ।

କଣ୍ଟି, ବାହାରଣା, ବାଲିକୁଦା, ଜଗତସିଂହପୁର
ମୋବାଇଲ୍: ୮୩୨୮୮୪୦୨୧୪

# ଧର୍ମାତ୍ମା ନିମି

**ଜୟଶ୍ରୀ ପଟ୍ଟନାୟକ**

ବାଲ୍ମିକୀ ରାମାୟଣ ଅନୁସାରେ ଇକ୍ଷାକୁ ବଂଶର ପୁତ୍ର ମାନଙ୍କ ଭିତରେ ନିମି ଥିଲେ ଦ୍ୱାଦଶ ପୁତ୍ର। ସେ ଥିଲେ ପ୍ରତାପୀ, ଦାନୀ ଓ ଧର୍ମାତ୍ମା ରାଜା। ହୋମ ଯଜ୍ଞାଦି ଦାନଧର୍ମ ରେ ଆଗ୍ରହ ଥିବାରୁ ଥରେ ସେ ଗୋଟିଏ ବଡ଼ ଯଜ୍ଞର ଆୟୋଜନ କରି ପିତାଙ୍କ ଆଦେଶ ନେଇ ଯଜ୍ଞ ସାମଗ୍ରୀ ପ୍ରସ୍ତୁତ କରିବା ପରେ ଅଙ୍ଗିରା, ପୁଲସ୍ତ୍ୟ, ଗୌତମ, କାମଦେବ, ଋଚିକ, ପୁଲକ ଆଦି ଦେବଙ୍କ ତପସ୍ୱୀ ମାନଙ୍କୁ ଯଜ୍ଞକୁ ନିମନ୍ତ୍ରଣ କରିଥିଲେ। କୂଳଗୁରୁ ବଶିଷ୍ଠ ଙ୍କୁ ଯଜ୍ଞର ପୁରୋହିତ ହେବାପାଇଁ ନିବେଦନ ରଖିଥିଲେ। ବଶିଷ୍ଠ ଦେବରାଜ ଇନ୍ଦ୍ରଙ୍କ ଯଜ୍ଞ କରିବାପାଇଁ ପୂର୍ବରୁ ନିମନ୍ତ୍ରଣ ପାଇଥିବାରୁ ଇନ୍ଦ୍ରଙ୍କ ଯଜ୍ଞ ସମାପନ ପରେ ରାଜା ନିମିଙ୍କ ଯଜ୍ଞ କରିବେ ବୋଲି କହିଲେ। ନିମି ଯଜ୍ଞର ସମସ୍ତ ପ୍ରସ୍ତୁତି ସାରିଦେଇଥିବାରୁ ଏବଂ ବଶିଷ୍ଠ ତାଙ୍କର ନିବେଦନ ରକ୍ଷା ନ କରିବାରୁ ସେ ଆଉ କାଳ ବିଳମ୍ବ ନ କରି ଗୌତମ ଋଷି ଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ କରି ଦାନ ଧର୍ମାଦି କଲେ। ସେପଟେ ଇନ୍ଦ୍ରଙ୍କ ଯଜ୍ଞ ସାରି ବଶିଷ୍ଠ ନିମିଙ୍କୁ ଭେଟିବାକୁ ଗଲେ। ନିମି ଯଜ୍ଞାଦି କର୍ମରେ ଥକି ଯାଇ ନିଦ୍ରିତ ଅବସ୍ଥାରେ ଅଛନ୍ତି ବୋଲି ସେବକ ମାନେ ଜଣାଇଲେ। ବଶିଷ୍ଠ ନିମିଙ୍କ ଭେଟ ନ ପାଇ ଅପମାନିତ ହେବାରୁ ଏବଂ ବଶିଷ୍ଠ ପରି ଗୁରୁଙ୍କୁ ଅବଜ୍ଞା କରି ଗୌତମ ଋଷି ଦ୍ୱାରା ଯଜ୍ଞ ସମ୍ପନ୍ନ କରି ଦେଇଥିବାରୁ କ୍ରୋଧିତ ହୋଇ ନିମିଙ୍କୁ ଶରୀର ହୀନ ବା ବିଦେହ ହେବାର ଶାପ୍ୟ ଦେଲେ। ଏକଥା ଜାଣି ସେବକମାନେ ନିମିଙ୍କୁ ଜଣାଇବାରୁ ନିମି ନିଦ୍ରିତ ଅବସ୍ଥାରୁ ଜାଗ୍ରତ ହୋଇ ବଶିଷ୍ଠ ପାଖରେ ପହଁଚି କହିଲେ ଗୁରୁବର ,ବହୁ ପ୍ରାର୍ଥନା ପରେ ଆପଣ ଯଜ୍ଞ ପାଇଁ ଅରାଜି ହେବାରୁ ମୁଁ ଯଜ୍ଞ କାର୍ଯ୍ୟ ଅନ୍ୟ ଅଗ୍ନିହୋତ୍ରୀ ଦ୍ୱାରା କରାଇଲି ଏଥିରେ ଆପଣ ଏତେ ଓ୍ୱିଜ୍ଞ ,ତତ୍ତ୍ୱଦର୍ଶୀ ହୋଇ କ୍ରୋଧରେ ଅଭିଶାପ ଦେଇଛନ୍ତି ଯଦି ମୁଁ ମଧ୍ୟ ଆପଣଙ୍କୁ ଶରୀରହୀନ ହୋଇଯାଉ ବୋଲି ଅଭିଶାପ ଦେଉଛି। ଉଭୟେ ନିମି ଓ ବଶିଷ୍ଠ ଉଭୟଙ୍କୁ ଶାପ୍ୟ ଦେଲେ।

ନିମି ଯଜ୍ଞରେ ଦୀକ୍ଷିତ ଥିଲେ ଓ ଯଜ୍ଞ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଏ ଅଭିଶାପର କଷ୍ଟରୁ ଋଷି ମନେ ନିମିଙ୍କ ଶରୀରକୁ ରକ୍ଷା କଲେ। ଶ୍ୱାସକ୍ରିୟା ଚାଲିଲା। ଆତ୍ମା ଶରୀରରେ ରହିଲା। ଯଜ୍ଞକୁ ଇନ୍ଦ୍ର ଆଦି ଦେବଗଣ ଗଲା ପରେ ଋଷି ମାନେ ନିମିଙ୍କ ଅବସ୍ଥା ଜଣାଇଲେ। ଦେବଗଣ ନିମିଙ୍କ ଯଜ୍ଞରେ ସନ୍ତୁଷ୍ଟ ଥିବାରୁ ମନବାଞ୍ଛା ବର ମାଗିବାକୁ କହିଲେ। ନିମି କହିଲେ ସମସ୍ତ ପ୍ରାଣୀଜଗତ ଯେଉଁ ନେତ୍ର ଦ୍ୱାରା ଦେଖନ୍ତି ମୁଁ ସେହି ନେତ୍ରରେ ପଲକ ହୋଇ ରହିବି। ତାପରେ ଦେବରାଜ ଇନ୍ଦ୍ରଙ୍କ କଥାରେ ଭଗବତୀ ଦୁର୍ଗା ଙ୍କୁ ପ୍ରାର୍ଥନା କରିବାରୁ ଭଗବତୀ ଦୁର୍ଗା ତାଙ୍କୁ ସବୁ ପ୍ରାଣୀଙ୍କ ନେତ୍ରରେ ପଲକ ହୋଇ ରହିବାର ଆଶିଷ ଦେଲେ। ତେଣୁ ମଣିଷ ପଶୁପକ୍ଷୀ ଙ୍କୁ ନିମିଷ ପ୍ରାଣୀ(ପଲକ ପକାଉଥିବା) ପ୍ରାଣୀ କୁହାଯାଏ। ଏହାପରେ ଦେବତାମାନେ ନିମିଙ୍କ ନଷ୍ଟ ସ୍ଥୂଳ ଶରୀର ଆଗରେ ରଖି ମନ୍ଥନ କଲେ ମନ୍ତ୍ର ଉଚ୍ଚାରଣ ପରେ ସେଥିରୁ ଗୋଟିଏ ବାଳକ ଅବିକଳ ନିମି ଭଳି ବାହାରିଲା। ମନ୍ଥନ ରୁ ଜାତ ବୋଲି ତା ନାଁ ମିଥି ରଖାଗଲା ଏବଂ ଏହି ନାମାନୁସାରେ ରାଜ୍ୟର ନାମ ମିଥିଳା ବିଦେହ ରହିଲା। ନିମିଙ୍କ ଠାରୁ ରାଜା ଜନକ ଜନ୍ମ ନେଲେ ଓ ଗଙ୍ଗା କୂଳରେ ମିଥିଳା ନଗରୀ ସ୍ଥାପନ ହେଲା। ନିମି ସ୍ୱୟଂ ବିଦେହ ପ୍ରାଣୀ ମାନଙ୍କ ପଲକରେ ରହିଲେ। ସଂସ୍କୃତରେ ନିମି ଅର୍ଥ ପଲକ। ଏହି କାହାଣୀ ତ୍ରେତୟା ରେ ଶ୍ରୀରାମ ଲକ୍ଷ୍ମଣ ଙ୍କୁ ଶୁଣାଇଥିଲେ।

ଭୁବନେଶ୍ୱର
ମୋବାଇଲ୍: ୭୯୭୮୧୧୦୪୭୪

### ହରିୟାନାରେ ବିଜେପିର ନିର୍ବାଚନୀ ଇସ୍ତାହାର

# ଚାଷୀ-ମହିଳା ଓ ଯୁବବର୍ଗଙ୍କୁ ପ୍ରଲୋଭନ




- ଚାଷୀଙ୍କୁ ବର୍ଦ୍ଧିତ ଏମ୍ଏସ୍‌ପି
- ଅଗ୍ନିବୀରଙ୍କୁ ସରକାରୀ ଚାକିରି
- ମହିଳାଙ୍କୁ ମାସିକ ୨୧ଶହ ଟଙ୍କା

**ଚଣ୍ଡିଗଡ଼, ୧୯।୯:** ହରିୟାନା ବିଧାନସଭା ନିର୍ବାଚନ ଲାଗି ବିଜେପି ପକ୍ଷରୁ ନିର୍ବାଚନ ଇସ୍ତାହାର ପ୍ରକାଶ ପାଇଛି। ଏଥିରେ ଯୁବଗୋଷ୍ଠୀ, ମହିଳା ଏବଂ ଚାଷୀଙ୍କ ପାଇଁ ଅନେକ ଗୁଡ଼ିଏ ପ୍ରତିଶ୍ରୁତି ରହିଛି। ଗୁରୁବାର ଦଳର ରାଷ୍ଟ୍ରୀୟ ସଭାପତି ତଥା କେନ୍ଦ୍ରମନ୍ତ୍ରୀ ଜେ ପି ନଡ୍ଡା ଏହି ସଙ୍କଳ୍ପପତ୍ର ଜାରି କରିଛନ୍ତି। ଏହି ଅବସରରେ ରାଜ୍ୟ ମୁଖ୍ୟମନ୍ତ୍ରୀ ନାୟବ ସିଂହ ସାଇନି ଏବଂ ଦଳର ରାଜ୍ୟ ସଭାପତି ମୋହନ ଲାଲ ବଡୋଲି ମଧ୍ୟ ଉପସ୍ଥିତ ଥିଲେ। ବିଜେପି ସଙ୍କଳ୍ପ ପତ୍ରରେ ରାଜ୍ୟର ସବୁ ମହିଳାଙ୍କୁ ମାସିକ ୨୧ଶହ ଟଙ୍କା ଦେବାକୁ ପ୍ରତିଶ୍ରୁତି ପ୍ରଦାନ କରାଯାଇଛି। ଏହାର ନାମ ରଖାଯାଇଛି ଲଡ୍ଡୁ ଲକ୍ଷ୍ମୀ ଯୋଜନା। ସେହିପରି ରାଜ୍ୟରେ ୧୦ଟି ଶିଳ୍ପ ସହର ପ୍ରତିଷ୍ଠା ନିମନ୍ତେ ପ୍ରତିଶ୍ରୁତି ଦିଆଯାଇଛି। ଏହା ଦ୍ୱାରା ସମ୍ପୃକ୍ତ ସହରରେ ୫୦ ହଜାର ସ୍ଥାନୀୟ ଯୁବକ ନିଯୁକ୍ତି ପାଇବେ। ଏହା ବ୍ୟତିତ ଅଗ୍ନିବୀରଙ୍କୁ ରାଜ୍ୟରେ ସରକାରୀ ଚାକିରୀ ପ୍ରଦାନ କରିବା ଲାଗି ମଧ୍ୟ ବିଜେପି ଏହାର ସଙ୍କଳ୍ପପତ୍ରରେ ପ୍ରତିଶ୍ରୁତି ଦେଇଛି। ରାଜ୍ୟର ସମସ୍ତ ପରିବାରଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ଏବଂ ୭୦ ବର୍ଷରୁ ଅଧିକ ବୟସର ଲୋକଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା ଯୋଗୀ ଦେବାକୁ ପ୍ରତିଶ୍ରୁତି ଦିଆଯାଇଛି। ୨୪ଟି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଦେବାକୁ ବିଜେପି ଏହାର ସଙ୍କଳ୍ପ ପତ୍ରରେ ପ୍ରତିଶ୍ରୁତି ଦେଇଛି। ସେହିପରି ବିନା ସୁପାରିସ ବା ଖର୍ଚ୍ଚରେ ରାଜ୍ୟର ୨ ଲକ୍ଷ ଯୁବକ/ଯୁବତୀଙ୍କୁ ନିଯୁକ୍ତି ପ୍ରଦାନ ଲାଗି ବିଜେପି ପ୍ରତିଶ୍ରୁତି ଦେଇଛି। ଅନ୍ୟ ୫ଲକ୍ଷ ଯୁବକ ଯବୁତୀଙ୍କୁ ମଧ୍ୟ ଭିନ୍ନ ଭିନ୍ନ କ୍ଷେତ୍ରରେ ନିଯୁକ୍ତି ସହ ମାସିକ ଷ୍ଟାଇପେଣ୍ଡ ପ୍ରଦାନ ଲାଗି ପ୍ରତିଶ୍ରୁତି ଦିଆଯାଇଛି। ଉଭୟ ସହର ଏବଂ ଗ୍ରାମାଞ୍ଚଳରେ ଗରିବଙ୍କ ଲାଗି ୫ଲକ୍ଷ ଗୃହ ନିର୍ମାଣ କରାଯିବ ବୋଲି ବିଜେପି ସଙ୍କଳ୍ପପତ୍ରରେ ପ୍ରତିଶ୍ରୁତି ଦିଆଯାଇଛି। ସମସ୍ତ ସରକାରୀ ହସ୍ପିଟାଲରେ ମାଗଣାରେ ଡାଏଲେସିସ ଏବଂ ଅନ୍ୟ ସମସ୍ତ ହସ୍ପିଟାଲରେ ମାଗଣା ହାଏଗୋନିସିସ କରାଯିବ। ରାଜ୍ୟର ସବୁ ଜିଲ୍ଲାରେ ଅଲିମ୍ପିକ ନର୍ସରୀ ପ୍ରତିଷ୍ଠା, ହର ଘର ଗୃହିଣୀ ଯୋଜନାରେ ୫୦୦ ଟଙ୍କାରେ ଗ୍ୟାସ ସିଲିଣ୍ଡର, କଲେଜ ଯାଉଥିବା ସମସ୍ତ ଗ୍ରାମାଞ୍ଚଳ ଛାତ୍ରଛାତ୍ରୀଙ୍କୁ ସ୍କୁଟର ଦିଆଯିବ, ରାଜ୍ୟରେ ରେଳ ନେଟୱର୍କ ସମ୍ପ୍ରସାରଣ, ଓବିସି ଏବଂ ଏସସି ବର୍ଗର ସମସ୍ତ ବୈଷୟିକ ଛାତ୍ରଛାତ୍ରୀଙ୍କୁ ସ୍କଲାରସିପ ପ୍ରଦାନ, ମୁଦ୍ରା ଯୋଜନାରେ ଓବିସି ବର୍ଗର ସମସ୍ତ ଉଦ୍ୟୋଗୀଙ୍କୁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ପ୍ରଦାନ, ଦକ୍ଷିଣ ହରିୟାନାରେ ଏକ ଆରାବଳି ଜଙ୍ଗଲ ସଫାରୀ ପ୍ରତିଷ୍ଠା ନିମନ୍ତେ ମଧ୍ୟ ବିଜେପିର ୨୦ଟି ପ୍ରତିଶ୍ରୁତି ଦିଆଯାଇଛି।



# ଆତିଶୀଙ୍କ ମନ୍ତ୍ରିମଣ୍ଡଳରେ ରହିବେ ୪ ପୁରୁଣା ମନ୍ତ୍ରୀ

**ନୂଆଦିଲ୍ଲୀ, ୧୯।୯:** ଆସନ୍ତା ୨୧ରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାବେ ଆତିଶୀ ଶପଥଗ୍ରହଣ କରିବେ। ଦିଲ୍ଲୀର ଉପ-ରାଜ୍ୟପାଳ ଭି କେ ସାକ୍ସେନା ଏଥିଲାଗି ରାଷ୍ଟ୍ରପତିଙ୍କୁ ସୁପାରିସ କରିଛନ୍ତି। ଆତିଶୀ ହେବେ ଦିଲ୍ଲୀର ତୃତୀୟ ମହିଳା ମୁଖ୍ୟମନ୍ତ୍ରୀ। ମନ୍ତ୍ରିମଣ୍ଡଳର ରୂପରେଖ ନେଇ ସେ ବିଦାୟୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଏବଂ ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ମନିଷ ସିସୋଦିଆଙ୍କ ସହ ଆଲୋଚନା କରିଛନ୍ତି। ସୂଚନା ଅନୁଯାୟୀ ଆତିଶୀଙ୍କ ମନ୍ତ୍ରିମଣ୍ଡଳରେ କେଜରିୱାଲଙ୍କ ମନ୍ତ୍ରୀ ମଣ୍ଡଳର ୪ଜଣ ସଭ୍ୟ ରହିବେ। ସେମାନେ ହେଲେ ସୌରଭ ଭରଦ୍ୱାଜ, ଗୋପାଳ ରାଏ, ଇମ୍ରାନ ହୁସେନ ଏବଂ କୈଳାଶ ଗେହଲଟ। ଏହା ବ୍ୟତିତ ଅନ୍ୟ ଜଣେ ବିଧାୟକଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇପାରେ। ନିଜେ ଆତିଶୀ ମଧ୍ୟ କେଜରିୱାଲ ସରକାରରେ ମନ୍ତ୍ରୀ ଥିଲେ। ସୁଲତାନପୁର ମୁଜ୍ରାର ଦଳିତ ବିଧାୟକ ମୁକେଶ ଅହଲୱାତଙ୍କୁ ମଧ୍ୟ ମନ୍ତ୍ରିମଣ୍ଡଳରେ ସାମିଲ କରାଯିବା ସମ୍ଭାବନା ରହିଛି।

# ସନ୍ଦିପ କାହାଠାରୁ ଫୋନରେ ନିର୍ଦ୍ଦେଶ ପାଉଥିଲେ ?

### ସିବିଆଇର ସନ୍ଦେହ

**କୋଲକାତା, ୧୯।୯:** ଆରଜି କର ମେଡିକାଲ କଲେଜର ଟ୍ରେନି ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଏବଂ ହତ୍ୟା ଘଟଣାର ତଦନ୍ତ କରୁଥିବା ସିବିଆଇ ସନ୍ଦେହ କରୁଛି ଯେ, ଏହି ଦୁଷ୍କର୍ମ ଏବଂ ହତ୍ୟା ଘଟଣାକୁ ଚାପି ଦେବା କିମ୍ବା ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରୁଥିଲେ। ଏଥିଲାଗି ସେ କୌଣସି ବ୍ୟକ୍ତିଙ୍କଠାରୁ ମୋବାଇଲ ଫୋନରେ ନିର୍ଦ୍ଦେଶ ପାଉଥିଲେ ଏବଂ ସେହି ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରୁଥିଲେ। ଏହି ବ୍ୟକ୍ତିଜଣକ କିଏ ଯିଏ ସନ୍ଦିପ ଘୋଷଙ୍କୁ ନିର୍ଦ୍ଦେଶ ଦେଉଥିଲେ ତାହା ଏବେ ସିବିଆଇ ତଦନ୍ତ ପରିସରଭୁକ୍ତ। ସମ୍ଭବତଃ ସେହି ବ୍ୟକ୍ତିଜଣକ ଜଣେ ପ୍ରଭାବଶାଳି ବ୍ୟକ୍ତି ଏବଂ ଶାସକ ଦଳ ସହ ସମ୍ପୃକ୍ତ। ଉଲ୍ଲେଖ ଯୋଗ୍ୟ ଯେ, ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଏବଂ ହତ୍ୟା ଘଟଣାର ପ୍ରମାଣ ନଷ୍ଟ କରିବା ଏବଂ ଅପରାଧିକ ଷଡ଼ଯନ୍ତ୍ର ଅଭିଯୋଗରେ ସିବିଆଇ ସନ୍ଦିପ ଘୋଷଙ୍କୁ ଗିରଫ କରିଛି। ତାଙ୍କ ସହିତ ଜଣେ ପୋଲିସ ଅଧିକାରୀଙ୍କୁ ମଧ୍ୟ ଗିରଫ କରାଯାଇଛି। ଉଭୟଙ୍କୁ ସିବିଆଇ ଦୁଇ ଦିନ ପାଇଁ ରିମାଣ୍ଡରେ ନେଇଛି। ସିବିଆଇ ପକ୍ଷରୁ କୋର୍ଟରେ କୁହାଯାଇଛି ଯେ, ଦୁଷ୍କର୍ମ ଏବଂ ହତ୍ୟା ଘଟଣା ପରେ ଅଧ୍ୟକ୍ଷ ଡାକ୍ତର ଘୋଷ ଘଟଣାସ୍ଥଳରେ ରହି ସବୁ କିଛି ମନିଟର କରିବା ପରିବର୍ତ୍ତେ ସେଠାରେ ଅନୁପସ୍ଥିତ ରହିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚିବା ପରେ ସେ ସେଠାକୁ ଯାଇଥିଲେ। ଏହା ପୂର୍ବରୁ ସେ ଥାନାଧିକାରୀ ଅଭିଜିତ ମଣ୍ଡଳଙ୍କ ସହ ଏକାଧିକବାର ମୋବାଇଲରେ କଥା ହୋଇଥିଲେ। ହସ୍ପିଟାଲର କିଛି ଅଧିକାରୀଙ୍କ ସହ ମଧ୍ୟ ସେ ମୋବାଇଲ ଯୋଗେ କଥା ହୋଇଥିଲେ। ସିବିଆଇ ତାଙ୍କ ମୋବାଇଲ ଫୋନ କଲ ରେକର୍ଡକୁ ଯାଞ୍ଚ କରିବା ପରେ ଏହା ଜାଣିବାକୁ ପାଇଛି।



### ଉଗ୍ର ହେଉଛି ଜମି ବିବାଦ

# ଜାଳିଦେଲେ ୮୦ ଘର, ୧୫ ଗିରଫ



**ପାଟନା, ୧୯।୯:** ଦିନକୁ ଦିନ ଉଗ୍ର ହେଉଛି ଜମି ବିବାଦ। ବଢ଼ି ଚାଲିଛି ଆତଙ୍କରାଜ। ଦଳିତଙ୍କ ଉପରେ ସାଧୁଛନ୍ତି ଦାଉ। ଜାଳି ଦେଇଛନ୍ତି ସେମାନଙ୍କ ୮୦ରୁ ଅଧିକ ଘର। ଏଭଳି କିଛି ଘଟଣା ଘଟିଛି ବିହାରର ନାୱାଡାରେ। ଏହି ମାମଲାରେ ପୁଲିସ ୧୫ ଜଣଙ୍କୁ ଗିରଫ କରିଛି। ସେପଟେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏହି ମାମଲାକୁ ନେଇ ଆକ୍ସନ ମୁଡ୍‌କୁ ଆସିଛନ୍ତି। ସମୀକ୍ଷା ବୈଠକ ପାଇଁ ଏଡିଜି ସ୍ତରର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବୁଧବାର ସନ୍ଧ୍ୟାରେ ବିହାର ନାୱାଡାର ନରୌରା ସ୍ଥିତ କୃଷ୍ଣା ନଗର ଦଳିତ ବସ୍ତିରେ ଅଗ୍ନିକାଣ୍ଡ ଘଟିଥିଲା। କିଛି ଦୁର୍ବୃତ୍ତ ୮୦ରୁ ଅଧିକ ଘରେ ନିଆଁ ଲଗାଇ ଦେଇଥିବା ସୂଚନା ମିଳିଥିଲା। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହାପରେ ବରିଷ୍ଠ ଅଧିକାରୀଙ୍କ ମଧ୍ୟ ହଇଚଇ ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏସ୍‌ପି ଓ ଡିଏସ୍‌ପି ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଏହି ମାମଲା ଉଗ୍ର ରୂପ ନେବା ପରେ ଆଜି ପୁଲିସ ଏଥିରେ ସମ୍ପୃକ୍ତ ଥିବା ୧୫ ଜଣଙ୍କୁ ଗିରଫ କରିଛି। ସେପଟେ ଏହାକୁ ନେଇ ଆରମ୍ଭ ହୋଇ ଯାଇଛି ରାଜନୀତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଟାର୍ଗେଟ୍ କରିଛନ୍ତି। "ଡବଲ ଇଞ୍ଜିନ ସରକାର" ର ଜଙ୍ଗଲ ରାଜର ଏହା ଆଉ ଏକ ପ୍ରମାଣ ବୋଲି କଂଗ୍ରେସ ଅଧ୍ୟକ୍ଷ ଅଭିଯୋଗ କରିଛନ୍ତି। ସେପଟେ ବହୁଜନ ସମାଜ ପାର୍ଟିର ଅଧ୍ୟକ୍ଷା ମାୟାବତୀ ଏହି ଘଟଣାରେ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଦାବି କରିଛନ୍ତି। ଏଥିସହ କ୍ଷତିଗ୍ରସ୍ତ ଲୋକଙ୍କୁ ସମ୍ପୂର୍ଣ୍ଣ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

ନାୱାଡା ଅଞ୍ଚଳରେ ଥିବା ଏକ ବିଶାଳ ଭୂଖଣ୍ଡ ଉପରେ ବର୍ଷ ବର୍ଷ ଧରି ଦଳିତ ପରିବାରଙ୍କ ଦଖଲ ରହି ଆସିଛି। ଜମି ଉପରେ ଦଳିତଙ୍କ କବ୍‌ଜାକୁ ନେଇ ବିବାଦ ଲାଗି ରହିଛି। ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଏହି ମାମଲା ଚାଲିଛି। ତେବେ ବୁଧବାର ସନ୍ଧ୍ୟାରେ ହଠାତ୍ ଦୁର୍ବୃତ୍ତମାନେ ଦଳିତ ବସ୍ତି ଉପରେ ଆକ୍ରମଣ କରିଥିଲେ। ମାରପିଟ୍ ଗାଳିଗୁଲଜ କରିବା ସହ ସେମାନଙ୍କ ଘରେ ନିଆଁ ଲାଗିଇ ଦେଇଥିଲା। ଗୁଳି ବିନିମୟ ମଧ୍ୟ କରାଯାଇଥିବା ଅଭିଯୋଗ ହୋଇଛି। ପୂରା ଅଞ୍ଚଳରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଯେଉଁ ଜମିକୁ ନେଇ ବିବାଦ ଲାଗି ରହିଛି ତାକୁ ନେଇ ଯାଞ୍ଚ ଚାଲିଛି।

# ପନ୍ନୁନଙ୍କୁ ହତ୍ୟା ଉଦ୍ୟମ



**ନୂଆଦିଲ୍ଲୀ, ୧୯।୯:** ଖଲିସ୍ତାନୀ ଆତଙ୍କବାଦୀ ଗୁରପତୱନ୍ତ ସିଂହ ପନ୍ନୁନଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗ ନେଇ ଆମେରିକାର ଏକ କୋର୍ଟ ଭାରତ ସରକାର, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଏବଂ ର' ପୂର୍ବତନ ମୁଖ୍ୟ ସୁମନ୍ତ ଗୋଏଲ, ର' ଏଜେଣ୍ଟ ବିକ୍ରମ ଯାଦବ ଏବଂ ଭାରତୀୟ ବ୍ୟବସାୟୀ ନିକିଲ ଗୁପ୍ତାଙ୍କୁ ସମନ ଜାରି କରିଛି। ପନ୍ନୁନର ସିଭିଲ ସୁଟ ଉପରେ ଆମେରିକା କୋର୍ଟ ଏହି ସମନ ଜାରି କରିଛି। ଏହାକୁ ଭାରତ ନିନ୍ଦା କରିଛି। ଭାରତର ବୈଦେଶିକ ବ୍ୟାପାର ସଚିବ ବିକ୍ରମ ମିଶ୍ରି ଏହା ଉପରେ ପ୍ରତିକ୍ରିୟା ବ୍ୟକ୍ତ କରି କହିଛନ୍ତି ଯେ, ଯେତେବେଳେ ପନ୍ନୁନର ହତ୍ୟା ଷଡ଼ଯନ୍ତ୍ର ଅଭିଯୋଗ ଆସିଲା ଏବଂ ଜଣେ ପ୍ରବାସୀ ଭାରତୀୟ ନିକିଲ ଗୁପ୍ତାଙ୍କ ସମ୍ପୃକ୍ତି ଅଭିଯୋଗ ଆସିଲା ସେତେବେଳେ ଭାରତ ସରକାର ଏହାର ଉପଯୁକ୍ତ ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ଲାଗି ପଦକ୍ଷେପ ନେଇଥିଲେ। ଯିଏ ଏହି ମାମଲା କୋର୍ଟକୁ ନେଇଛନ୍ତି ସେ ଅନେକ ଅପରାଧିକ ମାମଲା ଏବଂ ଷଡ଼ଯନ୍ତ୍ରରେ ସାମିଲ। ସେ ଏକ ବିବାଦୀୟ ସଙ୍ଗଠନର ପ୍ରତିନିଧିତ୍ୱ କରୁଛି। ତାଙ୍କ ଅଭିଯୋଗ ଉପରେ କୋର୍ଟ ସମନ ହାସ୍ୟାସ୍ପଦ। ଏହା ସମ୍ପୂର୍ଣ୍ଣ 'ଅନୱାରେଣ୍ଟେଡ' ବୋଲି ମିଶ୍ରି କହିଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ୨୦୨୦ରେ ପନ୍ନୁନଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗ ଆସିଥିଲା। ଏଥିରେ ଭାରତର ସମ୍ପୃକ୍ତି ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ପ୍ରବାସୀ ଭାରତୀୟ ବ୍ୟବସାୟୀ ନିକିଲ ଗୁପ୍ତାଙ୍କୁ ଗିରଫ କରାଯାଇଛି।

# ସୌରଭ ଗାଙ୍ଗୁଲିଙ୍କୁ ସାଇବର ଧମକ



**ନୂଆଦିଲ୍ଲୀ, ୧୯।୯:** ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ତଥା ବିସିସିଆଇର ପୂର୍ବତନ ସଭାପତି ସୌରଭ ଗାଙ୍ଗୁଲିଙ୍କୁ ମିଳିଛି ସାଇବର ଧମକ। ଏହାକୁ ନେଇ ସେ ପୁଲିସର ଦ୍ୱାରସ୍ଥ ହୋଇଛନ୍ତି। କୋଲକାତା ପୁଲିସ ନିକଟରେ ସେ ସାଇବର ଧମକ ଏବଂ ମାନହାନୀ ଅଭିଯୋଗ ଦାଖଲ କରିଛନ୍ତି। ବୁଧାବାର ସୌରଭ ଗାଙ୍ଗୁଲିଙ୍କ ସଚିବ ତରଫରୁ ଥାନାରେ ଅଭିଯୋଗ ହୋଇଛି। ଇ-ମେଲ ଜରିଆରେ ଜଣେ ମୃଣ୍ମୟ ଦାସ ନାମକ ବ୍ୟକ୍ତି ସହ ଜଡ଼ିତ ସାଇବର ଧମକ ଓ ମାନହାନୀ ମାମଲରେ ଏହି ଅଭିଯୋଗ ଦାଖଲ କରାଯାଇଛି। ଏହି ବ୍ୟକ୍ତି ସୋଶାଲ ମିଡିଆ ପ୍ଲାଟଫର୍ମରେ ଏକ ଭିଡିଓ ପୋଷ୍ଟ କରିଛନ୍ତି। ଏହା ସୌରଭ ଗାଙ୍ଗୁଲିଙ୍କୁ ଟାର୍ଗେଟ କରି ବ୍ୟବହୃତ ହୋଇଛି ଯାହା ତାଙ୍କ ପ୍ରତିଷ୍ଠା ପାଇଁ କ୍ଷତିକାରକ ବୋଲି ଅଭିଯୋଗରେ କୁହାଯାଇଛି। ଜଣେ ପୁଲିସ ଅଧିକାରୀଙ୍କ କହିବା ମୁତାବକ, ସୌରଭ ଗାଙ୍ଗୁଲିଙ୍କ ସଚିବ ମଙ୍ଗଳବାର ରାତିରେ କୋଲକାତା ପୁଲିସର ସାଇବର ବିଭାଗକୁ ଏକ ଇ-ମେଲ ପଠାଇ ଅଭିଯୋଗ କରିଛନ୍ତି। ପୁଲିସର ସୂଚନାନୁସାରେ, ଗାଙ୍ଗୁଲିଙ୍କ ସଚିବ ଇ-ମେଲ ସହିତ ଏକ ଭିଡିଓ ଲିଙ୍କ ମଧ୍ୟ ସେୟାର କରିଛନ୍ତି। ପୁଲିସ ଅଧିକାରୀ କହିଛନ୍ତି ଯେ ଆମେ ଇ-ମେଲ ପାଇଛୁ। ପୂରା ଘଟଣାର ଯାଞ୍ଚ ପରେ ତଦନ୍ତ ଜାରି ରହିଛି। କିଛି ଦିନ ପୂର୍ବେ ସୌରଭ ଗାଙ୍ଗୁଲି କୋଲକାତାର ଆର୍‌ଜି କର ଡାକ୍ତରଖାନାରେ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟାକୁ ଘଟଣାକୁ ନିନ୍ଦା କରିଥିଲେ। ଡାକ୍ତରମାନେ କରୁଥିବା ବିରୋଧରେ ସାମିଲ ହୋଇ ସେ କ୍ୟାଣ୍ଡେଲ ଜାଳି ବିକ୍ଷୋଭ ମଧ୍ୟ କରିଥିଲେ।

# ଧାରା ୩୭୦ ନେଇ କଂଗ୍ରେସ ସହ ମିଶୁଛି ଆମ ମତ: ପାକ୍ ମନ୍ତ୍ରୀ



**ଇସ୍‌ଲାମାବାଦ, ୧୯।୯:** ନିକଟରେ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଏକ ବିବୃତିରେ କହିଛନ୍ତି ଯେ ଜମ୍ମୁ-କଶ୍ମୀରରେ ଧାରା ୩୭୦ ପୁନରୁଦ୍ଧାର ପ୍ରସଙ୍ଗରେ ଶେହବାଜ ସରିଫ ସରକାର ଏବଂ କଂଗ୍ରେସ-ନ୍ୟାସନାଲ କନଫରେନ୍ସ ମେଣ୍ଟ ଏକମତ। ୨୦୧୯ରେ ଜମ୍ମୁ-କଶ୍ମୀରରୁ ସ୍ୱତନ୍ତ୍ର ପାହ୍ୟା ଉଚ୍ଛେଦ ହେବା ପରେ ପ୍ରଥମ ଥର ପାଇଁ ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଏଭଳି ମନ୍ତବ୍ୟ ଦିଆଯାଇଛି ପାକିସ୍ତାନ ପକ୍ଷରୁ। ଜିଓ ନ୍ୟୁଜକୁ ଦେଇଥିବା ଏକ ସାକ୍ଷାତକାରରେ ଆସିଫ କହିଛନ୍ତି ଯେ ଜମ୍ମୁ-କଶ୍ମୀରରେ କଂଗ୍ରେସ-ନ୍ୟାସନାଲ କନଫରେନ୍ସ ମେଣ୍ଟ ବିଜୟୀ ହୋଇ ସରକାର ଗଠନ କରିବାର ସମ୍ଭାବନା ବହୁତ ଅଧିକ। ଏହି ମେଣ୍ଟ ଏହାକୁ ନିର୍ବାଚନୀ ପ୍ରସଙ୍ଗ କରିଛି। ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଓ ୩୫ଏ ପୁନରୁଦ୍ଧାର ପାଇଁ ପାକିସ୍ତାନ ଓ ନ୍ୟାସନାଲ କନଫରେନ୍ସ-କଂଗ୍ରେସ ମେଣ୍ଟ ଏକାଠି ହୋଇଛନ୍ତି। ନ୍ୟାସନାଲ କନଫରେନ୍ସ ଧାରା ୩୭୦ ପୁନରୁଦ୍ଧାର ପାଇଁ ସଂକଳ୍ପ ନେଇଥିବା ବେଳେ କଂଗ୍ରେସ ଏହାକୁ ନେଇ ସମ୍ପୂର୍ଣ୍ଣ ନୀରବତା ଅବଲମ୍ବନ କରିବା ସହ ଇସ୍ତାହାରରେ ମଧ୍ୟ ସାମିଲ କରିନାହିଁ। ତେବେ ଜମ୍ମୁ-କଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଫେରାଇ ଆଣିବାକୁ କଂଗ୍ରେସ ପ୍ରତିଶ୍ରୁତି ଦେଇଛି।

ଧାରା ୩୭୦ ଉଚ୍ଛେଦ ଏବଂ ତତ୍କାଳୀନ ରାଜ୍ୟକୁ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳରେ ବିଭକ୍ତ କରିବା ପ୍ରସଙ୍ଗ ଜମ୍ମୁ-କଶ୍ମୀରବାସୀ, ବିଶେଷ କରି ଉପତ୍ୟକା ପାଇଁ ସମ୍ବେଦନଶୀଳ ହୋଇଛି। ନ୍ୟାସନାଲ କନଫରେନ୍ସ ଏବଂ ମେହବୁବା ମୁଫତିଙ୍କ ପିଡିପିର ଇସ୍ତାହାରରେ ଧାରା ୩୭୦ ପୁନରୁଦ୍ଧାର ଏକ ପ୍ରମୁଖ ପ୍ରସଙ୍ଗ ହୋଇଛି। ଖ୍ୱାଜା ଆସିଫଙ୍କ ମନ୍ତବ୍ୟ ବିଜେପିକୁ କଂଗ୍ରେସ ଉପରେ ଆକ୍ରମଣ କରିବାକୁ ଏକ ନୂଆ ସୁଯୋଗ ଦେଇଛି। ଯେଉଁମାନେ ଭାରତର ସ୍ୱାର୍ଥ ବିରୋଧୀ ସେମାନଙ୍କ ସହ କଂଗ୍ରେସ ସର୍ବଦା ଛିଡ଼ା ହୋଇଛି ବୋଲି ବିଜେପି କହିଛି।

ବିଜେପିର ଆଇଟି ସେଲ୍ ମୁଖ୍ୟ ଅମିତ ମାଲବ୍ୟ ଟ୍ୱିଟ୍ କରି କହିଛନ୍ତି, ଆତଙ୍କବାଦୀ ରାଷ୍ଟ୍ର ପାକିସ୍ତାନ କଶ୍ମୀର ପ୍ରସଙ୍ଗରେ କଂଗ୍ରେସ ଏବଂ ନ୍ୟାସନାଲ କନଫରେନ୍ସର ଆଭିମୁଖ୍ୟକୁ ସମର୍ଥନ କରୁଛି। ଏହା କେମିତି ସମ୍ଭବ ଯେ (ଗୁରପତୱନ୍ତ) ପନ୍ନୁଙ୍କଠାରୁ ଆରମ୍ଭ କରି ପାକିସ୍ତାନ ପର୍ଯ୍ୟନ୍ତ ରାହୁଲ ଗାନ୍ଧି ଏବଂ ତାଙ୍କ କଂଗ୍ରେସ ସବୁବେଳେ ଭାରତର ସ୍ୱାର୍ଥ ବିରୋଧରେ ଏକାଠି ହୋଇଥିବା ଦେଖାଯାଉଛି। ବିଜେପି ମୁଖପାତ୍ର ଶେହଜାଦ ପୁନାୱାଲା ମଧ୍ୟ କଂଗ୍ରେସକୁ ଟାର୍ଗେଟ କରି କହିଛନ୍ତି, ସତ ସାମ୍ନାକୁ ଆସିଛି। ଏହାକୁ ନେଇ କେବେ ସନ୍ଦେହ ଥିଲା କି? ପ୍ରଧାନମନ୍ତ୍ରୀ ମୋଦିଙ୍କୁ ବିରୋଧ କରିବା ପାଇଁ ସେମାନେ ପାକିସ୍ତାନ ସହ ଛିଡା ହୋଇପାରନ୍ତି।

### ଲାଇନ୍‌ଚ୍ୟୁତ ହେଲା ମାଲବାହୀ ଟ୍ରେନ୍

# ଟ୍ରାକ୍‌ରୁ ଖସିଲା ୨୫ ବଗି




**ଲକ୍ଷ୍ନୌ, ୧୯।୯:** ଉତ୍ତରପ୍ରଦେଶ ମଥୁରାରେ ଲାଇନ୍‌ଚ୍ୟୁତ ହେଲା ମାଲବାହୀ ଟ୍ରେନ୍। ଟ୍ରେନ୍‌ର ୨୫ଟି ବଗି ଟ୍ରାକ୍‌ରୁ ଖସି ଯାଇଥିବା ଜଣାଯାଇଛି। ଏଥିରେ କେହି ମୃତାହତ ହୋଇ ନ ଥିବା ସୂଚନା ମିଳିଛି। ଟ୍ରେନ୍‌ଟି ଝାନସୀରୁ ସୁନ୍ଦରଗଡ଼ ଅଭିମୁଖେ ଯାଉଥିଲା। ମାତ୍ର ବୃନ୍ଦାବନ ନିକଟରେ ଏହି ଅଘଟଣ ଘଟିଛି। ଆଗ୍ରା ରେଲୱେ ମଣ୍ଡଳର ଡିଆରଏମ୍ ତେଜ ପ୍ରତାପ ଅଗ୍ରୱାଲଙ୍କ ସୂଚନା ଅନୁଯାୟୀ, ଟ୍ରେନ୍‌ର ୨୫ଟି ବଗି ଲାଇନ୍‌ଚ୍ୟୁତ ହୋଇଛି। ଏଥିଯୋଗୁ ବିଦ୍ୟୁତ୍ ସରବରାହ ହେଉଥିବା ବହୁ ଖମ୍ବ ଭାଙ୍ଗି ଯାଇଛି। ଏହାକୁ ଠିକ୍ କରିବାକୁ ନିହାତି ପକ୍ଷେ ୧୦ରୁ ୧୨ ଘଣ୍ଟା ଲାଗିବ। ତେଣୁ ବହୁ ଟ୍ରେନ୍‌ର ରୁଟ୍ ପ୍ରଭାବିତ ହୋଇଛି। ସପ୍ତାହେ ମଧ୍ୟରେ ୭ ଥର ମାଲବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ୍ ହେଲାଣି। ୨୦୨୧ ମସିହା ଜୁଲାଇ ୭ ତାରିଖରୁ ୨୦୨୧୪ ଜୁନ ୧୭ ତାରିଖ ମଧ୍ୟରେ ୧୩୧ଟି ଟ୍ରେନ୍ ଦୁର୍ଘଟଣା ଘଟିଲାଣି। ସେଥିରେ ୯୨ଟି ଦୁର୍ଘଟଣାରେ ଟ୍ରେନ୍ ଲାଇନଚ୍ୟୁତ ହୋଇଛି। ଗତ ୩ ବର୍ଷରେ ପ୍ରତି ମାସ ୨ ପାସେଞ୍ଜର ଟ୍ରେନ୍ ଓ ଗୋଟିଲ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ୍ ହୋଇ। ଏହି ଘଟଣାରେ ବିଜେପି ସରକାରକୁ ଟାର୍ଗେଟ କରି ଆପ୍ କହିଛି, ରେଳ ଲାଇନ୍‌ରେ କବଚ ସିଷ୍ଟମ ଲଗାହେଲେ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇପାରିବ ବୋଲି କେନ୍ଦ୍ର ସରକାର କହୁଛନ୍ତି। ମାତ୍ର ଏପର୍ଯ୍ୟନ୍ତ କେବଳ ୨% ରେଳ ରୁଟ୍‌ରେ କବଚ ସିଷ୍ଟମ ଲଗାଯାଇଛି। ଅବଶିଷ୍ଟ ୯୮% ଜାଗାରେ ଏବେବି ଏହି କାମ ଆରମ୍ଭ ହୋଇନି। ତେବେ କେତେ ବର୍ଷ ପର୍ଯ୍ୟନ୍ତ ଲୋକଙ୍କୁ ଏହାର ଅପେକ୍ଷା କରିବାକୁ ପଡ଼ିବ ଓ ସେମାନେ ସୁରକ୍ଷିତ ଭାବେ ଯାତ୍ରା କରି ପାରିବେ ବୋଲି ପଚାରିଛି ଆପ୍।

# ବୋରୱେଲରୁ ଉଦ୍ଧାର ହେଲା ୨ ବର୍ଷର ଶିଶୁ

**ଜୟପୁର, ୧୯।୯:** ଜିତିଲା ଜୀବନ। ବୋରୱେଲ ଭିତରୁ ଜୀବନ୍ତ ଉଦ୍ଧାର ହେଲା ୨ ବର୍ଷର ଶିଶୁ। ରାଜସ୍ଥାନର ଦୌସାରେ ୩୬ ଫୁଟ ବୋରୱେଲ ଭିତରକୁ ଖସିପଡିଥିବା କୁନି ଝିଅ ନୀରୁକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ୧୮ ଘଣ୍ଟାର ଅପରେସନ୍ ପରେ ମିଳିଛି ସଫଳତା।

ବୁଧବାର ୨ ବର୍ଷର କୁନି ଝିଅ ନୀରୁ ଘର ପାଖରେ ଖେଳୁଥିବା ବେଳେ ବୋରୱେଲ ଭିତରକୁ ଖସି ପଡିଥିଲା। ପରେ ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ଝିଅଟି ବୋରୱେଲରେ ଖସିପଡିଥିଲା ଜାଣିବାକୁ ପାଇଥିଲେ। ଏହାପରେ ଖବର ପାଇ ପ୍ରଶାସନ, ଏସ୍‌ଡିଆର୍ ଓ ଏନ୍‌ଡିଆର୍‌ଏଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାଯ୍ୟ ଆରମ୍ଭ କରିଥିଲେ। ବୋରୱେଲ ନିକଟରେ ୩୬ ଫୁଟ ଗଭୀର ଗାତ ଖୋଳା ଯାଇଥିଲା। ଉଦ୍ଧାର ପାଇଁ ଗୋଟିଏ ଏଲ୍‌ଏନ୍‌ଟି, ୪ଟି ଜେସିବି ଏବଂ ଦୁଇଟି ଟ୍ରାକ୍ଟରର ସାହାଯ୍ୟ ନିଆଯାଇଥିଲା। ପାଇପ୍ ର ୨୦ ଫୁଟ ଟନେଲ୍ ନିର୍ମାଣ କରାଯାଇଥିଲା। ଏଥିସହ ଶିଶୁଟିର ଗତିବିଧି ଦେଖିବା ପାଇଁ ଏକ କ୍ୟାମେରା ମଧ୍ୟ ଭିତରକୁ ଛଡା ଯାଇଥିଲା। ଶେଷରେ ଦୀର୍ଘ ୧୮ ଘଣ୍ଟାର ଅପରେସନ୍ ପରେ ଶିଶୁଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ତା'ର ସ୍ୱାସ୍ଥ୍ୟ ପରୀକ୍ଷା ଯାଞ୍ଚ ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି।

### ଖଡଗେଙ୍କୁ ନଡ୍ଡାଙ୍କ ଜବାବ

# କେଉଁ କାରଣରୁ ବିଫଳ ଉତ୍ପାଦ ପଲିସ କରି ବଜାରକୁ ଛାଡୁଛ ?

**ନୂଆଦିଲ୍ଲୀ, ୧୯।୯:** କଂଗ୍ରେସ ଏବଂ ବିଜେପି ମଧ୍ୟରେ ଚାଲିଛି 'ଚିଠିରେ-ଚିଠିରେ ଯୁଦ୍ଧ'। କଂଗ୍ରେସ ଅଧ୍ୟକ୍ଷ ତଥା ରାଜ୍ୟସଭା ସାଂସଦ ମଲ୍ଲିକାର୍ଜୁନ ଖଡଗେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ସଞ୍ଜମତା ବାବଦେର ପାଠ ପଢାଇବା ପରେ ବିଜେପି ପକ୍ଷରୁ ଏହାର ପାଲଟା ଜବାବ ଦିଆଯାଇଛି। ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା ଖଡଗେଙ୍କ ଚିଠିରେ ପାଲଟା ଜବାବ ଦେଇ ରାହୁଲ ଗାନ୍ଧିଙ୍କୁ 'ଫେଲ୍ଡ ପ୍ରଡକ୍ଟ' (ବିଫଳ ଉତ୍ପାଦ) କହି ଆଟାକ୍ କରିଛନ୍ତି।

ନାଡ୍ଡା ତାଙ୍କ ଚିଠିରେ କହିଛନ୍ତି, "ମଲ୍ଲିକାର୍ଜୁନ ଖଡଗେଜୀ, ରାଜନୈତିକ ବାଧ୍ୟବାଧକତା କାରଣରୁ ଆପଣ ପୁଣି ଥରେ ଆପଣଙ୍କର ଫେଲ୍ଡ ପ୍ରଡକ୍ଟକୁ ପଲିସ୍ କରି ବଜାରକୁ ଆଣିବାକୁ ପ୍ରୟାସରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଯେଉଁ ଚିଠି ଲେଖିଛନ୍ତି, ସେ ଚିଠି ପଢି ମୋତେ ଲାଗିଲା ଆପଣଙ୍କ ଦ୍ୱାରା କୁହାଯାଇଥିବା କଥା ସତ୍ୟଠାରୁ ବହୁ ଦୂରରେ। ଏଥିରୁ ଜଣାପଡୁଛି ଯେ ଚିଠିରେ ଆପଣ ରାହୁଲ ଗାନ୍ଧିଙ୍କ ସମେତ ଆପଣଙ୍କ ନେତାଙ୍କ ଭୁଲକୁ ଭୁଲିଯାଇଛନ୍ତି କିମ୍ବା ଜାଣିଶୁଣି ଅଣଦେଖା କରିଛନ୍ତି। ତେଣୁ ମୁଁ ଅନୁଭବ କଲି ଯେ ସେସବୁ ବାବଦରେ ଆପଣଙ୍କ ନଜରକୁ ବିସ୍ତୃତରେ ଆଣିବା ଆବଶ୍ୟକ।"

"ଯେହେତୁ ଆପଣଙ୍କ ଚିଠିରେ ଆପଣ କେବଳ ରାହୁଲ ଗାନ୍ଧିଙ୍କ ବିଷୟରେ ଉଲ୍ଲେଖ କରିଛନ୍ତି, ସେହେତୁ ମୁଁ ମୋର ପ୍ରସଙ୍ଗ ତାଙ୍କଠାରୁ ଆରମ୍ଭ କରିବାକୁ ଚାହେଁ। ଯେଉଁ ବ୍ୟକ୍ତିଙ୍କ ହିଷ୍ଟ୍ରି ହେଉଛି, ଦେଶର ପ୍ରଧାନମନ୍ତ୍ରୀଙ୍କ ସମେତ ସମଗ୍ର ଓବିସି ସମ୍ପ୍ରଦାୟକୁ 'ଚୋର' କହି ସମାଲୋଚନା କରିବା, ଦେଶର ପ୍ରଧାନମନ୍ତ୍ରୀଙ୍କ ଉପରେ ଅତ୍ୟନ୍ତ ଅଶ୍ଳୀଳ ଶବ୍ଦ ପ୍ରୟୋଗ କରିବା, ସଂସଦରେ ପ୍ରଧାନମନ୍ତ୍ରୀଙ୍କୁ ମାଡ଼ ମାରିବା କଥା କହିବା, ସେହି ରାହୁଲ ଗାନ୍ଧିଙ୍କୁ ଆପଣ କେଉଁ ମଜବୁରି(ପରିସ୍ଥିତି)ରେ ପଡ଼ି ନ୍ୟାୟ ଦେବାକୁ ଚେଷ୍ଟା କରୁଛନ୍ତି ?" ରାହୁଲ ଗାନ୍ଧି ପ୍ରଧାନମନ୍ତ୍ରୀଙ୍କୁ ଗତ ୧୦ ବର୍ଷ ମଧ୍ୟରେ ୧୧୦ ଥର ଅପମାନଜନକ ଶବ୍ଦ ପ୍ରୟୋଗ କରିଛନ୍ତି, ସେତେବେଳକୁ ଆପଣଙ୍କ ରାଜନୈତିକ ମାନ ମର୍ଯ୍ୟାଦା ଉଲ୍ଲଙ୍ଘନ ହେଉନାହିଁ କିପରି ବୋଲି ଜେପି ନଡ୍ଡା ପ୍ରଶ୍ନ କରିଛନ୍ତି। ଏଥିସହ ସେ ଆହୁରି କହିଛନ୍ତି, "ଦୁଃଖର ବିଷୟ ଯେ ଦେଶର ସର୍ବ ପୁରାତନ ରାଜନୈତିକ ଦଳ ବର୍ତ୍ତମାନ ଏହାର 'ପ୍ରସିଦ୍ଧ ରାଜକୁମାରଙ୍କ ଚାପରେ' କପି-ପେଷ୍ଟ 'ପାର୍ଟିରେ ପରିଣତ ହୋଇଛି।"



ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ମୋଦିଙ୍କ ଜନ୍ମଦିନ ଅବସରରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ତାଙ୍କୁ ଏକ ପତ୍ର ଲେଖି ଶୁଭେଚ୍ଛା ଜଣାଇବା ସହ ରାହୁଲ ଗାନ୍ଧିଙ୍କ ବିରୋଧରେ ବିବାଦୀୟ ବିବୃତ୍ତି ଦେଇଥିବା ଶାସକ ଦଳର ନେତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ବୋଲି କହିଥିଲେ। ଖଡଗେ କହିଥିଲେ, "ଜଣେ କେନ୍ଦ୍ରମନ୍ତ୍ରୀ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କୁ ନଂ ୱାନ୍ ଆତଙ୍କବାଦୀ କହିବା ଆଶ୍ଚର୍ଯ୍ୟଜନକ। କଣ ଏଥିପାଇଁ ମହାତ୍ମା ଗାନ୍ଧି, ଇନ୍ଦିରା ଗାନ୍ଧି ଏବଂ ରାଜିବ ହାନ୍ଧି ତାଙ୍କ ଜୀବନକୁ ବଳିଦାନ ଦେଇଥିଲେ। ଏହିପରି ବିବୃତ୍ତି ଭବିଷ୍ୟତରେ ସାଂଘାତିକ ହୋଇପାରେ। ତେଣୁ ମୁଁ ଅନୁରୋଧ କରୁଛି ଏବଂ ଆଶାକରେ ଆପଣ ଆପଣଙ୍କ ନେତାମାନଙ୍କ ଉପରେ ଅନୁଶାସନ ଏବଂ କଟକଣା ଲଗାନ୍ତୁ।" ସେମାନଙ୍କୁ ସଠିକ୍ ଆଚରଣ କରିବାକୁ ନିର୍ଦ୍ଦେଶ ଦିଅନ୍ତୁ। ଏହିପରି ବିବୃତ୍ତି ପାଇଁ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ, ଯାହା ଦ୍ୱାରା ଭାରତୀୟ ରାଜନୀତି ଅବନତିରୁ ରକ୍ଷା ହୋଇପାରିବ ବୋଲି ମଲ୍ଲିକାର୍ଜୁନ ଖଡଗେ ଜନ୍ମଦିନ ବାର୍ତ୍ତା ଚିଠିରେ ଲେଖିଥିଲେ।

## ଭାରତ-ବାଂଲାଦେଶ ପ୍ରଥମ ଟେଷ୍ଟ

# ଭାରତକୁ ବିପଦମୁକ୍ତ କଲେ ଅଶ୍ୱିନ-ଜାଡେଜା ଯୋଡ଼ି




**ଚେନ୍ନାଇ, ୧୯।୯:** ଅଲ ରାଉଣ୍ଡର ରବିନ୍ଦ୍ରନ ଅଶ୍ୱିନ ଓ ରବିନ୍ଦ୍ର ଜାଡେଜାଙ୍କ ଦାୟିତ୍ୱପୂର୍ଣ୍ଣ ବ୍ୟାଟିଂ ଯୋଗୁ ଆଜିଠାରୁ ଏଠାରେ ଆରମ୍ଭ ହୋଇଥିବା ଭାରତ-ବାଂଲାଦେଶ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ଘରୋଇ ଦଳ ଏକ ସମ୍ମାନଜନକ ସ୍ଥିତିରେ ପହଞ୍ଚିଛି। ୧୪୪ ରନରେ ୬ଟି ୱିକେଟ ହରାଇ ଭାରତ ବିପଦରେ ପଡ଼ିଥିବା ବେଳେ ଅଶ୍ୱିନ ଓ ଜାଡେଜାଙ୍କ ମଧ୍ୟରେ ସପ୍ତମ ୱିକେଟରେ ଶତକୀୟ ପାର୍ଟନରସିପ ଭାରତକୁ ଏକ ସମ୍ମାନଜନକ ସ୍ଥିତିକୁ ନେଇଯାଇଥିଲା। ଏହି କ୍ରମରେ ଓପନର ଯଶସ୍ୱୀ ଜୟସ୍ୱାଲଙ୍କ ପରେ ଜାଡେଜା ଅର୍ଦ୍ଧଶତକ ହାସଲ କରିଥିବା ବେଳେ ଅଶ୍ୱିନ ଏକ କୃତିତ୍ୱପୂର୍ଣ୍ଣ ଶତକ ହାସଲ କରିଛନ୍ତି। ଟସ ଜିତି ବାଂଲାଦେଶ ପ୍ରଥମେ ଭାରତକୁ ବ୍ୟାଟିଂ ପାଇଁ ସୁଯୋଗ ଦେଇଥିଲା। ପ୍ରାରମ୍ଭରୁ ପିଚ ଫାଷ୍ଟବୋଲରଙ୍କୁ ସୁହାଇଥିଲା। ଏହାର ସୁଯୋଗ ନେଇ ହସନ ମାହମୁଦ ଭାରତର ଟପ ବ୍ୟାଟିଂ ଲାଇନଅପକୁ ଭାଙ୍ଗି ଦେଇଥିଲେ। ଅଧିନାୟକ ରୋହିତ ଶର୍ମା ୬ଳ ସୁମନ ଗିଲ ଶୂନ ଏବଂ କୋହଲି ମଧ୍ୟ ମାତ୍ର ୬ରନରେ ଆଉଟ ହୋଇଥିଲେ। ପରେ ଜୟସ୍ୱାଲ ଏବଂ ପନ୍ତଙ୍କ ମଧ୍ୟରେ ଚତୁର୍ଥ ୱିକେଟରେ ୬୨ ରନର ପାର୍ଟନରସିପ ହୋଇଥିଲା। ଜୟସ୍ୱାଲ ୧୧୮ଟି ବଲରୁ ୯ଟି ଚୌକା ସହ ୫୬ ଏବଂ ପନ୍ତ ୩୯ ରନ କରି ଆଉଟ ହୋଇଥିଲେ। ପରେ ଲୋକେଶ ରାହୁଲ ମଧ୍ୟ ମାତ୍ର ୧୬ ରନ କରି ପାଭିଲିୟନ ଫେରିଯାଇଥିଲେ। ୧୪୪ ରନରେ ୬ଟି ୱିକେଟ ହରାଇବା ପରେ ଭାରତ ୨୦୦ ଭିତରେ ଅଲଆଉଟ ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଥିଲା। କିନ୍ତୁ ଅଶ୍ୱିନ ଓ ଜାଡେଜା ବାଂଲାଦେଶ ବୋଲରମାନଙ୍କ ଉଚିତ ମୁକାବିଲା କରି ଦଳୀୟ ସ୍କୋରକୁ ୩୦୦ ଅତିକ୍ରମ କରାଇଥିଲେ। ବାଂଲାଦେଶ ପକ୍ଷରୁ ହସନ ମାହମୁଦ ୪ଟି ୱିକେଟ ଦଖଲ କରିଥିଲେ। ଅଶ୍ୱିନ ମାତ୍ର ୧୦୮ ବଲରୁ ୧୦ଟି ଚୌକା ଏବଂ ୨ଟି ଛକ୍କା ସହାୟତାରେ ଶତକ ହାସଲ କରିଛନ୍ତି। ଜାଡେଜା ମଧ୍ୟ ଏକ ଶତକ ହାସଲ ଦିଗରେ ଅଗ୍ରସର ହେଉଛନ୍ତି।

# ରେକର୍ଡ କଲେ ଯଶସ୍ୱୀ ଜୈସୱାଲ

## ୧୪୭ ବର୍ଷରେ ପ୍ରଥମ




**ଚେନ୍ନାଇ, ୧୯।୯:** ଭାରତୀୟ କ୍ରିକେଟ ଟିମର ଓପନର ଯଶସ୍ୱୀ ଜୈସୱାଲ ପୁଣିଥରେ ଚମକିଛନ୍ତି। ସେ ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତକୁ ବିପଦରୁ ଉଦ୍ଧାର କରିବା ସହ ଗୁରୁତ୍ୱପୂର୍ଣ୍ଣ ୫୬ ରନର ଇନିଂସ ଖେଳିଛନ୍ତି। ଏହି ଇନିଂସ ବଳରେ ଯଶସ୍ୱୀ ନୂଆ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି। ବାଂଲାଦେଶ ବିପକ୍ଷରେ ସେ ଅର୍ଦ୍ଧଶତକ ହାସଲ କରିବା ପରେ ୧୪୭ ବର୍ଷର ଟେଷ୍ଟ କ୍ରିକେଟରେ ଯାହା ଘଟି ନଥିଲା, ସେକଥା କରିବାକୁ ସକ୍ଷମ ହୋଇଛନ୍ତି।

ଯଶସ୍ୱୀ ବିଶ୍ୱର ପ୍ରଥମ ବ୍ୟାଟର ଭାବେ ଘରୋଇ ପରିବେଶରେ ଖେଳା ଯାଇଥିବା ଟେଷ୍ଟ କ୍ରିକେଟର ପ୍ରଥମ ୧୦ଟି ଇନିଂସରେ ୭୫୦ କିମ୍ବା ତା' ଠାରୁ ଅଧିକ ରନ କରିଛନ୍ତି। ପୂର୍ବରୁ ଏହି ରେକର୍ଡ ୱେଷ୍ଟଇଣ୍ଡିଜର ଜର୍ଜ ହେଡଲୀଙ୍କ ନାଁରେ ଥିଲା। ସେ ୧୯୩୫ ମସିହାରେ ପ୍ରଥମ ୧୦ଟି ଇନିଂସରେ ୭୪୭ ରନ କରିଥିଲେ। ପାକିସ୍ତାନର ଜାଭେଦ ମିଆଁଦାଦ ୭୪୩ ରନ, ଜିମ୍ବାୱେର ଡାଭେ ହୌଗଟନ ୬୮୭ ରନ ଓ ୱେଷ୍ଟଇଣ୍ଡିଜର ସାର ଭିଭି ରିଚାର୍ଡସ ୬୮୦ ରନ କରିଥିଲେ। ହେଲେ ଏମାନଙ୍କୁ ଯଶସ୍ୱୀ ପଛରେ ପକାଇ ବିଶ୍ୱ ରେକର୍ଡ ସହ ୭୫୫ ରନ କରି ନେଇଛନ୍ତି। ଏଯାଏ ୯ଟି ଟେଷ୍ଟରେ ୧୬ଟି ଇନିଂସ ଖେଳିଥିବା ଯଶସ୍ୱୀ ଟେଷ୍ଟ କ୍ରିକେଟରେ ୧୦୨୮ ରନ କରିଛନ୍ତି। ତାଙ୍କର ବ୍ୟକ୍ତିଗତ ସର୍ବାଧିକ ସ୍କୋର ହେଉଛି ଅପରାଜିତ ୨୧୪ ରନ। ଆଜି ବାଂଲାଦେଶ ବିପକ୍ଷରେ ଭାରତ ୩୪ ରନରେ ୩ ୱିକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏତିକି ବେଳେ ଯଶସ୍ୱୀ ଓ ଋଷଭ ପନ୍ତ ୬୨ ରନର ଭାଗିଦାରୀ କରିଥିଲେ। ଏହାପରେ ଯଶସ୍ୱୀ ୫ମ ୱିକେଟ ପାଇଁ କେଏଲ ରାହୁଲଙ୍କ ସହ ମଧ୍ୟ ୪୮ ରନ ଯୋଡ଼ିଥିଲେ।

# ବ୍ୟାଟିଂ କରିବା ବେଳେ ରାଗିଲେ ପନ୍ତ



**ଚେନ୍ନାଇ, ୧୯।୯:** ଆଜି ଠାରୁ ଆରମ୍ଭ ହୋଇଛି ଭାରତ ଓ ବାଂଲାଦେଶ ମଧ୍ୟରେ ପ୍ରଥମ ଟେଷ୍ଟ। ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବା ଭାରତ ହାସନ ମହମୁଦଙ୍କ ଘାତକ ବୋଲିଂର ସାମ୍ନା ନ କରି ପାରି ୩୪ ରନରେ ୩ଟି ୱିକେଟ ହରାଇଥିଲା। ହେଲେ ଏତିକି ବେଳେ ଯଶସ୍ୱୀ ଜୈସୱାଲ ଓ ଋଷଭ ପନ୍ତ ସ୍ଥିତି ସମ୍ଭାଳିଥିଲେ।

ଉଭୟ ୪ର୍ଥ ୱିକେଟ ପାଇଁ ୬୨ ରନ ଯୋଡ଼ି ଭାରତର ସ୍କୋରକୁ ୯୬ରେ ପହଞ୍ଚାଇ ଦେଇଥିଲେ। ପରବର୍ତ୍ତୀ ଅବସ୍ଥାରେ ପନ୍ତ ୩୯ ରନ କରି ହାସନଙ୍କ ବଲରେ ପ୍ୟାଭିଲିୟନ ଫେରିଥିଲେ। ତେବେ କାର ଦୁର୍ଘଟଣାରୁ ବର୍ତ୍ତିବା ପରେ ପ୍ରଥମ ଥର ଟେଷ୍ଟ କ୍ରିକେଟକୁ ଫେରିଥିବା ପନ୍ତ ଆଜି ବ୍ୟାଟିଂ କରିବା ବେଳେ ରାଗି ଯାଇଥିଲେ। ବାଂଲାଦେଶର ୱିକେଟର କିପର ଲିଟନ ଦାସଙ୍କ ସହ କିଛି କ୍ଷଣ ପାଇଁ ତାଙ୍କର ଯୁକ୍ତିତର୍କ ହୋଇଥିଲା। ଏହାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ପନ୍ତ ରାଗିକୁ ଲିଟନଙ୍କୁ କହିଥିବା କଥା ମଧ୍ୟ ଷ୍ଟମ୍ପ ମାଇକରେ ରେକର୍ଡ ହୋଇଛି। ପୂରା ଘଟଣା ଏମିତି ଥିଲା। ଯଶସ୍ୱୀ ଶଟ କଭରରେ ବଲ ମାରିବା ଥିବା ବେଳେ ନନ ଷ୍ଟ୍ରାଇକରେ ଥିବା ପନ୍ତ ସିଙ୍ଗଲ ନେବାକୁ ଚେଷ୍ଟା କରିଥିଲେ। କିନ୍ତୁ ଯଶସ୍ୱୀ ରନ ନେବାକୁ ମନା କରି ଦେଇଥିଲେ। ଏସବୁ ଭିତରେ ଶଟ କଭରରେ ଫିଲ୍ଡ କରିଥିବା ବାଂଲାଦେଶ ଖେଳାଳି ବଲଟିକୁ ପନ୍ତଙ୍କ ଆଡ଼କୁ ଥ୍ରୋ କରିଥିଲେ। ବଲଟି ତାଙ୍କ ଗୋଡ଼ରେ ବାଜିଥିଲା। ଓଭର ଥ୍ରୋ ଯୋଗୁ ପନ୍ତ ଷ୍ଟ୍ରାଇକ ଏଣ୍ଡରେ ପହଞ୍ଚିଥିଲେ। ଏତିକି ବେଳେ ଲିଟନ ଦାସ ରନ କାହିଁକି ନେଲ ବୋଲି ପ୍ରଶ୍ନ କରିଥିଲେ। ବଲ ଗୋଡ଼ରେ ମାଡ଼ ହୋଇଥିବାରୁ ରନ ନେବା କଥା ନୁହଁ ବୋଲି ସେ ପନ୍ତଙ୍କୁ କହିଥିଲେ। ଏହାର ଜବାବରେ ପନ୍ତ ୱିକେଟ କିପର ଲିଟନ ଦାସଙ୍କୁ ବରକ୍ତ ହୋଇ କହିଥିଲେ ଯେ "ସେ ମୋତେ କାହିଁକି ମାରୁଛନ୍ତି?"' ଏହାର ଜବାବରେ ଲିଟନ କହୁଛନ୍ତି, "ସେ ତ ବଲ ଫିଙ୍ଗି ବ ନା।" ଏହି ଅଳ୍ପକ ସେକଣ୍ଡର ତିକ୍ତତା ପରେ ଖେଳ ଆଗକୁ ବଢ଼ିଥିଲା।

## ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ

# ସ୍ୱୟମ୍‌ଜିତଙ୍କୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୧୯।୯:** ଫିଜିର ସୁଭାରେ ଚାଲିଥିବା ରାଜ୍ୟଗୋଷ୍ଠୀ ୟୁଥ୍, ଜୁନିୟର ଓ ସିନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ଓଡ଼ିଶାର ସ୍ୱୟମଜିତ ପ୍ରସାଦ ସାହୁ ବୁଧବାର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୬୭ କେଜି ୟୁଥ୍ ବର୍ଗରେ ସ୍ୱୟମଜିତ ମୋଟ ୨୪୭ କେଜି ଉତ୍ତୋଳନ କରି ଏହି ସଫଳତା ପାଇଛନ୍ତି। ସେ ସ୍ନାଚ୍‌ରେ ୧୦୯ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୩୮ କେଜି ଭାରୋତ୍ତୋଳନ କରିଥିଲେ। ମଙ୍ଗଳବାର ପ୍ରତିଯୋଗିତାର ପ୍ରଥମ ଦିବସରେ ମୀନା ସାନ୍ତା ୨ ସ୍ୱର୍ଣ୍ଣ ଓ ୧ ରୌପ୍ୟ ଏବଂ ଜ୍ୟୋତ୍ସ୍ନା ଶବର ଗୋଟିଏ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଫଳରେ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଦ୍ୱିତୀୟ ଦିବସ ଶେଷସୁଦ୍ଧା ଓଡ଼ିଶା ପ୍ରତିଯୋଗୀମାନେ ୪ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ସ୍ୱୟମଜିତ ସମ୍ପ୍ରତି କଳିଙ୍ଗ ଷ୍ଟାଡିୟମରେ ଭାରୋତ୍ତୋଳନ ଏଚ୍‌ପିସିରେ ଟ୍ରେନିଂ ନେଉଛନ୍ତି। ୫୫ କେଜି ୟୁଥ୍ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ମୀନା ମୋଟ ୧୮୦ (ସ୍ନାଚ୍-୮୧, କ୍ଲିନ୍ ଆଣ୍ଡ ଜର୍କ-୯୯) କେଜି ଭାରୋତ୍ତୋଳନ କରିଥିଲେ। ବାଳିକା ୟୁଥ୍ ବର୍ଗରେ ଏହା ଏକ ଜାତୀୟ ରେକର୍ଡ ବୋଲି ବୁଧବାର ଭାରତୀୟ ଭାରୋତ୍ତୋଳନ ସଂଘ (ଆଇଡବ୍ଲ୍ୟୁଏଲଏଫ୍) ପକ୍ଷରୁ ସ୍ପଷ୍ଟ କରାଯାଇଛି।




# ପ୍ରଥମ ଦିବସରେ ଏକାଧିକ ମିଟ୍ ରେକର୍ଡ

**ଭୁବନେଶ୍ୱର, ୧୯।୯:** ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଓଡ଼ିଶା ଆଥଲେଟିକ୍ସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ୭୦ତମ ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ ବୁଧବାର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି। ପ୍ରତିଯୋଗିତାର ପ୍ରଥମ ଦିବସରେ ୫ ନୂଆ ମିଟ୍ ରେକର୍ଡ ସୃଷ୍ଟି ହୋଇଛି। ରାଜ୍ୟର ୩୦ ଜିଲାରୁ ୯୦୦ରୁ ଊର୍ଦ୍ଧ୍ୱ ଆଥଲେଟ୍ ଏଥିରେ ଅଂଶଗ୍ରହଣ କରିଛନ୍ତି। ୩ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତାରେ ୨୬୮ ମହିଳା ପ୍ରତିଯୋଗୀ ଭାଗ ନେଇଛନ୍ତି। ଏମାନଙ୍କ ମଧ୍ୟରେ ଅଧିକାଂଶ ଓଡ଼ିଶା-ରିଲାଏନ୍ସ ଫାଉଣ୍ଡେଶନ ଆଥଲେଟିକ୍ସ ହାଇ-ପରଫର୍ମାନ୍ସ ସେଣ୍ଟର ଏବଂ କ୍ରୀଡ଼ା ଛାତ୍ରାବାସରେ ଟ୍ରେନିଂ ନେଉଛନ୍ତି। ଓଡ଼ିଶା ପୋଲିସ, ପୋଷ୍ଟାଲ, ବିଏସ୍ଏନ୍ଏଲ୍ ଓ କିଟ୍ ବିଶ୍ୱବିଦ୍ୟାଳୟରୁ ଆଥଲେଟ୍‌ମାନେ ମଧ୍ୟ ଏଥିରେ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ଆଥଲେଟ୍‌ମାନେ ୪୦ରୁ ଅଧିକ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ଭାଗ୍ୟ ପରୀକ୍ଷା କରିଛନ୍ତି। ପ୍ରଥମ ଦିବସରେ ମୟୂରଭଞ୍ଜର ପ୍ରଦୀପ ମହନ୍ତ ୨୦ ବର୍ଷରୁ କମ୍ ବାଳକ ୫୦୦୦ ମିଟରରେ ୧୪:୫୬.୯୪ ସେକେଣ୍ଡ ସମୟ ନେଇ ନୂଆ ମିଟ୍ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ସେହିପରି କଟକର ନିଖିଲ ଦାସ ୨୩ ବର୍ଷରୁ କମ୍ ବାଳକ ହାଇଜମ୍ପରେ ୨.୦୧ ମିଟର,




କଟକର ଚିରଞ୍ଜୀବ ସିଂ ୨୩ ବର୍ଷରୁ କମ୍ ବାଳକ ଶଟ୍‌ପୁଟ୍‌ରେ ୧୩.୯୧ ମିଟର, କିଟ୍‌ର ପି. ଅର୍ପିତା ଅର୍ଚ୍ଚନା ସାହୁ ୨୦ ବର୍ଷରୁ କମ୍ ବାଳିକା ଜାଭେଲିନ୍ ଥ୍ରୋରେ ୪୨.୯୮ ମିଟର ଏବଂ ସୁନ୍ଦରଗଡ଼ର ଧନମତି ଖେସ୍ ୨୩ ବର୍ଷରୁ କମ୍ ବାଳିକା ଜାଭେଲିନ୍ ଥ୍ରୋରେ ୪୧.୬୭ ମିଟର ଥ୍ରୋ କରି ନୂଆ ମିଟ୍ ରେକର୍ଡର ଅଧିକାରୀ ହୋଇଛନ୍ତି। ୨୩ ବର୍ଷରୁ କମ୍ ୫୦୦୦ ମିଟର ରେସ୍‌ରେ ଦୀପ୍ତିରାଣୀ ସାହୁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଆଂଶିକା ରାଉତରାୟ ୨୦ ବର୍ଷରୁ କମ୍ ବାଳିକା ଶଟ୍‌ପୁଟ୍‌ରେ ୧୧.୩୦ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ବଲାଙ୍ଗୀରର ଶ୍ରଦ୍ଧାଞ୍ଜଳି ମିଶ୍ର ରୌପ୍ୟ ଓ ଜଗତ୍‌ସିଂହପୁରର ଜ୍ୟୋତ୍ସ୍ନା ସାହୁ ବ୍ରୋଞ୍ଜ ପଦକ ଜିତିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କହିଥିଲୁ..

ସମସ୍ୟାର ପ୍ରତିକାର ସମ୍ଭବ ହୋଇଥାଏ। ଭବିଷ୍ୟତରେ ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ଶୁଣାଣି କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ଆମେ କିଭଳି କାମ କରୁଛୁ, ସେକଥା ଲୋକେ ବିଚାର କରିବେ। ଆମ ସରକାର କୌଣସି ଘରୋଇ ସଂସ୍ଥାର ପ୍ରମାଣପତ୍ର ଲୋଡେନାହିଁ।

ଭକ୍ତ ଓ ଭଗବାନଙ୍କ ଭିତରେ ଥିବା କୃତ୍ରିମ ପ୍ରାଚୀରକୁ ହଟା ଯାଇଛି ବୋଲି ପ୍ରକାଶ କରି ସେ କହିଲେ, ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲିବା ଓ ରତ୍ନ ଭଣ୍ଡାର ଖୋଲି ମହାପ୍ରଭୁଙ୍କ ରତ୍ନର ସୁରକ୍ଷା କରିବା ଆମର ପ୍ରଥମ ପଦକ୍ଷେପ ଥିଲା। ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ସହିତ ଓଡ଼ିଆ ଅସ୍ମିତାର ପୁନଃ ପ୍ରତିପାଦନ ନିମନ୍ତେ ୨୦୦ କୋଟି ଟଙ୍କାର ସ୍ଥାୟୀ ପାଣ୍ଠି ଗଠନ କରିଛୁ। ଓଡ଼ିଆ ଅସ୍ମିତା ଭବନ ନିର୍ମାଣ, ଓଡ଼ିଆ ଅନୁବାଦ ଏକାଡେମୀ ପ୍ରତିଷ୍ଠା ନିମନ୍ତେ ନିଷ୍ପତ୍ତି ନେଇଛୁ। ଶ୍ରୀମନ୍ଦିରର ଉନ୍ନତି ପାଇଁ ଆମ ସରକାର ୫୦୦ କୋଟି ଟଙ୍କାର ସ୍ଥାୟୀ ପାଣ୍ଠି ର ବ୍ୟବସ୍ଥା କରିଛନ୍ତି।

ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଥିଲା ଆମର ବଡ ପ୍ରତିଶ୍ରୁତି। ବଜେଟରେ ୫ ହଜାର କୋଟି ଟଙ୍କାର ବ୍ୟବସ୍ଥା କରି ଆମେ ଏହାକୁ କାର୍ଯ୍ୟକାରୀ କରିଛୁ। ଚାଷୀ ଭାଇମାନଙ୍କ ପାଇଁ ଆମେ ସିଏମ୍ - କିସାନ ଯୋଜନା ଆରମ୍ଭ କରିଛୁ। ପିଏମ - ସମ୍ମାନ ନିଧି ସହିତ ସଂଯୁକ୍ତ ହୋଇ ଏହା ଆର୍ଥିକ ସହଯୋଗ ପ୍ରଦାନ କରିବ। ଯୋଉ ଚାଷୀ କୌଣସି ଆର୍ଥିକ ସହାୟତା ପାଇବାରୁ ବଞ୍ଚିତ ଅଛନ୍ତି, ସେମାନଙ୍କୁ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଆମେ ଏକ ପୋର୍ଟାଲ ଆରମ୍ଭ କରିଛୁ। ଫଳରେ କୌଣସି ଯୋଗ୍ୟ ଚାଷୀ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେବେ ନାହିଁ।

ସୁଭଦ୍ରା ଯୋଜନା ସଂପର୍କରେ ସେ କହିଲେ ଯେ, ମହିଳାଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରିବା ପାଇଁ ଅଭିନବ ପରିକଳ୍ପନା ହେଉଛି ସୁଭଦ୍ରା ଯୋଜନା। ଦେବୀ ସୁଭଦ୍ରାଙ୍କ ନାମରେ ନାମିତ ସୁଭଦ୍ରା ଯୋଜନାରେ ଉପକୃତ ହେବାକୁ ଯାଉଛନ୍ତି ଏକ କୋଟିରୁ ଊର୍ଦ୍ଧ୍ୱ ମହିଳା। ବର୍ଷକୁ ୧୦ ହଜାର ଲେଖାଏଁ ପାଞ୍ଚ ବର୍ଷରେ ପ୍ରତ୍ୟେକ ଯୋଗ୍ୟ ମହିଳା ପାଇବେ ପଚାଶ ହଜାର ଟଙ୍କା। ମହିଳାମାନେ ଆମ ସଂସ୍କୃତିରେ ପୂଜନୀୟା। ସେମାନଙ୍କ ପାଇଁ ସୁଭଦ୍ରା ହେଉଛି, ଆମ ସରକାରର କୃତଜ୍ଞ ନିବେଦନ। ସୁଭଦ୍ରା ଯୋଜନା ସଂପର୍କରେ ଏକ କବିତା ପାଠ କରି ସେ କହିଥିଲେ, ସୁଭଦ୍ରା ଆଣିବ, ମନେ ହରସ, ପୋଛିବ ଦୁଃଖ, ଦେବ ସୁଖ ପରଶ, ସୁଭଦ୍ରା ଆମର ଅଟେ ବିଶ୍ୱାସ, ପ୍ରତି ମହିଳାଙ୍କ ଓଠରେ ହସ।

ଏହାସହିତ ମୁଖ୍ୟମନ୍ତ୍ରୀ ସବୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ସଫଳତା ପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଆୟୁଷ୍ମାନ ଭାରତ ଯୋଜନାକୁ ଆମ ସରକାର ଅତିଶିଘ୍ର ଲାଗୁ କରିବାକୁ ଯାଉଛନ୍ତି। ଚଳିତ ବର୍ଷ ବଜେଟରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ୩୨ ପ୍ରତିଶତ ବ୍ୟୟ ବରାଦ ବୃଦ୍ଧି କରାଯାଇଛି। ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ସହିତ ସ୍ୱାସ୍ଥ୍ୟ ସେବାର ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରି ଆମେ ଲୋକଙ୍କୁ ଘର ପାଖରେ ଉତ୍ତମ ଚିକିତ୍ସା ଯୋଗାଇ ଦେବା ନିମନ୍ତେ ପ୍ରଚେଷ୍ଟା ଆରମ୍ଭ କରିଛୁ। ପ୍ରତି ଜିଲ୍ଲାରେ ଗୋଟିଏ ଲେଖାଏଁ ମେଡିକାଲ କଲେଜ୍ ପ୍ରତିଷ୍ଠା ସହ, ଖାଲି ଥିବା ଡ଼ାକ୍ତର ଓ ପାରା ମେଡିକାଲ ପଦବୀ ପୂରଣ କରିବୁ। ଶିକ୍ଷା କ୍ଷେତ୍ରରେ ପିଏମ୍-ଶ୍ରୀ ଯୋଜନାରେ ୮୦୦ ବିଦ୍ୟାଳୟକୁ ଉତ୍କର୍ଷ କେନ୍ଦ୍ର ଭାବରେ ପ୍ରତିଷ୍ଠା କରାଯିବ। ନୂଆ ଶିକ୍ଷା ନୀତି - ୨୦୨୦ କୁ ଆମେ ଲାଗୁ କରିବାକୁ ନିଷ୍ପତ୍ତି ନେଇ ସାରିଛୁ। ପ୍ରାଥମିକ ସ୍ତରରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଗୋଦାବରୀଶ ମିଶ୍ର ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ଉଚ୍ଚ ଶିକ୍ଷା କ୍ଷେତ୍ରରେ ପିଏମ୍-ଉଷା ଯୋଜନା କାର୍ଯ୍ୟକାରୀ ହେବ। ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା ହୋଇଛି। ଗ୍ରାମୀଣ ଭିତ୍ତିଭୂମି ନିର୍ମାଣ ପାଇଁ ୧ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ପାଇଁ ଅଧିକ ଆବାସର ପ୍ରାବଧାନ ରଖାଯାଇଛି। ଶ୍ରମିକ, ବୟସ୍କ ନାଗରିକ ଓ ଦିବ୍ୟାଙ୍ଗ ପାଇଁ ଭତ୍ତା ବୃଦ୍ଧି ହୋଇଛି। ନିର୍ମାଣ ଶ୍ରମିକମାନଙ୍କ ପରିବାରକୁ କୌଣସି ଶ୍ରମିକଙ୍କ ଆକସ୍ମିକ ମୃତ୍ୟୁ ହେଲେ ଏବେ ୬ ଲକ୍ଷ ଟଙ୍କା ସହାୟତା ମିଳିବ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ୫ ବର୍ଷ ମଧ୍ୟରେ ଅଢେଇ ଲକ୍ଷ୍ୟ ସରକାରୀ ପଦବୀ ପୂରଣ କରାଯାଇ ଯୁବକ ଯୁବତୀ ମାନଙ୍କୁ ନିଯୁକ୍ତି ଦିଆଯିବ। ଅଗ୍ନିବୀର ମାନଙ୍କ ପାଇଁ ୟୁନିଫର୍ମ ସର୍ଭିସ୍‌ରେ୧୦ ପ୍ରତିଶତ ସ୍ଥାନ ସଂରକ୍ଷିତ ରହିବ। ଗ୍ରାମାଞ୍ଚଳ ତଥା ତୃଣମୂଳ କ୍ଷେତ୍ରରେ କ୍ରୀଡାର ବିକାଶ ପାଇଁ ଆମ ସରକାର ୯୫୨ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି। ଭୁବନେଶ୍ୱର ଠାରେ ୧୦୦-ଏକର ଅଞ୍ଚଳ ରେ ଏକ ନୂତନ ବିଶ୍ୱସ୍ତରୀୟ ଷ୍ଟାଡିୟମ୍ ତଥା କ୍ରୀଡ଼ା କେନ୍ଦ୍ର ନିର୍ମାଣ କରାଯିବ। ଜାତୀୟ ହକି ଦଳକୁ ସରକାର ୨୦୩୬ ଯାଏଁ ପ୍ରାୟୋଜିତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

ରାଜଧାନୀ ଅଞ୍ଚଳରେ ଏଫ୍‌ଡିଆଇ ପାର୍କ ପ୍ରତିଷ୍ଠା, ଗାର୍ମେଂଟ ମାନୁଫେକଚରିଂ, ମେଗା ଫୁଡ଼ ପାର୍କ ଆଦି ପ୍ରତିଷ୍ଠା ପାଇଁ ନିଷ୍ପତି କରାଯାଇଛି ଏହା ସହିତ ରାଜ୍ୟରେ ୧୧ ଟି ନୂଆ ଏମ୍‌ଏସ୍‌ଏମ୍‌ଇ ପାର୍କ ମଧ୍ୟ ପ୍ରତିଷ୍ଠା କରାଯିବ। ରାଉରକେଲା, ସମ୍ବଲପୁର, ପାରାଦୀପ ଓ ଧାମରା ଅଞ୍ଚଳରେ ଶିଳ୍ପ କରିଡର ହେବ। ଦେଶର ପ୍ରଥମ ସେମି କଣ୍ଡକ୍ଟର ମାନୁଫେକଚରିଂ ଫାସିଲଟି ଭୁବନେଶ୍ୱର ଇନ୍‌ଫୋ ଭ୍ୟାଲିରେ ପ୍ରତିଷ୍ଠା କରାଯିବ। ଆଇଟି କ୍ଷେତ୍ରରେ ୫୦ ହଜାର ନିଯୁକ୍ତି ସୃଷ୍ଟି କରାଯିବ। ଏହାସହିତ ପୁଞ୍ଜି ନିବେଶ, ଭିତ୍ତିଭୂମି ନିର୍ମାଣର ସଫଳତା ମୁଖ୍ୟମନ୍ତ୍ରୀ ଦର୍ଶାଇଥିଲେ। ୨୧,୦୦୦ କୋଟି ଟଙ୍କାର ଅନେକ ଗୁରୁତ୍ୱପୂର୍ଣ୍ଣ ସଡ଼କ ପ୍ରକଳ୍ପ ଓଡ଼ିଶା ପାଇଁ ମଞ୍ଜୁର ହୋଇଛି ବୋଲି ସେ ସୂଚନା ଦେଇ କହିଥିଲେ, ୫୦,୦୦୦ କୋଟି ଟଙ୍କାର ପ୍ରକଳ୍ପ ପ୍ରସ୍ତାବ ମଧ୍ୟ କେନ୍ଦ୍ର ସରକାରଙ୍କ ବିଚାରାଧୀନ ଅଛି। ଆସନ୍ତା ଦଶକ ଓଡ଼ିଶା ପାଇଁ ଭିତ୍ତିଭମି ନିର୍ମାଣର ଦଶକ ହୋଇ ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରି ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡିଶା ଓ ୨୦୪୭ ମସିହା ସୁଦ୍ଧା ବିକଶିତ ଓଡ଼ିଶାର ଲକ୍ଷ୍ୟକୁ ପୁରଣ କରିବ।

ରାଜ୍ୟ ସରକାର ଦୁର୍ନୀତି ବିରୋଧୀ ସଂକଳ୍ପ ନେଇ ଦୃଷ୍ଟାନ୍ତମୂଳକ ପଦକ୍ଷେକ ଗ୍ରହଣ କରିଛନ୍ତି। ଲାଞ୍ଚ ଦାବୀ, ଆୟ ବହିର୍ଭୁତ ସଂପତ୍ତିଠୁଳ ଅଭିଯୋଗରେ ୭୧ଟି ମାମଲା ରୁଜୁ କରାଯାଇ ୫୮ଜଣଙ୍କୁ ଗିରଫ କରି ଜେଲ୍ ପଠାଯାଇଛି। ପୂର୍ବ ସରକାର କେରାଣ୍ଡି ମାଛ ଧରିବା ଭଳି କେବଳ ଛୋଟ ଛୋଟ କିରାଣୀମାନଙ୍କୁ ଧରୁଥିଲେ। କିନ୍ତୁ ଆମେ ବଡ ବଡ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ମଧ୍ୟ ଛାଡୁ ନାହୁଁ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, କୃଷି, ଶିଳ୍ପ, ପୁଞ୍ଜିନିବେଶ ଓ ରୋଜଗାର ଉପରେ ଗୁରୁତ୍ୱ ଦେଲେ ହିଁ ବିକଶିତ ଓଡ଼ିଶାର ସ୍ୱପ୍ନ ସମ୍ଭବ ହୋଇପାରିବ। ଓଡ଼ିଶାର ସାଧାରଣ ଲୋକଙ୍କ ଜୀବନ ଧାରଣର ମାନରେ ଗୁଣାତ୍ମକ ପରିବର୍ତ୍ତନ ଆମ ସମସ୍ତଙ୍କର ଧ୍ୟେୟ ହେବା ଉଚିତ୍। ବିକଶିତ ଓଡ଼ିଶାର ଅର୍ଥ ହେଲା ଓଡ଼ିଶାର ପ୍ରତ୍ୟେକ ଲୋକଙ୍କ ସମାବେଶୀ ବିକାଶ। ଲକ୍ଷ୍ୟରେ ପହଞ୍ଚିବା ପାଇଁ ଆପଣମାନଙ୍କ ସହଯୋଗ ଓ ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ଆମର ଏକାନ୍ତ କାମ୍ୟ। କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସଂସଦୀୟ ବ୍ୟାପାର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇଲୋକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ସୁକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପ , ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ, ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ପୁରୀ ସାଂସଦ ସମ୍ବିତ ପାତ୍ର, ଜଗତସିଂପୁର ସାଂସଦ ବିଭୁ ପ୍ରସାଦ ତରାଇ, କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକ ଓମ୍ ପ୍ରକାଶ ମିଶ୍ର, ଆଶ୍ରିତ କୁମାର ପଟ୍ଟନାୟକ, ବିଧାୟିକା ଉପାସନା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

ବୈଠକ ପରେ ମୁଖ୍ୟମନ୍ତ୍ରୀ ସରକାରଙ୍କ ୧୦୦ ଦିନ ପୂର୍ତ୍ତି ପାଳନ ଉପଲକ୍ଷେ ପୁରୀ ନିଳାଚଳ ହାଟ ଠାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଆୟୋଜିତ ବିକାଶ ମେଳା ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ପ୍ରଦର୍ଶନୀରେ ସ୍ୱୟଂସହାୟିକା ଗୋଷ୍ଠୀମାନଙ୍କ ଉତ୍ପାଦିତ ସାମଗ୍ରୀ ଗୁଡିକ ପ୍ରଦର୍ଶିତ ହୋଇଛି। ପରିଶେଷରେ ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ଜନ ସାଧାରଣଙ୍କ କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ।

### କାହା ଚାପରେ...

ତୋଳିଛନ୍ତି ଠକ ଜଣଙ୍କ ।ସେତବେଳେ ଜଣେ ଯୁବନେତା ନିଜେ ଏହି ଘଟଣାରେ ହସ୍ତକ୍ଷେପ କରି ଘଟଣାକୁ ଚାପିବାକୁ ଯଥାସାଧ୍ୟ ଉଦ୍ୟମ କରିଥିଲେ। ସେଥିପାଇଁ ପୋଲିସ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେବା ତ ଦୂର କଥା, କେସ ମଧ୍ୟ ରୁଜୁ କରିନଥିଲା । ଏ ଥାନରୁ ସେ ଥାନା ଦୌଡ଼ି ଦୌଡ଼ି ନିରାଶ ହୋଇଥିଲେ ଆଶାୟୀ। ଶେଷରେ ଭୁବନେଶ୍ୱର ଡିସିପିଙ୍କ ଦ୍ୱାରସ୍ଥ ହୋଇଥିଲେ। କେବଳ ଅଭିଯୋଗ ଏଣ୍ଟ୍ରି କରାଇବା ଆଳରେ ଅଭିଯୁକ୍ତକୁ ଗୋଟିଏ ଫୋନ କଲ କରି କାମ ସାରି ଦେଇଥିଲା ପୋଲିସ । ଯେଉଁଥିପାଇଁ କେଉଁ କୂଳର ନହୋଇ କାନ୍ଦି କାନ୍ଦି ନିଜ ଘରକୁ ଫେରିଥିଲେ ଆଶାୟୀ । ଏବେ କେସ ରୁଜୁ ହୋଇଛି ସତ । କିନ୍ତୁ ପୋଲିସ ଆକ୍ସନ ନେବାକୁ ବିଳମ୍ବ କରିବା ଘଟଣା ସଭିଙ୍କୁ ଚକ୍କିତ କରିଛି ।

### ଭୂ-ତତ୍ତ୍ୱ ନିର୍ଦ୍ଦେଶାଳୟକୁ...

ଏ ପର୍ଯ୍ୟନ୍ତ ତାର ରିପୋର୍ଟ ଦେଇପାରିନାହିଁ।

ଖଣି ବିଭାଗରେ ନିଜ ଅଧିକାରୀଙ୍କୁ ବିଶ୍ୱାସକୁ ନ ନେଇ ବାହାର ସଂସ୍ଥା ନିଯୁକ୍ତି କରିବା ବିଜୁ ପଟ୍ଟନାୟକ ସରକାର ଅମଳରୁ ଚାଲି ଆସିଛି। ରାଜ୍ୟର ଖଣି କ୍ଷେତ୍ରରେ ବିଦେଶୀ ପୁଞ୍ଜି ନିବେଶ ପାଇଁ ଆଂଗ୍ଲୋ-ଅଷ୍ଟ୍ରେଲିଆନ ସଂସ୍ଥା ରିୟୋ-ଟିଣ୍ଟୋ ସହିତ ୨୪ ଫେବୃୟାରୀ ୧୯୯୫ରେ ଜଏଣ୍ଟ ଭେଞ୍ଚର କରିଥିଲେ। ଏହି ରିୟୋ-ଟିଣ୍ଟୋ ସଂସ୍ଥା ଜେବି ପଟ୍ଟନାୟକ ସରକାର ଓ ନବୀନ ସରକାରରେ ୨୦୧୨ ପର୍ଯ୍ୟନ୍ତ କାମ କରିଥିଲେ ହେଁ ବିଦେଶୀ ପୁଞ୍ଜି ସଂଗ୍ରହ କରିବାରେ ବିଫଳ ହୋଇଥିଲା। କେବଳ ରାଜ୍ୟ ଖଣି ନିଗମର ଅର୍ଥ ଶ୍ରାଦ୍ଧ ହିଁ ସାର ହେଲା। ସେହିପରି ଖଣି ବିଭାଗର ଦାୟିତ୍ୱରେ ଥିବା ବର୍ତ୍ତମାନର ସଚିବ ବିଭାଗକୁ ନ ଯାଇ ଖଣି ନିର୍ଦ୍ଦେଶାଳୟରେ ଅତ୍ୟଧିକ ରୁଚି ରଖି କାମ କରୁଥିବା ଆଲୋଚନା ହେଉଛି। ରାଜ୍ୟରେ ଗତ ସରକାର ସମୟରେ ଚାଲିଥିବା ପାଣ୍ଡିଆନ ଇକୋ ସିଷ୍ଟମକୁ ମଜବୁତ କରିବା ପାଇଁ ଏସ୍‌ଟିସି ଗଠନ କରାଯାଇ ତାମିଲ ଲୋକଙ୍କୁ ଏଥିରେ ଥଇଥାନ କରାଯାଇଛି। ଏସ୍‌ଟିସିଦ୍ୱାରା ଖଣି ବିଭାଗର ଅର୍ଥ ଶ୍ରାଦ୍ଧ କରାଯାଇ ତାମିଲ ଲୋକଙ୍କର ପକେଟ ଗରମ କରାଯାଉଛି। ବିଜେଡି ସରକାର କ୍ଷମତାରୁ ଯିବା ପରେ ଏବେବି ଖଣି ବିଭାଗରେ ତାମିଲ ରାଜ ଚାଲିଥିବା ବିଭାଗୀୟ ସ୍ତରରେ ଆଲୋଚନା ହେଉଛି।

### ସବୁ ଜିଲ୍ଲାରେ...

ଆରମ୍ଭ ମଧ୍ୟ ହୋଇଯାଇଛି ବୋଲି କହିଛନ୍ତି ମନ୍ତ୍ରୀ।ଆହୁରି ମଧ୍ୟ ମନ୍ତ୍ରୀ କହିଛନ୍ତି, ୨୦୧୪ରେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ଭାରତ ବର୍ଷରେ ସବୁ ଜିଲ୍ଲାରେ ମେଡିକାଲ କଲେଜ ହେବ ବୋଲି କହିଥିଲେ। ଏହା ପରଠୁ ଓଡ଼ିଶାରେ ଏବ ୧୧ଟି ମେଡିକାଲ କଲେଜ କାର୍ଯ୍ୟକ୍ଷମ ଅଛି। କେନ୍ଦ୍ର ଓ ରାଜ୍ୟର ସହଭାଗିତାରେ ଏହି କାମ ଚାଲୁଛି। ଆଗକୁ ଏହାକୁ ତ୍ୱରାନ୍ୱିତ କରାଯାଇ ସବୁ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ ବୋଲି ସେ କହିଛନ୍ତି। ମେଡିକାଲ କଲେଜରେ ଅଧ୍ୟାପକ ନିଯୁକ୍ତି ନେଇ ଓଡ଼ିଶା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରତିକ୍ରିୟା ରଖି କହିଛନ୍ତି, ଅବସରପ୍ରାପ୍ତ ଅଭିଜ୍ଞ ଡାକ୍ତରମାନଙ୍କୁ ବିଭିନ୍ନ ମେଡିକାଲ କଲେଜରେ ପାଠ ପଢ଼ାଇବା ନିମନ୍ତେ ନିୟୋଜିତ କରାଯିବାକୁ ଯୋଜନା କରାଯାଉଛି। ଏନେଇ ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ। ଯଦ୍ୱାରା ଡାକ୍ତର ଅଭାବ ଜନିତ ସମସ୍ୟାକୁ ଦୂର କରାଯାଇପାରିବ।

### ଝୁଲୁଛି...

ହୋଇଥିଲାବେଳେ ଏବେ ପୁଲିସ କମିଶନରଙ୍କ ବଦଳି ପ୍ରାୟତଃ ଚୂଡ଼ାନ୍ତ ବୋଲି କୁହାଯାଉଛି। କେବଳ ପୁଲିସ୍ କମିଶନର ନୁହେଁ, ଏହି ଘଟଣାରେ ଅନେକ ବଡ଼ ମୁଣ୍ଡ ଗଡ଼ିବ ବୋଲି ପୁଲିସ ମହଲରେ ଆଲୋଚନା ଚାଲିଛି। ଏଭଳି ସ୍ଥିତିରେ ନୂଆ ସରକାର ନିଜ ମନପସନ୍ଦର ଏସ୍‌ପି ନିଯୁକ୍ତି ସହିତ ବରିଷ୍ଠ ଆଇପିଏସ୍ ଅଫିସରମାନଙ୍କର ବଦଳି କରିବେ ବୋଲି ସମସ୍ତେ ଚାହିଁରହିଛନ୍ତି। ଏନେଇ ପ୍ରଶାସନିକ ସ୍ତରରେ ଘନ ଘନ ବୈଠକ ବସୁଛି। କେତେବେଳେ ତାଲିକା ପ୍ରକାଶ ପାଇବ ତାହାକୁ ସମସ୍ତେ ଚାହିଁ ରହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସରିଥିବାରୁ ଖୁବ୍‌ଶୀଘ୍ର ଆଇପିଏସ୍ ବଦଳି ତାଲିକା ପ୍ରକାଶ ପାଇବ ବୋଲି ବିଶ୍ୱସ୍ତ ସ୍ତରରୁ ପ୍ରକାଶ।

### ମଙ୍କିପକ୍ସ...

ରଖାଯିବ। ଭୁବେନେଶ୍ୱର ଏମ୍ସରେ ଥିବା ଲାବରେଟାରିକୁ ପରୀକ୍ଷା ପାଇଁ ସେମାନଙ୍କ ନମୁନା ପଠାଯିବ। ଲକ୍ଷଣ ପ୍ରକାଶ ପାଇଥିବା ଲୋକ ଓଡିଶାକୁ ଆସିନାହାନ୍ତି। ତେବେ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଆଫ୍ରିକାରେ ମଙ୍କିପକ୍ସ ଦେଖାଦେଇଛି ତେଣୁ ସେଠୁ ଆସୁଥିବା ଯାତ୍ରୀଙ୍କ ପାଇଁ ସାବଧାନ ରହିବାକୁ କୁହାଯାଇଛି। ଏଥିପାଇଁ ୨୧ ଦିନର ଆଇସୋଲେଟ ଆବଶ୍ୟକତା ରହିଛି । ସନ୍ଦେହ ହେଲେ ଆଇସୋଲେଟ କରାଯିବ । ନମୁନା ପରୀକ୍ଷା ରିପୋର୍ଟ ନେଗେଟିଭ ଆସିଲେ ଛାଡି ଦିଆଯିବ ବୋଲି ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ସୂଚନା ପ୍ରଦାନ କରିଛନ୍ତି।

**ମିଳିଲାନି ଚିକିତ୍ସା**

# ଚାଲିଗଲା ଶିଶୁକନ୍ୟାର ଜୀବନ



**ଉଦଳା, ୧୯।୯ (ସଂଚାର ବ୍ୟୁରୋ) :** ଏମିତି ହେବ ବୋଲି କେବେ ଭାବି ନ ଥିଲେ ବାପାମାଆ। ଯେଉଁ ଛୁଆକୁ ଛାତିରେ ଚାପି ଧରି ମା କ୍ଷୀର ପିଆଉଥିଲା, କିଏ ଜାଣିଥିଲା ସେମିତି କୁନି ଝିଅକୁ ଜାବୁଡ଼ି ଧରି ଡାକ୍ତର ପାଖକୁ ଦୌଡ଼ି ଥିବା ମା କୋଳରେ ହିଁ ଜୀବନ ହାରି ଦେବ ବୋଲି। ମା ମୁହଁ ଛଡା ଆଉ କିଛି ଚିହ୍ନି ନ ଥିବା କୁନି ଝିଅରେ ଅକାଳରେ ଏମିତି ଝଡି ଯିବ। ସେଭଳି ଏକ ହୃଦୟ ବିଦାରକ ଘଟଣା ଘଟିଛି ଉଦଳା ମେଡିକାଲରେ।

କପ୍ତିପଦା ଥାନା ଦେଓ୍ୱାନବାହାଲି ଗ୍ରାମର ମଧୁସୂଦନ ରାଉତଙ୍କ ୫ ମାସର ଶିଶୁ କନ୍ୟାକୁ ଜ୍ୱର ହୋଇ ସେ ଉଦଳାରେ ଡାକ୍ତର ଦେଖାଇ ଚିକିତ୍ସିତ ହୋଇଥିଲେ। ଏହା ପରେ ଗତକାଲି ମଧୁସୂଦନଙ୍କ ଝିଅ ଘରେ ଥିବା ବେଳେ ଗ୍ରାମର ଆଶା କର୍ମୀ ଆସି ତାକୁ ଟିକା ଦେଇଥିଲେ। ଟିକା ନେବାର ୧୨ ଘଣ୍ଟା ପରେ ହଠାତ କୁନି ଝିଅର ଶରୀର ଅସୁସ୍ଥ ହୋଇଥିଲା। ଧୀରେ ଧୀରେ ଅବସ୍ଥା ଶଙ୍କଟାପନ୍ନ ହେବାରୁ ମଧୁସୂଦନ ଏବଂ ତାଙ୍କ ସ୍ତ୍ରୀ ବିଳମ୍ବିତ ରାତିରେ ଝିଅକୁ ଧରି ଉଦଳା ମେଡିକାଲକୁ ଚିକିତ୍ସା ନିମନ୍ତେ ଆସିଥିଲେ। ମେଡିକାଲରେ ପହଞ୍ଚି ଆଉଟ ଡୋରରେ ଡାକ୍ତରଙ୍କୁ ଦେଖାଇବା ପରେ ଡାକ୍ତର ତାଙ୍କୁ ଶିଶୁ ଓ୍ୱାର୍ଡକୁ ଯିବାକୁ କହିଥିଲେ। ଗୁରୁତର ୫ ମାସର କୁନି ଝିଅକୁ ଛାତିରେ ଚାପି ଧରି ମଧୁସୂଦନଙ୍କ ସ୍ତ୍ରୀ ପହଞ୍ଚିଥିଲେ ଶିଶୁ ଓ୍ୱାର୍ଡରେ। ହେଲେ ସେଠାରେ ଅଧ ଘଣ୍ଟା ପର୍ଯ୍ୟନ୍ତ କୌଣସି ନର୍ସ କିମ୍ବା କାହାରି ଦେଖା ପାଇ ନ ଥିଲେ। ଶେଷରେ ନର୍ସ ଆସି ଦେଖିବା ବେଳକୁ ଶିଶୁ କନ୍ୟାର ମୃତ୍ୟୁ ହୋଇ ସାରିଥିବା ଜାଣିବାକୁ ପାଇଥିଲେ ମଧୁସୂଦନ ରାଉତ। ଡାକ୍ତରଖାନାରେ ଠିକ ସମୟରେ ନର୍ସମାନେ ଚିକିତ୍ସା ନ କରିବାରୁ ତାଙ୍କ ଝିଅର ଜୀବନ ଯାଇଥିବାରୁ ଏହାକୁ ନେଇ ସକାଳୁ ମଧୁସୂଦନ ଏବଂ ତାଙ୍କ ସ୍ତ୍ରୀ ମୃତ ୫ ମାସର ଶିଶୁକନ୍ୟାର ମୃତଦେହକୁ ଧରି ଉଦଳା ମେଡିକାଲ ସମ୍ମୁଖରେ ଧାରଣାରେ ବସିଥିଲେ। ଯାହାକି ଉଚିତ ସମୟରେ ଚିକିତ୍ସା ସୁବିଧା ନ ମିଳିବାରୁ ଝିଅର ଜୀବନ ଯାଇଥିବା ଅଭିଯୋଗ କରିଥିଲେ ମଧୁସୂଦନ।

ଖବର ପାଇଁ ଉପଖଣ୍ଡ ଡାକ୍ତରଖାନାର ଅଧିକ୍ଷକ ଡା. ଲକ୍ଷ୍ମୀକାନ୍ତ ପତି ଘଟଣାସ୍ଥଳରେ ପହଂଚି ଧାରଣାକାରୀଙ୍କୁ ବୁଝାସୁଝା କରିଥିଲେ ସୁଦ୍ଧା ସେମାନେ ଧାରଣା ଜାରି ରଖିଥିଲେ। ପରେ ଖବର ଜିଲ୍ଲା ଚିକିତ୍ସା ଅଧିକାରୀ ଅଭୟ କୁମାର ଦାସ ଉଦଳା ମେଡିକାଲରେ ପହଞ୍ଚି ଉତ୍ୟକ୍ତ ପରିବାର ଲୋକଙ୍କୁ ବୁଝାସୁଝା କରିବା ସହିତ ପୁରା ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରତିଶୃତି ଦେବା ପରେ ମୃତକଙ୍କ ପରିବାର ଲୋକେ ଧାରଣାରୁ ଓହରିଥିଲେ। ଏ ବାବଦରେ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ଲକ୍ଷ୍ମୀକାନ୍ତ ପତିଙ୍କୁ ପଚାରିବାରୁ ଆସିଥିବା ଅଭିଯୋଗ ସାଙ୍ଘାତିକ ତେଣୁ ଏହାର ତଦନ୍ତ ନିଶ୍ଚୟ ହେବ, ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

# କୁଚିଆ ମଦ କାରବାର ଉପରେ ଅବକାରୀ ବିଭାଗର ଦୃଷ୍ଟି ପଡ଼ିବ କେବେ ?

**ପାଟଣାଗଡ, ୧୯।୯ (ସଂଚାର ବ୍ୟୁରୋ) :** ଖପ୍ରାଖୋଲ ପରି ଅନୁନ୍ନତ ଦାଦନ ପ୍ରବଣ ଅଞ୍ଚଳରେ ପ୍ରାୟତଃ ମଦ ଜନିତ ମୃତ୍ୟୁ ହେଉ ବା ହିଂସା ସବୁ ଥିରେ ପ୍ରଚ୍ଛନ୍ନ ଭାବରେ ମଦର କୁପରିଣତି । ଗୋଟିଏ ପଟେ ମଦ ନିରାକରଣ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନ୍ୟ ପଟେ ଗାଁ ଗାଁ ରେ ଦେଶୀ ମଦ କୁଚିଆର ବନ୍ୟା । ସତେ ଯେପରି ଖପ୍ରାଖୋଲ ବ୍ଲକର ଗାଁ ମାନଙ୍କରେ ବିଦେଶୀ କୁଚିଆ ମଦ କାରବାର ଓ ମଦ ରାନ୍ଧିବା ଏକ ପ୍ରକାର କୁଟୀର ଶିଳ୍ପ ହୋଇଗଲାଣି କହିଲେ ଚଳେ କିନ୍ତୁ ଏମାନଙ୍କୁ ଲଗାମ ପାଇଁ ସରକାରଙ୍କ ଅବକାରୀ ବିଭାଗର ଭୂମିକା କଣ ? ଖାଲି ଦରମା ଉଦାରସ୍ତ କରି ମାଲେମାଲ ହେବା ନାଁ ଗ୍ରାଉଣ୍ଡ ଜିରୋକୁ ଯାଇ ମଦ କୁଚିଆଙ୍କ ଉପରେ ଚଢ଼ାଉ କରି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବ କିନ୍ତୁ ଏଇଠି ସବୁ ଓଲଟା ବେଧଡ଼କରେ ଚାଲିଛି କୁଚିଆ ମଦ । ଏପରିକି ବିଦେଶୀ ମଦ ମଧ୍ୟ ଗାଁ ଗାଁରେ ବିକ୍ରି ଚାଲିଛି। ହେଲେ ଅବକାରୀ ବିଭାଗ ଚୁପ ଚାପ ବସି ରହିଛି। କାର୍ଯ୍ୟାନୁଷ୍ଠାନ ଶୂନ୍ୟ... ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଏଇ ଅସାଧୁ ତତ୍ୱ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ବନ୍ଦ କରିବା ଉଚିତ ନ ହେଲେ ପରିଣତି ଭୟଙ୍କର ହେବ । ଯଦି ଅସାଧୁ ମଦ କୁଚିଆ ଓ ଅବକାରୀ ବିଭାଗର ମଧୁଚନ୍ଦ୍ରିକା ବନ୍ଦ ନ ହୁଏ ଆଗକୁ ବଡ଼ ଜନଆନ୍ଦୋଳନ ର ସୂତ୍ର ହେବା ର ସମ୍ଭାବନା ଅଛି ବୋଲି ସାଧାରଣ ରେ ଚର୍ଚ୍ଚା ଜୋର ଧରୁଛି ।

# ପୋଖରୀରେ ବୁଡ଼ି ଯୁବତୀଙ୍କ ମୃତ୍ୟୁ

**ବୈଶିଙ୍ଗା, ୧୯।୯ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ଦାରିହା ଗ୍ରାମରେ ଶୌଚ ହେବାକୁ ଯାଇଥିବା ବେଳେ ଜଣେ ୨୨ ବର୍ଷୀୟା ଯୁବତୀଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସୂଚନାନୁଯାୟୀ ଗୁରୁବାର ସକାଳ ସମୟରେ ଦାରିହା ଗ୍ରାମର ହରେକୃଷ୍ଣ ବେହେରାଙ୍କ ୨୨ ବର୍ଷିୟ ଝିଅ ଦେବୀ ଶୌଚ ହେବାକୁ ଘର ନିକଟ ପୋଖରୀକୁ ଯାଇଥିଲେ। ହେଲେ ଗୋଡ ଖସି ଯିବାରୁ ସେ ପୋଖରୀରେ ବୁଡ଼ି ଯାଇଥିଲେ। ଘର ଲୋକେ ତାଙ୍କୁ ପୋଖରୀରୁ ଉଦ୍ଧାର କରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବୈଶିଙ୍ଗା ପୋଲିସ ବେତନଟୀ ଡାକ୍ତରଖାନାରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଜିଲ୍ଲାସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଶୁଭାରମ୍ଭ

**ଖୋର୍ଦ୍ଧା, ୧୯।୯ (ସଂଚାର ବ୍ୟୁରୋ) :** ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମର ଶୁଭାରମ୍ଭ ଜିଲ୍ଲାପାଳ ଶ୍ରୀ ଚଞ୍ଚଳ ରାଣାଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ରୂପଶ୍ରୀ ରାଣୀ ଗୁମାନସିଂହ ଯୋଗ ଦେଇ ପିଲାମାନଙ୍କର ଶୈକ୍ଷିକ ଦିଗରେ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ସୁଚାରୁ ରୂପେ କିପରି କାର୍ଯ୍ୟକାରୀ କରାଯାଇ ପାରିବ ସେ ଦିଗରେ ଦୃଷ୍ଟି ଦେବା ପାଇଁ ବାର୍ତ୍ତା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ରୂପେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଉପସ୍ଥିତ ରହି ପ୍ରାଥମିକ ସ୍ତରରେ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଅଭିଭାଷଣ ରଖିଥିଲେ । ଜିଲ୍ଲାପାଳ ଶ୍ରୀ ରାଣା ନିପୁଣ ଓଡ଼ିଶା କାର୍ଯ୍ୟକ୍ରମକୁ ସରକାରଙ୍କର ଏକ ସୁଚିନ୍ତିତ ପଦକ୍ଷେପ କହିବା ସହିତ ବିଦ୍ୟାଳୟ ସ୍ତରରେ ଏହାକୁ ସୁଦୃଢ଼ କରିବା ପାଇଁ ପଞ୍ଚାୟତିରାଜ ଅନୁଷ୍ଠାନର ସଦସ୍ୟାଙ୍କୁ ନିୟମିତ ଭାବେ ବିଦ୍ୟାଳୟ ପ୍ରତ୍ୟକ୍ଷ ପରିଦର୍ଶନ କରି ଶ୍ରେଣୀ ଗୃହରେ ହସ ଖେଳ ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କ ସହ ବାର୍ତ୍ତାଳାପ କରିବାକୁ ପରାମର୍ଶ ଦେଇଥିଲେ। ପୁନଶ୍ଚ ସେ ନିଜର ବାର୍ତ୍ତାରେ କହିଥିଲେ କି ଅଭିଭାବକ ମାନେ ମୋବାଇଲ୍ ଠାରୁ ଦୂରରେ ରହି ପିଲାମାନଙ୍କର ଆଦ୍ୟ ଶୈଶବ ଶିକ୍ଷାକୁ ଗୁରୁତ୍ୱ ଦେଇ ଶିକ୍ଷଣ ର ସର୍ବନିମ୍ନ ସ୍ତର ହାସଲରେ ସହାୟକ ହେବେ। ସମାରୋହର ଆରମ୍ଭରେ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ବିଶ୍ୱନାଥ ତରାଇ ସ୍ୱାଗତ ଅଭିଭାଷଣ ଦେଇଥିଲେ ଓ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଜିଲ୍ଲାପାଳ ନିପୁଣ ଓଡ଼ିଶା ଲୋଗୋ ବାର୍ତ୍ତା ଓ ନିପୁଣ ସଂଗୀତକୁ ଉନ୍ମୋଚନ କରିଥିଲେ।ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ଓ ପ୍ରତିଷ୍ଠାନର ଅଧ୍ୟକ୍ଷ ଡଃ ତାପସ କୁମାର ନାୟକ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଉପସ୍ଥାପନ କରିବା ସହିତ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନର ତିନୋଟି ବିକଶାତ୍ମକ ଲକ୍ଷ୍ୟ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାର୍ଥୀ ହାସଲ କରିବା ଦିଗରେ ଶିକ୍ଷକ, ଶିକ୍ଷାର୍ଥୀ, ଅଭିଭାବକ ତଥା ସାମାଜିକ ବ୍ୟକ୍ତି ବିଶେଷଙ୍କ ମିଳିତ ପ୍ରୟାସରେ ସମ୍ଭବ ହୋଇପାରିବ ବୋଲି ମତ ଦେଇଥିଲେ ।ଜିଲ୍ଲାସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ପାଇଁ ଜିଲ୍ଲା ର ସମସ୍ତ ଅଧିକାରୀ ତଥା ଶିକ୍ଷା ବିଭାଗର ସମସ୍ତ କର୍ମକର୍ତ୍ତା ଏବଂ ପଞ୍ଚାୟତିରାଜ ସଭ୍ୟଙ୍କର ସାମୂହିକ ଉଦ୍ୟମର ଆବଶ୍ୟକତା ରହିଛି । ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ବେଉରିଆ ଯୋଗ ଦେଇଥିଲେ। ଏହି ସଭାରେ ଜିଲ୍ଲା ର ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ, ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ , ସି. ଆର. ସି.ସି , ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ ଏନ୍. ଜି.ଓ ର ସଭ୍ୟ ଉପସ୍ଥିତ ଥିଲେ । ପରିଶେଷରେ ସହ ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ଅମ୍ରିତା ପ୍ରିତିନନ୍ଦା ଧନ୍ୟବାଦ ଅର୍ପଣ କରିଥିଲେ।





# ଏସ୍‌ପିଙ୍କୁ ଭେଟିଲେ ସେନା ସଂଘ

**ବ୍ରହ୍ମପୁର, ୧୯।୯ (ସଂଚାର ବ୍ୟୁରୋ) :** ନିରୀହ ଲୋକଙ୍କ ଉପରେ ଦବଙ୍ଗଗିରି ଦେଖାଉଥିବା ପୋଲିସ ଏବେ ଆହୁରି ହରଡ଼ଘଣାରେ ପଡ଼ିଛି। ଭରତପୁର ଥାନାରେ ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀଙ୍କ ଉପରେ ଦୁର୍ବ୍ୟବହାର ଘଟଣା ଥମୁନାହିଁ ଅବସରପ୍ରାପ୍ତ ସେନା ସଂଘ ଗଞ୍ଜାମ ଶାଖା ଏସପିଙ୍କୁ ଭେଟିଛନ୍ତି । ଆଇଆଇସି ଦୀନକୃଷ୍ଣ ମିଶ୍ର ଓ ଅନ୍ୟମାନଙ୍କ ଉପରେ ଆହୁରି ଅଧିକା କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ନିଲମ୍ବନ ଆଦେଶ କିଛି ନୁହଁ । ଏ ଦିଗରେ ଅଧିକା ନଜର ଦେବାକୁ ଆଲୋଚନା ହୋଇଛି। ସେନା ଅଧିକାରୀଙ୍କ ଅଭିଯୋଗ ରଖିବା ବଦଳରେ ମାଡ଼ ମାରିବା ଘଟଣା ନିନ୍ଦନୀୟ ବୋଲି କୁହାଯାଇଛି। ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏସପିଙ୍କୁ ସ୍ମାରକ ପତ୍ର ଗଂଜାମ ଶାଖା ପ୍ରଦାନ କରିଛି । ସଂଘର ସଭାପତି ଟି ଆର ବେହେରାଙ୍କ ନେତୃତ୍ୱରେ କେ ଟି ଦୋରା ଏଲ୍ କେ ଆଚାରୀ, ପଞ୍ଚାନନ ସାମଲଙ୍କ ସମେତ ଅନ୍ୟମାନେ ସ୍ମାରକ ପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

**ପ୍ରଶାସନ ଦୃଷ୍ଟି ଦେବାକୁ ଦାବି**

# ଜରି ଗୋଟାଳିଙ୍କ ପାଇଁ ସୁଭଦ୍ରା ଯୋଜନା ସାତସପନ



**କଳାହାଣ୍ଡି, ୧୯।୯ (ସଂଚାର ବ୍ୟୁରୋ) :** ଆମେତ ଆଜ୍ଞା ଗରିବ ଲୋକ, ଖଟିଲେ ଆମେ ଖାଇବୁ। ଯଦି ଆମେ ଜରି, ପଲିଥିନ ନ ଗୋଟାଇବୁ, ଆମେ ଖାଇବୁ କ'ଣ ? ଚଳିବୁ କେମିତି ? ଆମ ପାଇଁ ଏ ଯୋଜନା ସାତ ସପନ। ଏହା କୌଣସି ଧନୀ ଲୋକର କାହାଣୀ ନୁହେଁ, ଏହା ଅଞ୍ଚଳରେ ଥିବା ଜରି ପଲିଥିନ, ପ୍ଲାଷ୍ଟିକ ବୋତଲ ଗୋଟାଉଥିବା ମହିଳାଙ୍କ କରୁଣ କାହାଣୀ। ରାଜ୍ୟରେ ପୂର୍ବତନ ନବୀନ ସରକାର ନିଜ ଭୋଟ ବ୍ୟାଙ୍କ ବଢାଇବା ଲାଗି ବିଭିନ୍ନ ମାଗଣା ଯୋଜନାରେ ରାଜ୍ୟର ଜନସାଧାରଣଙ୍କୁ ପ୍ରଭାବିତ କରିବା ଲାଗି ଉଦ୍ୟମ ଆରମ୍ଭ କରିଥିଲେ। ମାତ୍ର ତାହାର ଫଳ ଓଲଟା ହେଲା। ରାଜ୍ୟ ବର୍ତ୍ତମାନ ଭାଜପାର ଶାସନଧିନ। ତେବେ ରାଜ୍ୟ ସରକାର ରାଜ୍ୟବାସୀଙ୍କୁ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଟଙ୍କା ଭେଟି ଦେଇ ସାରିଛନ୍ତି। ଯାହାକୁ ନେଇ ବିଭିନ୍ନ ତର୍କ ବିତର୍କ ଆରମ୍ଭ ହୋଇ ଯାଇଛି। ବହୁ ଥିଲା ବାଲା ଏପରିକି ସରକାରୀ ଚାକିରିଆ ମଧ୍ୟ ଏଭଳି ମାଗଣା ଯୋଜନାରେ ଲାଭ ଉଠାଇବା ପାଇଁ ଚେଷ୍ଟା ଚଳାଇଛନ୍ତି। କିନ୍ତୁ ବାସ୍ତବରେ କହିବାକୁ ଗଲେ ଉକ୍ତ ଯୋଜନା କାହାପାଇଁ ତାହା ଏବେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରକୃତରେ ସରକାର କଣ କେବଳ ଭୋଟ ଦାତାଙ୍କର ନା ରାଜ୍ୟରେ ବାସ କରୁଥିବା ସମସ୍ତ ଜନସାଧାରଣଙ୍କର ତାହା ପ୍ରକୃତରେ ପ୍ରଶ୍ନର ବିଷୟ। କହିବାକୁ ଗଲେ ଯେଉଁଦିନ ରାଜ୍ୟ ସରକାର ସୁଭଦ୍ରା ଯୋଜନା ନିମନ୍ତେ ଘୋଷଣା କଲେ ପଂଚାୟତ କାର୍ଯ୍ୟାଳୟ ଠାରୁ ଜନସେବା କାର୍ଯ୍ୟ ପର୍ଯ୍ୟନ୍ତ ସବୁଠାରେ ଧାଡି ଲାଗିଲା। ପ୍ରଥମ କିସ୍ତି ପାଇବା ଲାଗି ଅଂଚଳବାସୀ ନିଜ ନିଜ କାମ ଧନ୍ଦା ଛାଡି କାର୍ଯାଳୟ ସମ୍ମୁଖରେ ଧାଡି ଲଗାଇଲେ। ବହୁ ଥିଲା ବାଲା ଏପରିକି ସରକାରୀ କର୍ମଚାରୀମାନେ ମଧ୍ୟ ଏହି ଯୋଜନାରେ ନିଜ ପତ୍ନୀକୁ ସାମିଲ କରି ମାଗଣା ସରକାରୀ ଅର୍ଥ ହାତେଇବା ଲାଗି ହାତଗୁଞ୍ଜା ମଧ୍ୟ ଦେଇଥିବା ଶୁଣିବାକୁ ମିଳେ। ଯଦି ରାଜ୍ୟ ସରକାର ପ୍ରକୃତ ହିତାଧିକାରୀଙ୍କୁ ଚୟନ କରି ଏହି ଅର୍ଥକୁ ପ୍ରଦାନ କରନ୍ତେ ତେବେ ଏହାର ସୁଫଳ ମିଳିପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

# ବୈଶିଙ୍ଗାରେ ଦମକଳ କେନ୍ଦ୍ର ପ୍ରତିଷ୍ଠା ହେଉ



**ବୈଶିଙ୍ଗା, ୧୯।୯ (ସଂଚାର ବ୍ୟୁରୋ) :** ଅଗ୍ନିଶମ ବିଭାଗ କେବଳ ଘରପୋଡି ପାଇଁ ସହାୟକ ହୋଇ ନଥାନ୍ତି ବରଂ ଦୁର୍ଘଟଣା, ବାତ୍ୟା, ବନ୍ୟା, ଅନ୍ୟାନ୍ୟ ଦୁର୍ବିପାକ ପାଇଁ ସହଯୋଗୀ ହୋଇଥାନ୍ତି। ବହୁ ବର୍ଷ ଧରି ବୈଶିଙ୍ଗା ଠାରେ ଏକ ଦମକଳ କେନ୍ଦ୍ର ସ୍ଥାପନ ପାଇଁ ଅଞ୍ଚଳବାସୀ ପ୍ରଶାସନ ତଥା ରାଜ୍ୟ ସରକାରଙ୍କ ଠାରେ ଦାବି କରିଆସୁଥିଲେ ମଧ୍ୟ କାହାରି ନିଦ ଭାଙ୍ଗୁନାହିଁ। ଆଜି ସିନା ସବୁଆଡ଼େ ପକ୍କା ଛାତ ଘର ହୋଇଯାଇଛି ମାତ୍ର ଯେତେବେଳେ ନଡ଼ା ଛପର,ଟାଇଲ, ଦିସ୍ତା ଘରେ ଯେତେବେଳେ ଘର ତିଆରି କରି ବସବାସ କରୁଥିଲେ ସେତେବେଳେ ଘର ପୋଡିର ଭୟା ବହତା ଥିଲା ତାହା ନ ଦେଖିଲେ ଲୋକେ ବିଶ୍ୱାସ କରିପାରିବେ ନାହିଁ। ଏଭଳି ଲୋମହର୍ଷଣକାରୀ ଘଟଣା ଗଡଦେଉଳିଆ, ହୋତାପୁର, ଜାମନଣ୍ଡା, ବୈଶିଙ୍ଗା , ପାଟଳୀପୁରା ଗ୍ରାମରେ ପୂର୍ବରୁ ଘଟିଥିଲା ଯେଉଁଥିରେ କି ଗ୍ରାମର ଶହ ଶହ ଘର ଧ୍ୱଂସ ସ୍ତୁପରେ ପରିଣତ ହୋଇ ଯାଇଥିଲା। ସେତେବେଳେ ବାରିପଦା , ବାଲେଶ୍ୱର, ଜଳେଶ୍ୱର, ସୋର ଆଦି ସ୍ଥାନରୁ ଦମକଳ ଗାଡି ବୈଶିଙ୍ଗା ପହଞ୍ଚିବାକୁ ଦୁଇରୁ ତିନି ଘଣ୍ଟା ଲାଗୁଥିଲା, ଯାହା ପାଇଁ ଧନଜୀବନକୁ ରକ୍ଷା କରା ଯାଇ ପାରୁ ନଥିଲା। ସ୍ୱାଧୀନତା ପରଠାରୁ କେତେ ବିଧାୟକ, ମନ୍ତ୍ରୀ ବୈଶିଙ୍ଗା ନିର୍ବାଚନ ମଣ୍ଡଳୀରୁ ପ୍ରତିନିଧିତ୍ୱ କରିଥିଲେ ମଧ୍ୟ ଦମକଳ କେନ୍ଦ୍ର ସ୍ଥାପନ ପାଇଁ କାହାରି ଆଗ୍ରହ ନ ଥିବାର ପରିଲକ୍ଷିତ ହୋଇଥିଲା। ବୈଶିଙ୍ଗା ଠାରେ ବ୍ଲକ କାର୍ଯ୍ୟାଳୟ କାର୍ଯ୍ୟକାରୀ କରୁଛି । କେଉଁ କାରଣରୁ ବୈଶିଙ୍ଗା ଏବଂ ଏହାର ଆଖପାଖ ଅଞ୍ଚଳରେ ସଂଖ୍ୟାଧିକ ପଞ୍ଚାୟତ ଥିଲେ ମଧ୍ୟ ନିର୍ବାଚନ ମଣ୍ଡଳୀର ଉପାନ୍ତ ଅଞ୍ଚଳ ବେତନଟୀ ଠାରେ ବ୍ଲକ କାର୍ଯ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନ କରାଯିବା ସହିତ ଦମକଳ କେନ୍ଦ୍ର ସ୍ଥାପନ କରାଗଲା। ମାତ୍ର ଏହି ନିର୍ବାଚନ ମଣ୍ଡଳୀର ସୀମା ପୁରୁଣିଆ - ଅଁଳା ଠାରୁ ବେତନଟୀକୁ ୨୮/୩୦ କି.ମି. ପୁରୁଣିଆ ଗ୍ରାମ ପଞ୍ଚାୟତ ଠାରୁ ମଧ୍ୟ ୨୮ କିମି. ଦୂର କାରଣରୁ ଦମକଳ କେନ୍ଦ୍ର ପହଞ୍ଚିବାରେ ବିଳମ୍ବ ହୁଏ । ବିପଦ ସମୟରେ ଦମକଳ ବାହିନୀଙ୍କ ସହଯୋଗ ନିତାନ୍ତ ଜରୁରୀ। ଏଥିପାଇଁ ପୂର୍ବରୁ ଥିବା ଏହି ଦାବିକୁ ବର୍ତ୍ତମାନ ବୁଦ୍ଧିଜୀବି ମହଲରେ ପୁନର୍ବାର ଦାବି ଜଣାଇଛନ୍ତି । ଆଗାମୀ ଦିନରେ ଏହି ଦାବିକୁ ବିଚାରକୁ ନିଆ ଯାଇ ନୂଆ ସରକାର ଏ ଦିଗରେ ଗୁରୁତ୍ୱ ଦେବେ ବୋଲି ଅଞ୍ଚଳବାସୀ ଦୃଢ ଭାବେ ଆଶା ବ୍ୟକ୍ତ କରିଛନ୍ତି ।

**କଳାହାଣ୍ଡିରେ ଶିକ୍ଷା ଅଧିକାର ଆଇନ ବାଟବଣା**

# ଦୁର୍ବଳ ସ୍ଥିତିରେ ଗୁଣାତ୍ମକ ଶିକ୍ଷା



**କଳାହାଣ୍ଡି, ୧୯।୯ (ସଂଚାର ବ୍ୟୁରୋ) :** ରାଜ୍ୟରେ ଶିକ୍ଷା ଅଧିକାର ଆଇନ ବିଧିବଦ୍ଧ ଭାବେ କାର୍ଯ୍ୟକାରୀ ହେବା ପରେ ୬ରୁ ୧୪ବର୍ଷ ସହ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରେତେକ ଶିଶୁଙ୍କୁ ମୁକ୍ତ ଓ ବାଧ୍ୟତା ମୂଳକ ଶିକ୍ଷା ଦେବାର ବ୍ୟବସ୍ଥା କରାଯାଇଛି। ଏପରିକି ଅଧାରୁ ପାଠ ଛାଡିଥିଲା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ ଏବଂ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଲକ୍ଷରେ ମଧ୍ୟ ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରି ହୋଇଥିଲା । ଏ ସବୁ ସତ୍ତ୍ୱେ କଳାହାଣ୍ଡି ଜିଲ୍ଲାରେ ଏ ପର୍ଯ୍ୟନ୍ତ ଶିକ୍ଷା ଅଧିକାର ଆଇନ ସଠିକ ଭାବେ କାର୍ଯ୍ୟକାରି ହୋଇପାରି ନ ଥିବା ଅଭିଯୋଗ ହୋଇଛି । ଗତ କିଛି କିଛି ବର୍ଷ ମଧ୍ୟରେ ସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା କମୁଥିବା ଯୋଗୁଁ ସରକାରୀ ବିଦ୍ୟାଳୟ ବନ୍ଦ କରାଯାଇଛି। ଫଳରେ ଏବେ ପାଠ ପ୍ରତି ଆଗ୍ରହ ରଖିଥିବା ଛାତ୍ରଛାତ୍ରୀ ବାଧ୍ୟ ହୋଇ ଘରୋଇ ବିଦ୍ୟାଳୟ ମୁହାଁ ହେଉଛନ୍ତି। ରାଜ୍ୟ ସରକାରଙ୍କ ୟୁ ଡାଇସ (ଜିଲ୍ଲା ଏକକ ଶିକ୍ଷା ସୂଚନା ବ୍ୟବସ୍ଥା )ଅନୁଯାଇ ଜାତୀୟ ସ୍ତରରେ ପ୍ରାୟ ୧୩ ପ୍ରତିଶତ ବିଦ୍ୟାଳୟ ଶିକ୍ଷା ଅଧିକାର ଆଇନ ରେ କାର୍ଯ୍ୟକାରି ହୋଇ ପାରିଛି। ଜିଲ୍ଲାରେ ଅଦ୍ୟାବଧି ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ସଫଳତାର ହାର ୫୦ ପ୍ରତିଶତ ଟପି ନ ଥିବା ବିକାଶ କନକ୍ଲେଭ ଓ ବିଭିନ୍ନ ସୂତ୍ରରୁ ତଥ୍ୟ ସଂଗ୍ରହ କରାଯାଇଛି। ତଫସିଲଭୁକ୍ତ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କ ସଫଳତା ହାର ୫୦ ପ୍ରତିଶତରୁ ବି କମ ରହିଛି। ଜିଲ୍ଲାରେ ଘରୋଇ ବିଦ୍ୟାଳୟ ଗୁଡିକରେ ନାମଲେଖା ହାର ଜାତୀୟ ହାର ଠାରୁ କମ ଥିଲେ ହେଁ କିଛିକାଂଶରେ ଏହା ବଢୁଥିବା ଲକ୍ଷ୍ୟ କରାଯାଇଛି। ଗ୍ରାମାଅଂଚଳରେ ଘରୋଇ ସ୍କୁଲରେ ନାମଲେଖା ହାର ୮.୯ ପ୍ରତିଶତ ଥିବା ବେଳେ ଧର୍ମଗଡ ଅଂଚଳରେ ଏହା ୧୭.୨ ପ୍ରତିଶତ। ଏକ ଅନୁଧ୍ୟାନ ରିପୋର୍ଟରୁ ଜଣାପଡିଛି ଯେ ୧୦ଟି ସଫଳତା ସୁଚକାଙ୍କ ଭିତରରୁ ଆମ ଜିଲ୍ଲା ୬ଟି ପୂରଣ କରୁଛି। ପ୍ରାୟ ୬୦ପ୍ରତିଶତରୁ ଅଧିକ ବିଦ୍ୟାଳୟରେ ଖେଳପଡିଆ, ବିଦ୍ୟୁତ, କମ୍ପୁଟର ଆଦି ନାହିଁ। ଅନ୍ୟ ପକ୍ଷରେ ଜିଲ୍ଲା ସରକାରଙ୍କ ସ୍କୁଲ ମନିଟରିଂ ଆପ ରିପୋର୍ଟ ତଥ୍ୟ ଅନୁସାରେ ଜିଲ୍ଲାର ପ୍ରାୟ ୩୦ଭାଗ ସ୍କୁଲରେ ପୃଥକ ପାଇଖାନା ନ ଥିବା ବେଳେ ୭୦ଭାଗ ସ୍କୁଲରେ ବିଦ୍ୟୁତ ଏବଂ ୮୦ ଭାଗ ସ୍କୁଲରେ ଖେଳ ପଡିଆ ନାହିଁ। ଜାତୀୟସ୍ତର ସହ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ସଫଳତା ରିପୋର୍ଟ ତୁଳନାତ୍ମକ ବିବରଣୀରୁ ଜଣାପଡିଛି ଯେ ଜିଲ୍ଲା ରେ ୨୫ ପ୍ରତିଶତ ସ୍କୁଲରେ ଛାତ୍ର ଛାତ୍ରୀ ଅନୁପାତରେ ଶ୍ରେଣୀ କକ୍ଷ କମ ଥିବା ବେଳେ ଧର୍ମଗଡ ଅଂଚଳରେ ଏହାର ହାର ୨୫ ପ୍ରତିଶତ। ସେହିପରି କମ୍ପୁଟର କରଣ କ୍ଷେତ୍ରରେ ଏହି ହାର ୧୫.୬ପ୍ରତିଶତ। ଓଡିଶାରେ ପ୍ରାୟ ୩୩ ଭାଗ ସ୍କୁଲରେ ବିଦ୍ୟୁତ ସଂଯୋଗ ଥିବା ବେଳେ କଳାହାଣ୍ଡି ଜିଲ୍ଲାରେ ୦୫ ଭାଗ ସ୍କୁଲରେ ବିଜୁଳି ଅଛି । ତେବେ ସେହିପରି ଭିନକ୍ଷମଙ୍କ ପାଇଁ ରାମ୍ପ ତିଆରି ହାର ଜିଲ୍ଲାରେ ଜାତୀୟ ହାର ଠାରୁ ଅଧିକ ରହିଛି। ଓଡିଶାରେ ୪୧.୨ ଭାଗ ସ୍କୁଲରେ ରାମ୍ପ ଥିବା ବେଳେ ଜିଲ୍ଲାରେ ଏହି ହାର ୩୦ ପ୍ରତିଶତ। କଳାହାଣ୍ଡି ଜିଲ୍ଲାରେ ଗୁଣାତ୍ମକ ଶିକ୍ଷାର ଚିତ୍ର ଆଜିବି ବଦଳି ନାହିଁ । ଏଠାରେ ଅଷ୍ଟମ ଶ୍ରେଣୀର ୭୦ ପ୍ରତିଶତରୁ ଅଧିକ ଛାତ୍ର ଛାତ୍ରୀ ଦ୍ୱିତୀୟ ଶ୍ରେଣୀ ପାଠ କହି ପାରୁନାହାନ୍ତି। ଜିଲ୍ଲାରେ ଆଦିବାସୀ, ତଫସିଲଭୁକ୍ତ ଜନଜାତି ବର୍ଗର ପିଲାମାନେ ବଞ୍ଚିତ ହେଉ ଥିବା ବେଳେ ଓଡିଶା ସରକାର ଗତ କିଛି ବର୍ଷ ଭିତରେ ୮୨୮ଟି ବିଦ୍ୟାଳୟ ବନ୍ଦ କରି ଦେଇଛନ୍ତି।ତଫସିଲଭୁକ୍ତ ଜନ ଜାତି ବର୍ଗର ପିଲାଙ୍କ ପ୍ରଦର୍ଶନ ହାର ମାତୃ ଭାଷା ଠାରୁ ଆରମ୍ଭ କରି ଗଣିତ ଓ ଅନ୍ୟାନ୍ୟ ବିଷୟରେ ସାଧାରଣ ବର୍ଗର ଛାତ୍ରଛାତ୍ରୀଙ୍କ ଠାରୁ ପଛରେ ରହିଛି। ତେବେ ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ଗୁଣାତ୍ମକ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଆବଶକୀୟ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଜିଲ୍ଲାସ୍ତରୀୟ ଆଇନ ସଚେତନତା ଶିବିର

**ସୁବର୍ଣ୍ଣପୁର, ୧୯।୯ (ସଂଚାର ବ୍ୟୁରୋ) :** ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସୁବର୍ଣ୍ଣପୁରର ଅଧ୍ୟକ୍ଷ ତଥା ଜିଲ୍ଲା ଜଜ ରଶ୍ମି ମୋହନ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସୁବର୍ଣ୍ଣପୁର ତରଫରୁ ସ୍ଥାନୀୟ ବିନିକା ବ୍ଲକ ଅନ୍ତର୍ଗତ ସଂକରା ପଂଚାୟତ ସଭାଗୃହ ଠାରେ ଜାତୀୟ ଆଇନ ସେବା ପ୍ରାଧିକରଣର ଯୋଜନା 'ପୀଡିତା କ୍ଷତିପୁରଣ ଆଇନ ତଥା ଏସିଡ ପୀଡିତା କ୍ଷତିପୁରଣ ଆଇନ' ବିଷୟ ଉପରେ ଏକ ଜିଲ୍ଲା ସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ କୁମୁଦିନୀ ମୁଦୁଲି ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପୀଡିତା କ୍ଷତିପୁରଣ ଆଇନ ଏବଂ ଏସିଡ ପୀଡିତା କ୍ଷତିପୁରଣ ଆଇନ ଉପରେ ସମସ୍ତଙ୍କୁ ଅବଗତ କରିଥିଲେ । ଏହି ଶିବିର ରେ ଅନ୍ୟମାନଙ୍କ ମଧ୍ୟରେ ସଦର ଡିଏସ୍‌ପି ପ୍ରତାପ କୁମାର ରଣା, ସଂକରା ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବବିତା ଭୋଇ, ସଂକରା ସରପଞ୍ଚ ଅଶୋକ କୁମାର ପୃଷ୍ଟି, ନାଏବ ସରପଞ୍ଚ ସୁନୀଲ ପ୍ରସାଦ ସେଠି, ପାରା ଲିଗାଲ ସ୍ୱେଚ୍ଛାସେବୀ ହାଡିବନ୍ଧୁ ଖମାରି ପ୍ରମୁଖ ଯୋଗ ଦେଇଥିଲେ ।

# ସୁନ୍ଦରଗଡ଼ରେ ହେବ ତିନି ଦିନିଆ ବିକାଶ ମେଳା

**ସୁନ୍ଦରଗଡ଼,୧୯।୯ (ସଂଚାର ବ୍ୟୁରୋ) :** ଆସନ୍ତା ୨୨ ତାରିଖରୁ ତିନି ଦିନ ଧରି ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ ନିକଟସ୍ଥ ଯତରା ପଡ଼ିଆଠାରେ ଆୟୋଜିତ ହେବ ଜିଲ୍ଲା ସ୍ତରୀୟ ସୂଚନା-ଶିକ୍ଷା-ସଂଚାର କାର୍ଯ୍ୟକ୍ରମ 'ବିକାଶ ମେଳା' ।

ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଶିକ୍ଷା ସୂଚନା ସଂଚାର ମାଧ୍ୟମରେ ବ୍ୟାପକ ଜନ ସଚେତନତା ସୃଷ୍ଟି ଏବଂ ରାଜ୍ୟ ସରକାରଙ୍କୁ ଲୋକଙ୍କ ନିକଟତର କରିବା ଉଦ୍ଦେଶ୍ୟରେ ଏହି ତିନି ଦିନିଆ 'ବିକାଶ ମେଳା' ଆୟୋଜିତ ହେବାକୁ ଯାଉଛି। ଏହା ଚଳିତ ସେପ୍ଟେମ୍ବର ମାସ ୨୨ ତାରିଖରୁ ଆରମ୍ଭ ହୋଇ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥି ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଅଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ମନୋଜ ସତ୍ୟଓ୍ୱାନ ମହାଜନ ଯତରା ପଡ଼ିଆ ପରିଦର୍ଶନ କରି ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ସହିତ କାର୍ଯ୍ୟକ୍ରମ ପ୍ରସ୍ତୁତିର ସମୀକ୍ଷା କରିଥିଲେ ଏବଂ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିଭଳି ଅପରାହ୍ନରେ ସଦଭାବନା ଭବନଠାରେ କାର୍ଯ୍ୟକ୍ରମ ପ୍ରସ୍ତୁତି ନିମନ୍ତେ ଅନ୍ୟ ଏକ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀ, ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦୁଃଖବନ୍ଧୁ ନାୟକ, ସଦର ଉପ ଜିଲ୍ଲାପାଳ ଦାଶରଥି ସରାବୁ ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ରୂପରେଖ ଉପରେ ସବିଶେଷ ଆଲୋଚନା କରିଥିଲେ।



ତିନି ଦିନ ଧରି ଚାଲିବାକୁ ଥିବା ଏହି ବିକାଶ ମେଳାରେ ବିଭାଗୀୟ ଷ୍ଟଲ ଗୁଡ଼ିକ ରହିବ ଯଥା - ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓରମାସ, ମିଶନ ଶକ୍ତି, ହସ୍ତତନ୍ତ ଓ ହସ୍ତଶିଳ୍ପ, ଏମ. ଏସ. ଏମ. ଇ, ପି .ଏମ. ଜନମାନ, ଭିନ୍ନକ୍ଷମ ସଶକ୍ତିକରଣ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଶିକ୍ଷା, ମହିଳା ଓ ଶିଶୁ ବିକାଶ, ଆଇଟିଡିଏ, ଯୋଜନା ଓ ସଂଯୋଜନ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଡିଏମଏଫ୍ ଓ ଓମ୍ବାଡସି, ପୋଲିସ ଏବଂ ଅଗ୍ନିଶମ ଆଦି ବିଭାଗର ସୂଚନା ଶିକ୍ଷା ସଂଚାର ଷ୍ଟଲ ଗୁଡ଼ିକ ରହିବ। ସେହିଭଳି ଲୋକକଳା ଏବଂ ବିଷୟ ଭିତ୍ତିକ ସାଂସ୍କୃତିକ ବିଚିତ୍ରା ମଧ୍ୟ ପରିବେଷଣ କରାଯିବ।

**ନାବାଳିକା ହତ୍ୟାର ପ୍ରତିବାଦ**

# ରାସ୍ତାରୋକ, ଦୋକାନ ବଜାର ବନ୍ଦ

**ନବରଙ୍ଗପୁର/ତେନ୍ତୁଳିଖୁଣ୍ଟି, ୧୯।୯(ସଂଚାର ବ୍ୟୁରୋ):** ତେନ୍ତୁଳିଖୁଣ୍ଟି ଥାନା କଣ୍ଟାଗାଁର ଜଣେ ନାବାଳିକାକୁ ବଳାତ୍କାର ପରେ ହତ୍ୟା ଭଳି ସମ୍ବେଦନଶୀଳ ଘଟଣାକୁ ନେଇ ଉତ୍ତେଜନା ଲାଗିରହିଛି। ଅଭିଯୁକ୍ତକୁ ଗିରଫ ଦାବିରେ ଗ୍ରାମବାସୀ ରାସ୍ତାରେ ଟାୟାର ଜାଳି ପ୍ରତିବାଦ କରିଛନ୍ତି। କଣ୍ଟାଗାଁର ତିନିଛକିଆ ରାସ୍ତାକୁ ଅବରୋଧ କରି ଧାରଣା ଦେଇଛନ୍ତି। ବନ୍ଧଗୁଡ଼ା, ଝରିଗୁମ୍ମା ଓ ପାତ୍ରପୁଟ ଗାଁକୁ ଗାଡ଼ି ଚଳାଚଳ ବନ୍ଦ ରହିଛି। ଘଟଣାକୁ ବିରୋଧ କରି ଆଖପାଖ ୪ଟି ପଞ୍ଚାୟତରେ ସମସ୍ତ ଦୋକାନ ବଜାର ବନ୍ଦ ରହିଛି। ପ୍ରକାଶ ଚନ୍ଦ୍ର ମିଶ୍ର ପହଞ୍ଚି ୧୫ଦିନ ମଧ୍ୟରେ ଅଭିଯୁକ୍ତକୁ ଗିରଫ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ବ୍ୟବଚ୍ଛେଦ ପାଇଁ ଶବ ଛଡାଯାଇଛି।

ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୨୦ ହଜାର ଏବଂ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ପ୍ରଦାନ କରାଯାଇଛି। ଘଟଣାସ୍ଥଳରେ ଡିଆଜି ଚରଣସିଂ ମୀନା ପହଞ୍ଚି ପ୍ରତିଶ୍ରୁତି ଦେଇ କହିଛନ୍ତି ଯେ, ମାମଲାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନିଆଯାଇଛି। ୩ଟି ଟିମ୍ ଗଠନ କରାଯାଇ ଏହାର ତଦନ୍ତ କରାଯିବ। ଅନ୍ୟପକ୍ଷରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦୋଷୀକୁ ଗିରଫ କରାନଗଲେ ଆନ୍ଦୋଳନ କରାଯିବ ବୋଲି ଧମକ ଦେଇଛନ୍ତି ବିଜେଡି ନେତା ତଥା ପୂର୍ବତନ ସାଂସଦ ପ୍ରଦୀପ ମାଝୀ । ଏହି ଘଟଣାରେ ୩ଜଣଙ୍କୁ ପଚରାଉଚରା ପାଇଁ ପୁଲିସ ଥାନାକୁ ନେଇ ଅଟକ ରଖିଛି। ତେନ୍ତୁଳିଖୁଣ୍ଟି ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା କହିଛନ୍ତି। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟହେବ ବୋଲି ସେ କହିଛନ୍ତି ।



ସାଇଣ୍ଟିଫିକ୍ ଟିମ ଓ ଅନୁସନ୍ଧାନୀ କୁକୁର ସହ ଏଏସପି, ଏସଡିପିଓ, ଥାନାଧିକାରୀ ପ୍ରମୁଖ ତଦନ୍ତ ଚଳାଇଛନ୍ତି। ପାରିପାର୍ଶ୍ୱିକ ସ୍ଥିତି ଅନୁଯାୟୀ ନାବାଳିକାକୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଉପସ୍ଥିତ ସବୁ ଦଳର ନେତାମାନେ ଅଭିଯୋଗ କରିଛନ୍ତି। ମାତୃଆଶ୍ରୟ ଆଶ୍ରମ ଅଧ୍ୟକ୍ଷା କାଦମ୍ବିନୀ ତ୍ରିପାଠୀ ମହିଳାମାନଙ୍କ ବଞ୍ଚିବାର ଅଧିକାର ଓ ସୁରକ୍ଷାକୁ ନେଇ ଚିନ୍ତାପ୍ରକଟ କରିଛନ୍ତି । ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, କଂଗ୍ରେସ ନେତା ଭୁଜବଳ ମାଝୀ ଘଟଣାସ୍ଥଳରେ ପହଞ୍ଚି ସରକାରଙ୍କ ବିଫଳତାକୁ ନିନ୍ଦା କରିବା ସହିତ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ମଙ୍ଗଳବାର ବିଳମ୍ବିତ ରାତିରେ ବିଧାୟକ ଗୌରୀଶଙ୍କର ମାଝୀ ମୃତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଜିଲ୍ଲା ବିଜେପି ସଭାପତି ଜଗଦୀଶ ବିଷୋୟୀଙ୍କ ସମେତ ସର୍ବଦଳୀୟ ନେତା ଏହି ଘଟଣାକୁ ନିନ୍ଦା କରିଛନ୍ତି।

ସୂଚନାଯୋଗ୍ୟଯେ, କଣ୍ଟାଗାଁର ନାବାଳିକା ଜଣଙ୍କ ମଙ୍ଗଳବାର ଅପରାହ୍ନରେ ଘରୁ ବାହାରକୁ ଯାଇ ଆଉ ଫେରିନଥିଲେ । ସନ୍ଧ୍ୟା ସୁଦ୍ଧା ଘରକୁ ନଫେରିବାରୁ ପରିବାର ଲୋକେ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ । ରାତି ପ୍ରାୟ ୮ଟାରେ ହାଇସ୍କୁଲ ପଛପଟ ଏକ ମୋବାଇଲା ଟାଓ୍ୱାର ନିକଟ ବୁଦାମୂଳରେ ତାଙ୍କର କ୍ଷତାକ୍ତ ଶବ ପଡିଥିବା ଦେଖିବାକୁ ପାଇଥିଲେ। ପାରିପାର୍ଶ୍ୱିକ ଅବସ୍ଥାରୁ ନାବାଳିକାକୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଗ୍ରାମବାସୀ ସନ୍ଦେହ କରି ଥାନାକୁ ଜଣାଇଥିଲେ ।

# ୨୪ ସୁଦ୍ଧା ରତ୍ନଭଣ୍ଡାର ସର୍ଭେ ସାରିବାକୁ ଚିଠି



ପୁରୀ,୧୯।୯(ସଂଚାର ବ୍ୟୁରୋ): ସେପ୍ଟେମ୍ବର ୨୪ ସୁଦ୍ଧା ରତ୍ନଭଣ୍ଡାର ସର୍ଭେ ସାରିବାକୁ ଚିଠି। ଶ୍ରୀମନ୍ଦିର ରତ୍ନଭଣ୍ଡାରର ସମସ୍ତ ବୈଷୟିକ ସର୍ଭେ ସାରିବାକୁ ଏଏସ୍ଆଇ ମହାନିର୍ଦ୍ଦେଶକଙ୍କୁ ଚିଠି ଲେଖିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ଆସନ୍ତା ୨୪ ପରଠୁ ଦଶହରା ଷୋଳ ପୂଜା ଓ କାର୍ତ୍ତିକ ମାସ ଆରମ୍ଭ ହେବ। ଶ୍ରୀଜିଉଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଚାଲିବ। ତେଣୁ ତାପୂର୍ବରୁ ବାକି ଥିବା ବୈଷୟିକ ସର୍ଭେ ସାରି ରିପୋର୍ଟ ଦାଖଲ କରିବାକୁ ଚିଠି ଲେଖିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ସୂଚନା ଅନୁସାରେ ଗତକାଲି ଏଏସଆଇ ପକ୍ଷରୁ ରତ୍ନଭଣ୍ଡାର ବୈଷୟିକ ସର୍ଭେ କରାଯାଇଥିଲା। ଏଏସଆଇ ଏଡିଜି ଜାନ୍‌ଭିଜ୍ ଶର୍ମାଙ୍କ ନେତୃତ୍ୱରେ ୧୭ ଜଣିଆ ଟିମ୍ ତନ୍ନ ତନ୍ନ କରି ଯାଞ୍ଚ କରିବା ସହ ଲେଜର ସ୍କାନିଂ କରିଥିଲେ।

### ଖୋଲୁଛି କମିସନରେଟ ପୋଲିସର ଅସଲ ମୁଖା

# ଆଇଆଇସି ଦେଇଥିଲେ ଯୌନ ନିର୍ଯାତନା

## ମେଜର ଓ ବାନ୍ଧବୀଙ୍କୁ ଥାନାରେ ମାଡ଼ ମାମଲା

## ରିପୋର୍ଟ ମାଗିଲେ ଏନ୍‌ସିଡବ୍ଲ୍ୟୁ

ଭୁବନେଶ୍ୱର, ୧୯।୯ (ସଂଚାର ବ୍ୟୁରୋ): ଭରତପୁର ଥାନାରେ ଶିଖ୍ ରେଜିମେଣ୍ଟର ମେଜର ଗୁରୁଭାନ୍ସ ସିଂହ ଓ ବାନ୍ଧବୀଙ୍କୁ ପୋଲିସର ମାଡ଼ ମାମଲାରେ ଗଣମାଧ୍ୟମ ଆଗରେ ମୁହଁ ଖୋଲିଛନ୍ତି ବାନ୍ଧବୀ ଅଙ୍କିତ ପ୍ରଧାନ। ଆଉ ଏହା ସହିତ କମିସନରେଟ ପୋଲିସର ଅସଲ ମୁଖା ଧୀରେ ଧୀରେ ଖୋଲିବାରେ ଲାଗିଛି। ଘଟଣା ଦିନର କଳା କାହାଣୀକୁ ଗଣମାଧ୍ୟମର କ୍ୟାମେରା ଆଗରେ ଲୁହ ଢାଳି କହିଛନ୍ତି ଅଙ୍କିତା। ଏପରିକି ତାଙ୍କୁ କିଭଳି ତାଙ୍କୁ ଆଇଆଇସି ଯୌନ ନିର୍ଯାତନା ଦେଇଥିଲେ, ସେ କଥା ମଧ୍ୟ କହିଛନ୍ତି। ଅଙ୍କିତାଙ୍କ କହିଛନ୍ତି, ୧୫ ତାରିଖ ରାତି ୧ଟାରେ ରେଷ୍ଟୁରାଣ୍ଟ ବନ୍ଦ କରି ଗୁରୁବଂଶଙ୍କ ସହ ଫେରୁଥିଲେ। ରାସ୍ତାରେ କିଛି ଦୁର୍ବୃତ୍ତ ଅଟକାଇ ହଇରାଣ କରିଥିଲେ। ସେଠାରୁ ମୁକୁଳିବା ପରେ ସେମାନଙ୍କ ନାଁରେ ଏତଲା ଦେବାକୁ ଭରତପୁର ଥାନାରେ ପହଞ୍ଚିଥିଲୁ। ସେତେବେଳେ ଥାନାରେ ନାଇଟି ପିନ୍ଧିଥିବା ଅବସ୍ଥାରେ ଜଣେ ମହିଳା କନ୍‌ଷ୍ଟେବଲ ବସିଥିଲେ। ଏତଲା ରଖିବା ବଦଳରେ ଅଧିକାରୀ ଜଣକ ସେଠାରେ



ଆମକୁ ଗାଳିଗୁଲଜ କରିଥିଲେ। କିଛି ସମୟ ପରେ ଜଣେ ପୁରୁଷ ଅଫିସର ଆସି ଗୁରୁବଂଶଙ୍କୁ ହାଜତରେ ପୂରାଇଦେଲେ। ମୁଁ ପ୍ରତିବାଦ କରିବାରୁ ୨ ଜଣ ମହିଳା ପୋଲିସ ମୋତେ ଘୋଷାଡ଼ି ପିଟିଲେ। ଏତିକିବେଳେ ଜଣେ ମହିଳା କନଷ୍ଟେବଲ ମୋର ଗଳା ଚିପିବାରୁ ବଞ୍ଚିବାକୁ ତାଙ୍କ ହାତ କାମୁଡ଼ି ଦେଇଥିଲି। ଏହାପରେ ସେମାନେ ମୋ ହାତ ଗୋଡ଼ ବାନ୍ଧି ଗୋଟିଏ ରୁମ୍‌ରେ ପୂରାଇଦେଲେ। ୨ ଜଣ ପୁରୁଷ ପୋଲିସ ତଳେ ପକାଇ ବିଧା ଗୋଇଠା ମାରିଥିଲେ, ଭୋର୍ ସମୟରେ ଆଇଆଇସି ପହଞ୍ଚି, ଶାରୀରିକ ଅତ୍ୟାଚାର ଉଦ୍ୟମ କରିଥିଲେ ବୋଲି ଅଙ୍କିତା କହିଛନ୍ତି। ଅନ୍ୟପକ୍ଷରେ ମାମଲାରେ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ୱାଇବି ଖୁରାନିଆଙ୍କୁ ଚିଠି ଲେଖି ରିପୋର୍ଟ ମାଗିଛନ୍ତି ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ)। ମେଜର ସିଂହ ଓ ତାଙ୍କ ବାନ୍ଧବୀଙ୍କୁ ପୋଲିସ୍ ହେପାଜତରେ ନିର୍ଯାତନା ଦିଆଯାଇଥିବା ଅଭିଯୋଗକୁ ନେଇ ଆୟୋଗ ୩ ଦିନ ମଧ୍ୟରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ରିପୋର୍ଟ ଦେବାକୁ କହିଛନ୍ତି। ଏହାସହିତ ଦାୟିତ୍ୱରେ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛନ୍ତି। ଏହାପୂର୍ବରୁ ବୁଧବାର ଡିଜିପି ଭରତପୁର ଥାନା ଆଇଆଇସିଙ୍କ ସମେତ ୫ ପୋଲିସଙ୍କୁ ନିଲମ୍ବନ କରିଥିଲେ ଏବଂ ଏହି ଦମ୍ପତିଙ୍କୁ ଆକ୍ରମଣ କରିଥିବା ରୋଡ ରୋମିଓଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ଏହି ମାମଲାରେ ଆଇଆଇସି ଦୀନକୃଷ୍ଣ ମିଶ୍ର, ଏସ୍‌ଆଇ ବୈଶାଳିନୀ ପଣ୍ଡା, ଏଏସ୍‌ଆଇ ଏସ୍ ସାହୁ, ଏଏସ୍‌ଆଇ ସାଗାରିକା ରଥ ଏବଂ କନଷ୍ଟେବଳ ବଳରାମ ହାଣ୍ଡାଙ୍କୁ ନିଲମ୍ବନ କରାଯାଇଥିଲା।

# ରହସ୍ୟରେ ରୁକ୍‌ସାନାଙ୍କ ମୃତ୍ୟୁ



ସମ୍ବଲପୁରୀ,୧୯।୯(ସଂଚାର ବ୍ୟୁରୋ): ସାମ୍ନାକୁ ଆସିଲା ସମ୍ବଲପୁରୀ ଗାୟିକା ରୁକ୍‌ସାନାଙ୍କ ଶେଷ ଚିଠି ମୃତ୍ୟୁ ପୂର୍ବରୁ ରୁକ୍‌ସାନା ନିଜ ଅନୁଭୂତି ଏକ କାଗଜରେ ଲେଖୁଥିଲେ ଆଉ ସେହି ଚିଠି ଏବେ କନକ ନ୍ୟୁଜ ହାତରେ ଲାଗିଛି। ଡାକ୍ତରଖାନାରେ ଚିକିତ୍ସା ହେଉଥିବାବେଳେ ତାଙ୍କୁ ଯେଉଁ ଯନ୍ତ୍ରଣା ହେଉଥିଲା, ସେକଥା ଚିଠିରେ ବଖାଣିଛନ୍ତି ରୁକ୍‌ସାନା । ସେପଟେ କଣ୍ଠଶିଳ୍ପୀ ରୁଦ୍ଧାନା ବାନ୍ଧିଙ୍କ ମୃତ୍ୟୁକୁ ନେଇ ସନ୍ଦେହ ଉପୁଜିଛି । ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି ପରିବାର ଲୋକ ସାମାଜିକ ଗଣମାଧ୍ୟମରେ ତାଙ୍କ ମା' ପଶ୍ଚିମ ଓଡିଶାର ଜଣେ ବିଶିଷ୍ଟ କଳାକାର ରୁକୁ ସୁନାଙ୍କ ବିରୁଦ୍ଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ତେବେ ତାଙ୍କ ପରିବାର ପ୍ରତି ବିପଦ ଥିବାରୁ ସେମାନେ କୌଣସି ଥାନାରେ ଅଭିଯୋଗ କରିନାହାନ୍ତି ବୋଲି କହିଛନ୍ତି। ତାଙ୍କ ପଛରେ କିଛି ଅସାମାଜିକ ଯୁବକ ଥିବା ସାଂଘାତିକ ଅଭିଯୋଗ କରିଛନ୍ତି ରୁକସାନା ବାନୋଙ୍କ ପରିବାର। ପୂର୍ବରୁ ସେ ଦିଲ୍ଲୀ ଜନ୍ତରମନ୍ତରରେ ନିଜ ହକ ପାଇଁ ଧାରଣା ଦେଇ ଚର୍ଚ୍ଚିତ ହୋଇଥିଲେ ବରଗଡରେ ଚିକିତ୍ସାଧୀନ ଅବସ୍ଥାରେ ରୁକ୍‌ସାନାଙ୍କ ମୃତ୍ୟୁ ହୋଇଥିଲା।

# ଧାମନଗରରେ ଗୋଷ୍ଠୀ ସଂଘର୍ଷ: ୧୬୩ ଧାରା ଜାରି



ଧାମନଗର, ୧୯।୯ (ସଂଚାର ବ୍ୟୁରୋ): ଧୁଷୁରୀ ଥାନା ଗୁଡୁପୋଖରୀ ବଜାରରେ ୨ ଗୋଷ୍ଠୀ ମଧ୍ୟରେ ବଡ଼ଧରଣର ସଂଘର୍ଷ ଘଟି ୪ ଜଣ ଆହତ ହୋଇଛନ୍ତି। ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ତୁରନ୍ତ କଟକ ସ୍ଥାନାନ୍ତର କରାଯାଇଛି। ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ପ୍ରଶାସନ ପକ୍ଷରୁ ଘଟଣାସ୍ଥଳରେ ବିଏନ୍‌ଏସ୍‌ଏସ୍ ୧୬୩ ଲାଗୁ କରାଯାଇଛି। ୧ କି.ମି ପରିସର ମଧ୍ୟରେ ଏକତ୍ରିତ ହେବା ଓ ଶୋଭାଯାତ୍ରା ଉପରେ ମଧ୍ୟ କଟକଣା ଜାରି କରାଯାଇଛି। ଗୁରୁବାର ସନ୍ଧ୍ୟାରୁ ଆସନ୍ତା ୨୧ ତାରିଖ ରାତି ୧୦ଟା ପର୍ଯ୍ୟନ୍ତ ବିଏନ୍‌ଏସ୍‌ଏସ୍ ୧୬୩ ଅବ୍ୟାହତ ରହିବ। ପତାକା ଓପାଡ଼ିବାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିବା ସୂଚନା ମିଳିଛି। ଗଣ୍ଡଗୋଳ କରି ଶାନ୍ତି ଭଙ୍ଗ କରିବା ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଚାପା ଉତ୍ତେଜନା ଲାଗି ରହିଥିବାରୁ ଘଟଣାସ୍ଥଳରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଧାମନଗର ତହସିଲଦାର, ଆଇଆଇସି, ଏସ୍‌ଡିପିଓ, ଧୁଷୁରୀ ଓଆଇସି ପ୍ରମୁଖ ସ୍ଥିତି ଅନୁଧ୍ୟାନ କରିଛନ୍ତି।

## ଖାକିରେ କଳଙ୍କର ଛିଟା



ପୁରୀ, ୧୯।୯ (ସଂଚାର ବ୍ୟୁରୋ): ବିବାହ ପ୍ରଲୋଭନ ଦେଖାଇ ଶାରିରୀକ ସମ୍ପର୍କ ରଖିବା ଅଭିଯୋଗରେ ପୋଲିସ ବାବୁ ଗିରଫ। ଗିରଫ ପୋଲିସ ବାବୁ କୋଣାର୍କ ଥାନା କନେଷ୍ଟବଳ ଗୋବିନ୍ଦ ଚନ୍ଦ୍ର ସାହୁ। ଗୋବିନ୍ଦଙ୍କୁ ଗିରଫ କଲା ପୁରୀ ଟାଉନଥାନା ପୋଲିସ। ବ୍ରହ୍ମଗିରି ସାତପଡା ଅଞ୍ଚଳର ଯୁବତୀଙ୍କ ଅଭିଯୋଗ ଆଧାରରେ ଗିରଫ।

# ରାଜସ୍ୱ ସହାୟକ ବରଖାସ୍ତ

ଭୁବନେଶ୍ୱର, ୧୯।୯ (ସଂଚାର ବ୍ୟୁରୋ): ରାଜ୍ୟ ସରକାର ଜଣେ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ ସରକାରୀ ଚାକିରିରୁ ବରଖାସ୍ତ କରିଛନ୍ତି । ମୋହନ ମାଝୀଙ୍କ ସରକାରରେ କୌଣସି ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ବିରୋଧରେ ଏହା ପ୍ରଥମ କାର୍ଯ୍ୟାନୁଷ୍ଠାନ। ଅନୁଗୋଳ ଜିଲ୍ଲା ଯୋଜନା ଓ ମନିଟରିଂ ୟୁନିଟ(ଡିପିଏମୟୁ)ରେ ବରିଷ୍ଠ ରାଜସ୍ୱ ଅଧିକାରୀ ଲମ୍ବୋଦର ବେହେରାଙ୍କୁ ଦୁର୍ନୀତି ଅଭିଯୋଗରେ ଚାକିରିରୁ ବରଖାସ୍ତ କରାଯାଇଛି। ୨୦୧୨ ଏପ୍ରିଲରେ ସେ ଜମି ପଟ୍ଟା କରାଇ ଦେବା ପାଇଁ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ୨୦୨୪ ଜୁଲାଇ ୨୫ରେ ଅନୁଗୁଳସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ୨ବର୍ଷ ଜେଲ ଦଣ୍ଡାଦେଶ ପ୍ରଦାନ କରିଥିଲେ। କୋର୍ଟ ମଧ୍ୟ ତାଙ୍କୁ ଆଉ ଏକ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଥିଲେ । ଏହି ଦଣ୍ଡାଦେଶ ପରେ ରାଜ୍ୟ ଭିଜିଲାନ୍ସ ପକ୍ଷରୁ ବେହେରାଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ସୁପାରିଶ କରାଯାଇଥିଲା । ଯାହା ଆଧାରରେ ଶ୍ରୀ ବେହେରାଙ୍କୁ ବରଖାସ୍ତ କରାଯାଇଛି । ସୂଚନାଯୋଗ୍ୟ, ବିଜେଡି ସରକାର ଦୁର୍ନୀତି ଅଭିଯୋଗ ଓ ବେଆଇନ ସମ୍ପତ୍ତି ଠୁଳ ମାମଲାରେ ୪୭ଜଣ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦେଇଥିଲେ ।

### ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି

# ବିଷ୍ଣୁବାବୁ ଥିଲେ ତିହିଡ଼ି ମାଟିର ସୁଯୋଗ୍ୟ ସନ୍ତାନ



ଭଦ୍ରକ ୧୯।୯ (ସଂଚାର ବ୍ୟୁରୋ): ପୂର୍ବତନ ବିଧାୟକ ତଥା ବିରୋଧୀ ଦଳ ଉପନେତା ବିଷ୍ଣୁ ଚରଣ ସେଠୀଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇଛନ୍ତି। ତିହିଡି କାଳୀପଡ଼ିଆରେ ସ୍ମୃତି ସଭାରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଉପ ମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ, ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର ପ୍ରମୁଖ ଯୋଗ ଦେଇଛନ୍ତି। ଏହି ଅବସରରେ ଅତିଥି ମାନେ ବିଷ୍ଣୁ ସେଠୀଙ୍କ କବିତା ସଙ୍କଳନ 'ନଈ ପାଣି ନଈକୁ ଯା' ଉନ୍ମୋଚିତ କରିଛନ୍ତି । ବିଷ୍ଣୁ ସେଠୀ ସ୍ମୃତି ସଂସଦ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ବିଷ୍ଣୁ ପ୍ରେମୀ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ତିହିଡି ମାଟିର ସୁଯୋଗ୍ୟ ପୁତ୍ରଙ୍କୁ ମୋର ଶ୍ରଦ୍ଧାଞ୍ଜଳି । ୧୯୬୧ରୁ ଜନ୍ମିତ ବିଷ୍ଣୁ ବାବୁ ଜଣେ ରାଷ୍ଟ୍ରବାଦୀ ବ୍ୟକ୍ତି ଥିଲେ। ତାଙ୍କ ପାଇଁ କାନ୍ତକବିଙ୍କ ରଚିତ ବନ୍ଦେ ଉତ୍କଳ ଜନନୀ ରାଜ୍ୟ ସଙ୍ଗୀତ ଆଖ୍ୟା ପାଇଛି। ଭଦ୍ରକ ଜିଲ୍ଲାର ସୁପୁତ୍ର ଥିଲେ ଓ ମୋଗଲ ତାମସାକୁ ଲୋକଲୋଚନ ଆଣିବା ପାଇଁ ସେ ଉଦ୍ୟମ କରିଥିଲେ। ରାଜ୍ୟ ପ୍ରଭାରୀ ଶ୍ରୀ ତୋମାର, ଉପ ମୁଖ୍ୟମନ୍ତ୍ରୀ ସିଂଦେଓ, ରାଜ୍ୟ ସଭାପତି ଶ୍ରୀ ସାମଲ ପ୍ରମୁଖ ବିଷ୍ଣୁବାବୁଙ୍କ ସ୍ମୃତି ଚାରଣ କରିଥିଲେ।

# ନନ୍ଦନକାନନରୁ ବାଲୁଖଣ୍ଡ ଗଲେ ୧୩ କୃଷ୍ଣସାର

ଭୁବନେଶ୍ୱର, ୧୯।୯ (ସଂଚାର ବ୍ୟୁରୋ): ନନ୍ଦନକାନନରୁ କୋଣାର୍କ-ବାଲୁଖଣ୍ଡ ଅଭୟାରଣ୍ୟ ଗଲେ ୧୩ କୃଷ୍ଣସାର ମୃଗ। ବୁଧବାର ବିଳମ୍ବିତ ରାତିରେ ଏକ ସ୍ୱତନ୍ତ୍ର ଭ୍ୟାନରେ ନନ୍ଦନକାନନ ଚିଡ଼ିଆଖାନାରୁ କୃଷ୍ଣସାର ମୃଗମାନଙ୍କୁ କୋଣାର୍କ ନିଆଯାଇଥିଲା। ଅଭୟାରଣ୍ୟରେ କୃଷ୍ଣସାର ମୃଗ ବଂଶ ବୃଦ୍ଧି ପାଇଁ ବନ ବିଭାଗ ଏପରି ବ୍ୟବସ୍ଥା କରିଛି। କୋଣାର୍କ-ବାଲୁଖଣ୍ଡ ଅଭୟାରଣ୍ୟରେ ପୂର୍ବରୁ କୃଷ୍ଣସାର ମୃଗ ଥିଲେ। ହେଲେ ଗତ ୨୦ ବର୍ଷ ହେଲା ସେମାନଙ୍କ ବଂଶ ଲୋପ ପାଇଯାଇଛି। ଏବେ ପର୍ଯ୍ୟାପ୍ତ ପରିମାଣର ଚିତ୍ରା ହରିଣ ରହିଛନ୍ତି। ରିପୋର୍ଟ ଅନୁସାରେ ୫୦୦୦ରୁ ଅଧିକ ହରିଣ ଅଛନ୍ତି। କୃଷ୍ଣସାର



ମୃଗ ବଂଶ ବୃଦ୍ଧି ପାଇଁ ପ୍ରଶାସନ ଉଦ୍ୟମ ଆରମ୍ଭ କରିଛି। ପ୍ରଥମ ପର୍ଯ୍ୟାୟରେ ଅର୍ଥାତ ଗତ ଜୁନ ୧୮ ତାରିଖରେ ୬ ମାଈ ଓ ୪ ଅଣ୍ଡିରା ମୋଟ୍ ୧୦ କୃଷ୍ଣସାର ମୃଗ ଉକ୍ତ ଅଭୟାରଣ୍ୟରେ ଛଡ଼ା ଯାଇଥିଲା। ଏବେ ଆଉ ୧୩ କୃଷ୍ଣସାର ମୃଗ ନନ୍ଦନକାନନରୁ ନିଆଯାଇଛି। ଅଭୟାରଣ୍ୟକୁ ଆସିଥିବା କୃଷ୍ଣସାର ମୃଗମାନଙ୍କୁ କ୍ୱାରେଣ୍ଟାଇନ୍‌ରେ ରଖାଯାଇଛି। ପ୍ରାୟ ୧୦ ଦିନ ପରେ ସେମାନଙ୍କୁ ଅଭୟାରଣ୍ୟରେ ମୁକ୍ତ ଭାବେ ଛଡ଼ାଯିବ। ସେମାନଙ୍କୁ କୁରୁଜଙ୍ଗ ଇଡିସି ସଂଲଗ୍ନ ଜଙ୍ଗଲରେ ଛଡ଼ାଯିବ। ସେମାନଙ୍କ ଖାଇବା ପାଇଁ ସ୍ୱତନ୍ତ୍ର ଘାସ ଓ ପିଇବା ପାଣିର ବ୍ୟବସ୍ଥା କରାଯାଇଛି। ଆଗକୁ ଆହୁରି ୨ଟି କୃଷ୍ଣସାର ମୃଗ ନନ୍ଦନକାନନରୁ ଆସିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ସଫଳତା ଅପେକ୍ଷା ବିଫଳତା ତାଲିକା ଲମ୍ବା



ଭୁବନେଶ୍ୱର, ୧୯।୯ (ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ଶହେ ଦିନର ସଫଳତା ଅପେକ୍ଷା ବିଫଳତା ଅଧିକ। ସରକାରଙ୍କ ସମୟରେ ଓଡିଶାର ବିକାଶ ଦୁଇ ପାଦ ପଛକୁ ଯିବ ବୋଲି ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତଥା ପୂର୍ବତନ ମନ୍ତ୍ରୀ ଅରୁଣ ସାହୁ କଟାକ୍ଷ କରିଛନ୍ତି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶହେ ଦିନର ବିଫଳତା ଗୁଡିକ ଉପରେ ଆଲୋକପାତ କରି ଶ୍ରୀ ସାହୁ କହିଛନ୍ତି, ଖଜୁରୀ ଗଛର କି ଗୁଣ ଗାଇବି ନା, ମୂଳରୁ ପାହାଚ ପାହାଚ। ତୁଳସୀ ଦୁଇ ପତ୍ରରୁ ବାସେ ପରି ରାଜ୍ୟ ସରକାରଙ୍କ ଶହେ ଦିନର କାର୍ଯ୍ୟକ୍ରମରୁ ସ୍ପଷ୍ଟ ହେଉଛି ଯେ ସଫଳତା ତୁଳନାରେ ବିଫଳତା ଅଧିକ। ବିଜେପି ତାର ନିର୍ବାଚନ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା, ବାର୍ଦ୍ଧକ୍ୟ ଭତ୍ତାକୁ ୩୦୦୦ ଟଙ୍କାକୁ ବୃଦ୍ଧି କରିବ, କିନ୍ତୁ କେବଳ ୮୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ଓ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ମାସିକ ଭତ୍ତାକୁ ୩୫୦୦ ଟଙ୍କାକୁ ବୃଦ୍ଧି ହେଲା। ୮୦ ଭାଗ ଭତ୍ତାଧାରୀ ରାଜ୍ୟ ସରକାରଙ୍କ ପ୍ରବଞ୍ଚନାର ଶିକାର ହୋଇଛନ୍ତି। ଓଡ଼ିଆ ଅସ୍ମିତାର ନାରା ଦେଇ ସରକାରକୁ ଆସିଥିବା ବିଜେପି ରାଜ୍ୟରେ ଓଡିଆଙ୍କୁ ନ୍ୟାୟ ଦେବାରେ ବିଫଳ ହେଉଛି, ଯାହା ଆମେ ରାଜ୍ୟପାଳଙ୍କ ପୁଅ ଦ୍ୱାରା ଜଣେ ଓଡ଼ିଆ ଅଧିକାରୀଙ୍କ ଉପରେ ଆକ୍ରମଣ ଘଟଣାରୁ ଦେଖିଲେ। ଶ୍ରୀ ସାହୁ ଆହୁରି କହିଥିଲେ, ଚିକିଟି ମଦ ମୃତ୍ୟୁ ଘଟଣାରେ ପାଞ୍ଚ ଜଣଙ୍କ ଜୀବନ ଯାଇଥିଲା ଯାହା ରାଜ୍ୟ ସରକାରଙ୍କ ଆଉ ଏକ ବିଫଳତା ଥିଲା। ବିଜେପି ସରକାର ଦାୟିତ୍ୱ ନେବା ପରେ ରାଜ୍ୟରେ ସାମ୍ପ୍ରଦାୟିକ ଉତ୍ତେଜନା ଓ ଦଙ୍ଗା ଭଳି ସ୍ଥିତି ଏକାଧିକ ସ୍ଥାନରେ ଉପୁଜିଥିଲା। ସେହିପରି ଏହି ଶହେ ଦିନ ଭିତରେ ରାଜ୍ୟରେ ଏକାଧିକ ନାବାଳିକା ଧର୍ଷଣ ଓ ହତ୍ୟା ଘଟଣା ଲୋକଲୋଚଙ୍କୁ ଆସିଛି। ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ଉପରେ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣ ନଥିବା ସ୍ପଷ୍ଟ ହେଉଛି। ରାଜଧାନୀରେ ଜଣେ ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀଙ୍କ ଉପରେ ଅମାନବୀୟ ଅତ୍ୟାଚାର ରାଜ୍ୟର ପୋଲିସ ପ୍ରଶାସନର ସ୍ଥିତିକୁ ଦର୍ଶାଉଛି। ବିଜେପି ସରକାର ସୁଭଦ୍ରା ଯୋଜନା ଉପରେ ଅନେକ ବାହାସ୍ଫଟ ମାରୁଥିଲେହେଁ, ବାସ୍ତବରେ ସୁଭଦ୍ରା ଯୋଜନାରେ ସରକାର ରାଜ୍ୟର ମହିଳାମାନଙ୍କୁ ପ୍ରତାରଣ କରିଛନ୍ତି। ବିଜେପିର ନିର୍ବାଚନୀ ଇସ୍ତାହାରରେ ପ୍ରତି ମହିଳାଙ୍କୁ ଦୁଇ ବର୍ଷରେ ପଚାଶ ହଜାର ଟଙ୍କା ଦିଆଯିବ ବୋଲି କହିଥିଲେ କିନ୍ତୁ ଦୁଇ ବର୍ଷ ପରିବର୍ତ୍ତେ ପାଞ୍ଚ ବର୍ଷରେ ପଚାଶ ହଜାର ଦେବେ ବୋଲି କହିଛନ୍ତି। କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ପ୍ରତିଷ୍ଠା ହୋଇଥିଲେ ମଧ୍ୟ ଓଡିଶା ପ୍ରତି କେନ୍ଦ୍ରର ଅବହେଳା ଜାରି ରହିଛି। କେନ୍ଦ୍ର ବିଜେଟରେ ବିହାରକୁ ୨୬, ୦୦୦ କୋଟି ଟଙ୍କା ଓ ଆନ୍ଧ୍ର ପ୍ରଦେଶକୁ ପ୍ରାୟ ୧୬, ୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ ଦେଇଥିବା ବେଳେ ଓଡିଶାକୁ ସ୍ୱତନ୍ତ୍ର ଅନୁଦାନ ଦିଆ ଯାଇ ନାହିଁ। ପୋଲଭରମ ପ୍ରକଳ୍ପ ଦ୍ୱାରା ମୋଟୁ ଓ ପଡ଼ିଆ ଅଞ୍ଚଳ ସମ୍ପୂର୍ଣ୍ଣ ଜଳମଗ୍ନ ହେବାକୁ ଯାଉଛି। ହେଲେ ଓଡ଼ିଶାର ସ୍ୱାର୍ଥକୁ କେନ୍ଦ୍ର ସମ୍ପୂର୍ଣ୍ଣ ଅଣଦେଖା କରିଛି। ଦରଦାମ ହୁହୁ ହୋଇ ବଢ଼ୁଛି। ଆଳୁ ଓ ପରେ ପିଆଜର ଅହେତୁକ ଦରବୃଦ୍ଧି ଯୋଗୁଁ ରାଜ୍ୟବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ରାଜ୍ୟ ସରକାର ଏହି ସମସ୍ୟାର ନିରାକରଣ ପାଇଁ କୌଣସି ଠୋସ ପଦକ୍ଷେପ ନେଇ ପାରି ନାହାନ୍ତି ବୋଲି ସାହୁ କହିଛନ୍ତି।

### ୧୦୦ ଦିନରେ ୪୫ ହଜାର କୋଟିର ପୁଞ୍ଜି ନିବେଶ

# ୫ ବର୍ଷରେ ନିର୍ମାଣ ହେବ ୧୧ ଏମ୍‌ଏସ୍‌ଏମ୍‌ଇ ପାର୍କ



ଭୁବନେଶ୍ୱର, ୧୯।୯ (ସଂଚାର ବ୍ୟୁରୋ): ଆସନ୍ତା ୫ ବର୍ଷରେ ୧୧ ଏମ୍‌ଏସ୍‌ଏମ୍‌ଇ ପାର୍କ ନିର୍ମାଣ ହେବ। ଏଫ୍‌ଡିଆଇ ପାର୍କ ନିର୍ମାଣ ହେବା ପାଇଁ ବଜେଟରେ ବ୍ୟବସ୍ଥା କରାଯାଇଛି। ଏ ପର୍ଯ୍ୟନ୍ତ ରାଜ୍ୟରେ ୧୬ ଏମ୍‌ଏସ୍‌ଏମ୍‌ଇ ପାର୍କ ଅଛି। ସେହିପରି ଆଗାମୀ ୫ ବର୍ଷ ଭିତରେ ୪ଟି ମଲ୍ଟି ମୋଡାଲ ଲଜିଷ୍ଟିକ ପାର୍କ ନିର୍ମାଣ ହେବ। ବିଜେପି ସରକାରଙ୍କ ୧୦୦ ଦିନ ପୂର୍ତ୍ତି କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ଏହି ସୂଚନା ପ୍ରଦାନ କରିଛନ୍ତି। ସେ କହିଛନ୍ତି ଗତକାଲି ଉଚ୍ଚସ୍ତରୀୟ ବୈଠକରେ ୧୨ଟି ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏଥିରେ ୩୯ ହଜାର କୋଟିର ନିବେଶ ହେବ। ଗତ ୧୦୦ ଦିନ ଭିତରେ ୪୫ ହଜାର କୋଟିର ପୁଞ୍ଜି ନିବେଶ ବ୍ୟବସ୍ଥା ହୋଇଛି। ଏହା ଦ୍ୱାରା ୨୩ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଶ୍ରମିକମାନଙ୍କ ପାଇଁ ହଷ୍ଟେଲ ନିର୍ମାଣ ହେବ ବୋଲି ମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।

## ମଦ ଜବତ, ଜଣେ ଗିରଫ

ଟାଙ୍ଗୀ-ଚୌଦ୍ୱାର, ୧୯।୯ (ସଂଚାର ବ୍ୟୁରୋ): ବେଆଇନ୍ ଦେଶୀମଦ କାରବାର ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଜଣ ହେଲା ମୟୁରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅନ୍ତର୍ଗତ କୁଶ ଗଡ଼ିଆ ଗ୍ରାମର ରାମଚନ୍ଦ୍ର ମୁର୍ମୁ(୨୩) । ସେ ଏକ ସ୍କୁଟିରେ ଆଠଗଡ଼ ଅଞ୍ଚଳରୁ ୬୦ ଲିଟର ଦେଶୀ ମଦ ନେଇ ଚୌଦ୍ୱାର ଆଡ଼କୁ ଆସୁଥିବାବେଳେ ୫୫ନମ୍ବର ଜାତୀୟ ରାଜପଥର ଚୌଦ୍ୱାର ନିକଟବର୍ତ୍ତୀ ଧୂମାବତୀ ଛକରେ ପୋଲିସ ହାତରେ ଧରା ପଡ଼ିଥିଲା ।

# ବାଲେଶ୍ୱର ବନ୍ୟା ସ୍ଥିତି ସଙ୍ଗୀନ୍



ବାଲେଶ୍ୱର, ୧୯।୯ (ସଂଚାର ବ୍ୟୁରୋ): ଉପରମୁଣ୍ଡରେ ଲଗାଣବର୍ଷା ପ୍ରଭାବରେ ରାଜ୍ୟର ୪ଟି ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ଓ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ସୁବର୍ଣ୍ଣରେଖା ଓ ଜଳକା ନଦୀର ଜଳସ୍ତର ହ୍ରାସ ପାଉଥିଲେ ମଧ୍ୟ ସୁବର୍ଣ୍ଣରେଖା ନଦୀ ଆଜି ମଧ୍ୟ ବିପଦସଙ୍କେତ ଉର୍ଦ୍ଧ୍ୱରେ ପ୍ରବାହିତ ହେଉଛି । ବନ୍ୟା ଯୋଗୁ ସର୍ବାଧିକ ବାଲେଶ୍ୱର ଜିଲ୍ଲା ପ୍ରଭାବିତ ହୋଇଛି। ଗୁରୁବାର ସୁଦ୍ଧା ୨୧୦୭୬ଜଣ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାରେ ବନ୍ୟା ପରିସ୍ଥିତି ଯୋଗୁ ୩୩ ବ୍ଲକ ଓ ୨ଟି ପୌରାଂଚଳର ୩୯ହଜାର ଲୋକ ପ୍ରଭାବିତ ହୋଇଥିବାବେଳେ ୪୯୯ ଘର ନଷ୍ଟ ହୋଇଛି ।

# ସାରା ରାଜ୍ୟରେ ଜବରଦଖଲ-୧୪ଲକ୍ଷ ମାମଲା

ଭୁବନେଶ୍ୱର, ୧୯।୯: ଜମି ଜବରଦଖଲକାରୀମାନେ ଏବେ ସହର ଠାରୁ ଆରମ୍ଭ କରି ଗାଁ ପର୍ଯ୍ୟନ୍ତ ସବୁଆଡେ ସରକାରୀ ଜମି ଉପରେ ଲୋଲୁପଦୃଷ୍ଟି ପକାଇବାରେ ଲାଗିଛନ୍ତି। ଏମାନଙ୍କ ପାଇଁ ସରକାରଙ୍କ ଉପରେ ମାମଲା ବୋଝ ବଢ଼ିବା ସହିତ ବର୍ଷକୁ ହାରାହାରି ଭାବେ ଏକ ଲକ୍ଷରୁ ଅଧିକ ମାମଲା ରୁଜୁ ହେଉଛି। ଜମି ମାଫିଆମାନେ ଏବେ ସରକାରୀ ଜମି ଜବରଦଖଲ ପାଇଁ ଲାଗି ପଡ଼ିଛନ୍ତି। ଏମାନଙ୍କ କବଳରୁ ସରକାରୀ ଜମିକୁ ମୁକୁଳାଇବାପାଇଁ ଗତ ୧୦ବର୍ଷ ଭିତରେ ୧୪ଲକ୍ଷରୁ ଅଧିକ ମାମଲା ରୁଜୁ ହୋଇଛି। ଯଦିଓ ସରକାର ମାମଲା ଲଢ଼ି ୧୩ଲକ୍ଷ ମାମଲା ଫଏସଲା କରିଛନ୍ତି କିନ୍ତୁ ଏ ବାବଦରେ ରାଜକୋଷରୁ ଅର୍ଥ ଶ୍ରାଦ୍ଧ ହେବାରେ ଲାଗିଛି।
ସରକାରୀ ଜମି ଜବରଦଖଲର ଏକୁଡିଶାଳ ପାଲଟିଛି ମୟୂରଭଞ୍ଜ ଓ ନବରଙ୍ଗପୁର ଜିଲ୍ଲା। ଏହି ଦୁଇ ଜିଲ୍ଲାରେ ଏକ ଲକ୍ଷ କରି ଅଧିକ ଜମି ଜବରଦଖଲ ମାମଲା ରୁଜୁ ହୋଇଛି। ଏହାଛଡା ଆଦିବାସୀ ଅଧ୍ୟୁଷିତ ମାଲକାନଗିରି, କଳାହାଣ୍ଡି ଓ ସୁନ୍ଦରଗଡ଼ ଭଳି ଜିଲ୍ଲାରେ ସରକାରୀ ଜମି ଜବରଦଖଲ ମାମଲା ବି କିଛି କମ୍ ନୁହେଁ।



ଏହିସବୁ ଜିଲ୍ଲାରେ ୮୦ହଜାରରୁ ଅଧିକ କରି ମାମଲା ରୁଜୁ ହୋଇଛି।
ସବୁଠାରୁ କମ୍ ମାମଲା ରହିଛି ଖୋରଧା ଜିଲ୍ଲାରେ। ଏଠାରେ ୧୦ହଜାରରୁ ସାମାନ୍ୟ ଅଧିକ ଜବରଦଖଲ ମାମଲା ରୁଜୁ ଦର୍ଶାଯାଉଥିବାବେଳେ ଏଥିରୁ ଅଧିକାଂଶ ହେଉଛି ରାଜ୍ୟ ରାଜଧାନୀରେ। ରାଜଧାନୀରେ ଥିବା ମୂଲ୍ୟବାନ ଜମି ଉପରେ ଜବରଦଖଲକାରୀମାନେ ଲୋଲୁପ ଦୃଷ୍ଟି ପକାଇଛନ୍ତି। ସଚିବାଳୟ ଆଖପାଖ ଠାରୁ ଆରମ୍ଭକରି ସହରତଳି ଅଞ୍ଚଳରେ ସାଧାରଣ ପ୍ରଶାସନ ବିଭାଗ, ହାଉସିଂବୋର୍ଡ, ବିଡିଏ, ଖଦି ବୋର୍ଡ ଆଦି ସରକାରୀ ବିଭାଗ ଓ ସଂସ୍ଥାର ଜମିକୁ ରାତାରାତି ଜବରଦଖଲ କରିବା ସହିତ ବିକ୍ରି ମଧ୍ୟ କରିଦେଉଛନ୍ତି।
ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ଜମି ଜବରଦଖଲକାରୀମାନେ ଅତ୍ୟନ୍ତ ସୁଚିନ୍ତିତ ଢଙ୍ଗରେ ସରକାରୀ ଜମିକୁ ମାଡି ବସୁଛନ୍ତି। ପ୍ରଥମେ ଜମିକୁ ଘେରାଇବା ସହିତ ସେଠାରେ ଧିରେ ଧିରେ ବସ୍ତି କରୁଛନ୍ତି। ପରେ ସେହି ଜମିକୁ ଅନ୍ୟ ଲୋକଙ୍କୁ ବିକ୍ରି କରୁଛନ୍ତି। ଯେଉଁମାନଙ୍କୁ ଜମି ବିକ୍ରି କରୁଛନ୍ତି ସେମାନଙ୍କୁ ଘର କରିବା ଠାରୁ ବିଦ୍ୟୁତ୍ ଓ ଜଳ ଯୋଗାଣ ନେଇ ସବୁ ପ୍ରକାର ଆଶ୍ୱାସନା ଦେଉଛନ୍ତି। ଏହାଛଡା ସରକାର ଜବରଦଖଲ ହଟାଇବାକୁ ଆସିଲେ ପ୍ରତିବାଦ ପାଇଁ ସବୁ ବ୍ୟବସ୍ଥା କରୁଛନ୍ତି। ଫଳରେ ସରକାରୀ ଜମିକୁ ମାଫିଆମାନେ ଲକ୍ଷ ଲକ୍ଷ ଟଙ୍କାରେ ବିକ୍ରି କରୁଛନ୍ତି।
ଜମି ଜବରଦଖଲକାରୀମାନେ ଅନେକ ସ୍ଥାନରେ ସରକାରୀ ଜମି ଉପରେ ଘର କିମ୍ବା ଦୋକାନଘର କରି ଭଡାରେ ଲଗାଇ ଦେଉଛନ୍ତି। ସେହି ଭଡା ଟଙ୍କାରେ ମାମଲା ଲଢୁଥିବାବେଳେ ଜମି ମୁକୁଳାଇବାପାଇଁ ସରକାର କିନ୍ତୁ ରାଜକୋଷ ଅର୍ଥରେ ଲଢୁଛନ୍ତି। ତେବେ ଜବରଦଖଲ ହୋଇଥିବା ସରକାରୀ ଜମିକୁ ମୁକୁଳାଇବାପାଇଁ ଖୋଦ୍ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବାପରେ ସାରା ରାଜ୍ୟରେ ଜବରଦଖଲକାରୀମାନେ ଏବେ ଛାନିଆ ହୋଇଥିବା ଲକ୍ଷ୍ୟ କରାଯାଇଛି। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର